ବିପ୍ରକବି କାମପାଳ ଦାସଙ୍କ କୃତ

ମତ୍ସ୍ୟ ପୁରାଣ

ଧର୍ମଗ୍ରନ୍ଥ ଷ୍ଟୋର®

Digitized by srujanika@gmail.com

ମତ୍ସ୍ୟ ପୁରାଣ

ପ୍ରଥମ ଅଧ୍ୟାୟ

ଶ୍ଳୋକଃ

ନାରାୟଣଂ ମନସ୍କୃତ୍ୟ ନରଂ ଚୈବ ନରୋତ୍ତମଂ
ଦେବୀଂ ସରସ୍ୱତୀଂ ବ୍ୟାସଂ ତତୋ ଜୟମୁବୀରୟତେ୍ । ୧ ।
ବେଦାନୁଦ୍ଧରତେ ଜଗନ୍ତି ବହତେ ଭୂଗୋଳମୁଦ୍ ବିଭ୍ରତେ
ଦୈତାନ୍ ଦାରୟତେ ବଳିଂ ଛଳୟତେ କାରୁଣ୍ୟ ମାତନ୍ୱତେ
ମ୍ଳେଚ୍ଛାନ୍ ମୁଚ୍ଛୟତେ ଦଶା କୃତି କୃତେ କୃଷ୍ଣାୟ ତୁଭ୍ୟଂ ନମଃ ।

ବନ୍ଦନା

ନମସ୍ତେ ହେ ଜଗନ୍ନାଥ ପରଂବ୍ରହ୍ମ ମୁର୍ତ୍ତି
ନବରତ୍ନରେ ଜଡ଼ିତ ଅଙ୍ଗ ମେଘକାନ୍ତି ।
ମଣିମୟର ମୁକୁଟ ଶିରେ ଅଛି ଜଡ଼ି
ଶ୍ରୀମୁଖକୁ ଶୋଭାପାଏ ନିଶ ଆଉ ଦାଢ଼ି ।
କପୋଳରେ ଶୋଭାପାଏ ଗୋରାଚନା ଚିତା
ଡ଼ାଳିମ୍ବମଞ୍ଜି ଦଶନ ଅଧର ରଙ୍ଗତା ।
ହୃଦୟରେ ନବଗୁଣ ପଇତା ଭୂଷଣ
ଆଭରଣ ପିତାମ୍ବର ସୁବର୍ଣ୍ଣ ରସାଣ ।
ଗତାଭୂଷଣ ସୁବର୍ଣ୍ଣ ଶତଦଳ ମାଳା
ଆବର ଶୋଭାକରଇ ହୃଦେ ଜଗତ୍‌ବଳା ।
ବାହେ ବାହୁଟି ଅଙ୍ଗୁଷ୍ଠି ମୁଦ୍ରିକା ଭୂଷଣ
ଶଙ୍ଖ, ଚକ୍ର, ଗଦା, ପଦ୍ମ ସୂର୍ଯ୍ୟର କିରଣ ।
ଜାନୁଯାଏ ଲମ୍ବିଅଛି ଦୀର୍ଘ ଚାରିବାହୁ
ଶରଣରକ୍ଷଣ ଭୁଜ ଦିଶେଦାଉ ଦାଉ ॥
ପାଦରୁ ଜାହ୍ନବୀଦେନୀ ଯାଉଛନ୍ତି ରହି
ପୁଷ୍କର ସକଳତୀର୍ଥ ଘେନିଅଛି ରହି ।
ସମ୍ମୁଖରେ ବିରାଜଇ ବିନତା ଆତ୍ମଜ
ଅବ୍ୟକ୍ତ ଶ୍ରୀ ନିରଞ୍ଜନ ନାରାୟଣ ଭଜ ।
ବଇଠି ଜଗନ୍ନାଥଙ୍କ ରତ୍ନ ସିଂହାସନ ।
ବ୍ରହ୍ମା ରୁଦ୍ର ଇନ୍ଦ୍ର ନିତି କରନ୍ତି ଦର୍ଶନ ।
ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରେ ବିଜେ ଦେବହରି
ବ୍ରହ୍ମା ସୃଜିଲା ତାହାକୁ ଶଙ୍ଖନାଭି ପରି ।

Digitized by srujanika@gmail.com

ସେ ନୀଳସୁନ୍ଦର ଗିରିହତ୍ୟା ବିମୋଚନ
ଯେ ପୁରେ ବିଜୟ ପୂର୍ଣ୍ଣ ବ୍ରହ୍ମ ସନାତନ ।
ଚଉଦ ବ୍ରହ୍ମାଣ୍ଡେ ପୂର୍ଣ୍ଣରୂପେ ଛନ୍ତି ରହି
ଜନଜନ୍ତୁ ହୃଦେ ଭୋଗ ଭୁଞ୍ଜିବାର ପାଇଁ ।
ଠୂଳକୁ ସୃଜଇ ପୁଣି ଠୁଳେ ସଂହାରଇ
ଠୂଳରୁ ଜାତ କରିଣ ସଂହାର ସୃଜଇ ।
ଶ୍ରୀ ପୁରୁଷୋତ୍ତମେ ବିଜେ ପୂର୍ଣ୍ଣବ୍ରହ୍ମ ହରି
ସେ ରୂପ ଚିହ୍ନି ନ ପାରନ୍ତି ଏବା ଶରୀରଧାରୀ ।
ଆନ ଚିହ୍ନିବାକୁ କିଏ ହୋଇବ ଭାଜନ
ଧ୍ୟାନେ ଦେଖି ନ ପାରନ୍ତି ଯାକୁ ଯୋଗୀଜନ ।
ଜଗନ୍ନାଥଙ୍କୁ ଭଜଇ ଯେହୁ ଦୃଢ଼ ଭାବେ
ପାଦେ ଚାଲି ଆସିକରି ଦେଖା ଯାର ଠାବେ ।
ସେହି ଦେଖିପାରେ ସିନା ଆନେ ଅଗୋଚର
କାହିଁ ଦେଖିପାରିବ ସେ ଶୂନ୍ୟ କଳେବର ।
ମରଣ କାଳେ ଭଜିଲେ ତାଙ୍କୁ ଦେଖାପାଇ
ନହୋଇଲେ ସଦା ଯେହୁ ନାମ ଗୁଣୁଥାଇ ।
ତମଯୁକ୍ତ ଲୋକ ତହିଁ ପାଇବ ବା କାହିଁ
ନମସ୍ତେ ଶ୍ରୀ ନାରାୟଣ କମଳାର ସାଇଁ ।
ମତ୍ସ୍ୟ ନାରାୟଣଙ୍କର ଚରଣ କମଳେ
ମୋର ଚିତ୍ତ ନିମଜ୍ଜିଣ ଥାଉ ସଦାକାଳେ ।

ପୂର୍ଣ୍ଣ ମହାପ୍ରଳୟ ବିବରଣ

ଉତ୍କଳ ଦେଶ ଦକ୍ଷିଣ ସମୁଦ୍ରର କୂଳେ
ତହିଁର ନୃପତି ଇନ୍ଦ୍ରଦ୍ୟୁମ୍ନ ମହୀପାଳେ ।
ତପନ ବଂଶରେ ସେହୁ ହୋଇଲେ ଉଦୟ
ମହାପ୍ରତାପି ରାଜନ ସର୍ବେ କଲେ ଭୟ ।
ଧାର୍ମିକପଣରେ ରାଜା ଅଟନ୍ତି କୁଶଳ
ପ୍ରବେଶ ହୋଇଲେ ରାଜା ବ୍ରହ୍ମାଙ୍କ ମଣ୍ଡଳ ।
ସହସ୍ରେ ବର୍ଷ ରହିଲେ ତହିଁ ମହାରାଜା
ନାରଦ ମୁନିଙ୍କି କଲେ ଭକ୍ତିଭାବେ ପୂଜା ।
ବୋଇଲେ ଭୋ ମୁନି କୁହ ଶ୍ରୀକୃଷ୍ଣ ଚରିତ
ଯାହାକୁ ଶୁଣିଲେ ଦେହ ହୋଇବ ପବିତ୍ର ।
ପୁରାଣ ଚରିତ ସବୁ କୁହ ତପଶୀଳ
ତୁମ୍ଭର ଭେଟ ପାଇଲି ମୋ କର୍ମ ସୁଫଳ ।
ବିଷ୍ଣୁ ପୁରାଣକୁ ଶୁଣି ହୋଇବି ମୁକତି
ତରିବି ଭବବାରିଧି ପରଲୋକେ ଗତି ।
ତୁମ୍ଭଙ୍କୁ ଭେଟିଲି ବିଷ୍ଣୁ ଦର୍ଶକ ସମାନ
ତୁମ୍ଭ ମୁଖରୁ ଶୁଣିଲେ ପୁଣ୍ୟ ଅକଥନ ।
ଏତେ କହି ଦ୍ରହସିତ ହେଲେ ନୃପବର
ନୃପଭକ୍ତି ଦେଖି ତୃପ୍ତ ବ୍ରହ୍ମାଙ୍କ କୁମର ।
ବୋଇଲେ କହିବା ତୋତେ ଶ୍ରୀହରି ଚରିତ
ଆମ୍ଭେ ଯାହା ନାମଗୋଟି ଭଜୁଅଛୁ ନିତ୍ୟ ।
ତୁହିତ ନୃପତି ଅଟୁ ବିଷ୍ଣୁଙ୍କ ଭକତ
କି ପୁରାଣ ଶୁଣିବାକୁ ବଳେ ତୋର ଚିତ୍ତ ।
ନୃପବୋଲେ ତୁମ୍ଭେ ଶୁଣ ହେ ମୁନିସତ୍ତମ
ତୁମ୍ଭ ମୁଖୁଁ ଜାତ ଯେହୁ ତୁମ୍ଭଙ୍କୁ ଉତ୍ତମ ।
ନାରଦ ବୋଇଲେ ପୃଥ୍ୱୀ ହେଲା ଯେଉଁ କାଳେ
ବହୁପୁରାଣହୋଇଛି ଏହି ଭୂମଣ୍ଡଳେ ।
ବ୍ରହ୍ମାଣ୍ଡ ପୁରାଣେ ପଢ଼େ ବ୍ରହ୍ମାଣ୍ଡର ଗତି
ବ୍ରହ୍ମବୈବର୍ତ୍ତ ପୁରାଣେ ବ୍ରହ୍ମ ଉତପତ୍ତି ।
ଇଦଂଶାମ୍ବ ପୁରାଣ ଯେ ଅଟେ ବାକ୍ୟ ସାର
ପାପକୁ ବିଷ୍ଣୁ ପୁରାଣ ଯେହ୍ନେ ଅଗ୍ନିଶର ।
ଶିବପୁରାଣେ ପଢଇ ଶିବଙ୍କ ଚରିତ
ଆଦ୍ୟ ପୁରୁଷ ଅଟନ୍ତି ପ୍ରଭୁ ବିଶ୍ୱନାଥ ।
ତାହା ଶୁଣିଲେ ହେରାଜା ଶିବଲୋକ ପାଇ
ରୁଦ୍ରରୂପେ ରୁଦ୍ରଗଣସଙ୍ଗେ ବିହରଇ ।
ସ୍କନ୍ଦପୁରାଣଯେ ପଦ୍ମପୁରାଣପୋଥିରେ
ଗଙ୍ଗା ମାହାତ୍ମ୍ୟ ଲିଖିତହୋଇଛି ତହିଁରେ ।
ପାପନାଶକ ଅଟଇ ବିଷ୍ଣୁ ପଦମାନ
ଶାମ୍ବ ପୁରାଣେ ଶୁଣିଲେ ପାପ ବିମୋଚନ ।
ମତ୍ସ୍ୟପୁରାଣେ ଅମୃତ ପରାୟେ ଚରିତ
ମୀନ ଅବତାର ହେଲେ ପ୍ରଳୟେ ଅଚ୍ୟୁତ ।
କୁର୍ମ ପୁରାଣରେ କୁର୍ମ ଅବତାରହରି
ବରାହପୁରାଣରେ ପୃଥ୍ୱୀ ଦନ୍ତାଗ୍ରେ ଧରି ।
ନୃସିଂହ ପୁରାଣେ ହେଲେନରସିଂହ ରୂପ
ନଖେ ବିଦାରିଲେ ପ୍ରଭୁ ହିରଣ୍ୟକଶିପ ।
ବାମନ ପୁରାଣେ ହରି ବାମନବତାର
ବଳିକି ଛଳି ରଖିଲେ ପାତାଳର ପୁର ।
ମାର୍କଣ୍ଡ ପୁରାଣେପାପ ପୁଣ୍ୟ କଥାଯାକ
ପୁଣ୍ୟଜନଙ୍କୁ ଅମୃତ ପାପିଙ୍କୁ ନରକ ।
ଯମ ପୁରାଣ ମହିମା ଅଟେ ଯେ ପ୍ରକାର
ପୁଣ୍ୟକୁ ଉତ୍ତମସ୍ଥାନ ପାପୀକୁ ପ୍ରହାର ।

Digitized by srujanika@gmail.com

ଶ୍ରୀ ଭାଗବତ ଅଟଇ ଅମୂଲ୍ୟ ପୁରାଣ
ଶ୍ରଦ୍ଧାରେ ଶୁଣନ୍ତି ତାକୁ ଭକ୍ତ ପ୍ରାଣୀଗଣ ।
ଅଗ୍ନି ପୁରାଣେ ଉକତ ଅଗ୍ନିର ଚରିତ
ଯେଉଁ ମହିମା ବହନ୍ତି ପ୍ରଭୁ ଦେବହୁତ ।
ଆବର ବହୁ ପୁରାଣ ଅଛି ଏହିମତେ
ତାଙ୍କ ବ୍ୟବସ୍ଥା କହିଲୁ ତୋହର ଅଗ୍ରତେ ।
ସବୁ ପୁରାଣ କହିଲି ତୋ ଆଗେ ନରେଶ
କି ପୁରାଣ ଶୁଣିବାକୁ ବଳାଇଛ ଆଶ ।
ଶୁଣି ରାଜା ବୋଲେ ମତ୍ସ୍ୟ ପୁରାଣକୁ କୁହ
ତାହା ଶୁଣିଣ ପବିତ୍ର ହେବ ମୋର ଦେହ ।
ମହାପ୍ରଳୟ ଜଳରେ ନାରାୟଣ ପ୍ରଭୁ
କିମ୍ପା ମତ୍ସ୍ୟରୂପ ହୋଇ ବିହରିଲେ ସବୁ ।
ଏହିକଥା ଶୁଣିବାକୁ ବଳଇ ମୋ ମନ
ବହନ ହୋଇବ ପାପ ତାପ ବାଧାମାନ ।
ନାରଦ ବୋଇଲେ ତୁହି ଧନ୍ୟ ନୃପମଣି
ନାନା ରସରୁ ବାଛିଲୁ ଅମୃତର ବାଣୀ ।
ନାରାୟଣ ନାମ ଯେହୁ କରେ ଉଚ୍ଚାରଣ
ପଢ଼ିଲେ ପରମ ଗତି ନିଶ୍ଚୟରେ ଜାଣ ।
ମୁନି ବୋଲନ୍ତି କହିବା ସେ ପୁରାଣ କଥା
ଯାହା ଶୁଣିଲେ ଛାଡ଼ିବ ଭବଭୟ ବ୍ୟଥା ।
ପୃଥ୍ୱୀ ଯେମନ୍ତେ ପ୍ରଳୟ ହେଲା ନୃପବର
ଭାଜିଲା ବ୍ରହ୍ମାଣ୍ଡ ରକ୍ଷା ଆଉ ସ୍ୱର୍ଗପୁର ।
ଦେବଭୂଷଣ ନାମରେ ଥିଲେ ପ୍ରଜାପତି
ଶତଶିର ଦୁଇଶତ ନୟନ ବହନ୍ତି ।
ଦୋନିଶତ କର୍ଣ୍ଣ ଭୁଜ ଅଟଇ ତାଙ୍କର
ଶତ ମୁକୁଟ ଜଡ଼ିତ ନାନା ଅଳଙ୍କାର ।
ବସ୍ତ୍ରରତନ ଭୂଷଣେ ଶୋଭା କଳେବର
ସ୍ୱର୍ଗ ପ୍ରଚହ ନାମରେ ଅଟେ ପୁରନ୍ଦର ।
ବସୁ ବୋଲିକରି ଅଟେ କୁବେରର ନାମ
କାଳାନ୍ତକ ନାମ ଧରି ସ୍ୱର୍ଗପୁରେ ଯମ ।
ବ୍ରହ୍ମା ଆୟୁଷ ପୂରିଲା ଦେବଙ୍କର ମତେ
ସଂସାର ପ୍ରଳୟ ହେଲା ଜୀବଙ୍କ ସହିତେ ।
ଶତବର୍ଷ ପର୍ଯ୍ୟନ୍ତେ ଦେବ ଅନୁକ୍ରମେ
ବରଷା ନୋହିଲା ମେଘ ନ ଆସିଲା କ୍ରମେ ।
ବାୟବ୍ୟ କୋଣୁ ନୈଋତଦିଗ କୋଣଯାଏ
ସୂର୍ଯ୍ୟପନ୍ତି ଉଦହେଲେ ଧୂମକେତୁ ପ୍ରାୟେ ।

ବାରଗୋଟି ସୂର୍ଯ୍ୟ ଷୋଳ ଅଟଇ ଚନ୍ଦ୍ରମା
ରାତ୍ର ଦିବସେ ଉଦୟ ହୋଇଲେ ମହାତ୍ମା ।
ସେମାନଙ୍କୁ ଆଜ୍ଞାଦେଲେ ଦେବେ ନିରଞ୍ଜନ
ସବୁ ଚନ୍ଦ୍ର ସୂର୍ଯ୍ୟ ଆସି ନାଶରେ ଭୁବନ ।
ସେହିକ୍ଷଣି ସୂର୍ଯ୍ୟ ଉଦେ ପଶ୍ଚିମର ମାର୍ଗେ
ଷୋଳ ଚନ୍ଦ୍ରମା ଉଦୟ ରାତ୍ର ପୂର୍ବଭାଗେ ।
ପ୍ରଚଣ୍ଡ ହୋଇ କିରଣ ବହଇ ପବନ
ନକ୍ଷତ୍ରଙ୍କଠାରୁ ଉଦେ ଧୂମକେତୁମାନ ।
ସୂର୍ଯ୍ୟଙ୍କେ କୋଟି କିରଣେ ରହିଛନ୍ତି ତନୁ
ପ୍ରଜ୍ଜ୍ୱଳିତ ଅଗ୍ନି ସବୁ ପଡ଼ଇ ଗଗନୁ ।
ନଦୀ ପୁଷ୍କରଣୀମାନ ଶୁଖିଲେ ସମସ୍ତ
ମୃଗ ସମ୍ବରଙ୍କ ଯୂଥ ହେଲେ ପ୍ରାଣେହତ ।
ସର୍ପ ଗଣ୍ଡା ଗୟଳ ଯେ ହସ୍ତୀ ନାନା ଜନ୍ତୁ
ବ୍ରହ୍ମାଣ୍ଡରେ ଯେତେଥିଲେ ସବୁ ହେଲେ ମୃତ୍ୟୁ
ଚନ୍ଦ୍ର କିରଣେ ରାତିରେ ବହେ ମହା ହିମ
ହିମ ଋତୁ ତାଙ୍କ ଅଙ୍ଗେ କଲାକ ବିଶ୍ରାମ ।
ଶିଶିର ଆଷାଢ଼ ହୋଇ ହୁଏ ଜଡ଼ବତ
ଶିଶିରର ଜଳ ବୋହି ଲଭେ ମୃତ୍ୟୁପଥ ।
ତେଣୁକରି ଦନ୍ତମାନେ ରାତିରେ କମ୍ପନ୍ତି
ଦିବସେ ଅଗ୍ନିରେ ସେହୁ ପୋଡ଼ିଣ ଯାଆନ୍ତି ।
ଗୋ-ମନୁଷ୍ୟ ଆଦିକରି ସର୍ବେ ହେଲେ ହତ
ନ ରହିଲେ କେହି ଆଦି ପୃଥ୍ୱୀରେ ଜୀବିତ ।
କ୍ଷୁଧା ତୃଷ୍ଣା ହିମ ତାତି ପାଇଲେ ସକଳେ
ମେଘ ନ ବର୍ଷନ୍ତେ ଶସ୍ୟ ନୋହିଲା ଶୟନେ
ସଞ୍ଚିତ ଧନ ସକଳ ହେଲା ଭସ୍ମରାଶି
ସୂର୍ଯ୍ୟକିରଣ ଜଳନ୍ତା ଅଗ୍ନିମାନ ବର୍ଷି ।
ନୃପତି ସକଳେ ମଧ ହୋଇଲେ ସଂହାର
କେହି କେହି ରହେ କଷ୍ଟେ ମାସେ ବା ପନ୍ଦର
ଉତ୍ତାପେ ଜୀବନୀ ଶକ୍ତି ହୁଅଇ ବିକଳ
ଘରୁ ବାହାର ନୁହନ୍ତି ବର୍ଷଇ ଅନଳ ।
ତୃଣ ଛାଇଲାର ପୁର ହୁଏ ଭସ୍ମରାଶି
ଥୋକେ ମାଟି ଖୋଳି ତହିଁ ରହିଥାନ୍ତି ପଶି
ପୃଥିବୀ ତପତି ତହିଁ ହୋଇ ଉପସ୍ଥିତ
ସେମାନଙ୍କୁ ତହିଁ ପୁଣି କରିଦିଏ ହତ ।
ଭୟରେ ପୃଥିବୀ ଦେବୀ ହୁଏ ଥରହର
ନିଶିଥରେ ଇନ୍ଦ୍ରଧନୁ ପଡ଼େ ନିରନ୍ତର ।

Digitized by srujanika@gmail.com

ଚଉଦିଗରେ ଅନଳ ପୋଡ଼ଇ ବନସ୍ତ
ତୃଣ କାଷ୍ଠ ପାଷାଣାଦି ସବୁ ହୁଏ ହତ ।
କାଠ ପାଷାଣରୁ ଅଗ୍ନି ହୋଇ ଉତପତ୍ତ
ଭଡ଼ଭଡ଼ ହୋଇ ସବୁ ଗିରି ପୋଡ଼ିଯାନ୍ତି ।
ଧୂମ୍ରମାନଙ୍କ ହେତୁରୁ ନ ଦିଶେ ଗଗନ
ବିକଳେ ପ୍ରାଣୀ ଡ଼ାକନ୍ତି ରଖ ନାରାୟଣ ।
ବିଚାରନ୍ତି ଏ ସଂସାର ପ୍ରଳୟ ହୋଇଲା
ତ୍ରିଭୁବନ ନାଶଯିବ ବିଧାତାହିଁ ମଲା ।
ପଣ୍ଡିତମାନେ ଏପରି ବିଚାର କରନ୍ତି
କ୍ଷଣକେ ପ୍ରାଣ ବିସର୍ଜି ଭୂମିରେ ଲୋଟନ୍ତି ।
ପ୍ରଳୟାଗ୍ନିରେ ବ୍ରହ୍ମାଣ୍ଡ ଯହୁଁ ଗଲା ପୋଡ଼ି
ଭୟେ ପ୍ରାଣିମାନଙ୍କର ଜୀବଗଲା ଛାଡ଼ି ।
ମେଘଶୂନ୍ୟ ଆକାଶରେ ଗର୍ଜେ ଚଡ଼ଚଡ଼
ପବନଘାତେ ପର୍ବତ ଶୂନ୍ୟେ ଯାଏ ଉଡ଼ି ।
ସାତ ସମୁଦ୍ର ଶୁଖିଣ ହୋଇଗଡ଼ି ସ୍ଥଳ
ଅଗ୍ନି ଖରାର ତାପରେ ଫୁଟେ ମହାଜଳ ।
ଜଳଚର ଜୀବମାନେ ହୋଇଲେ ନିଧନ
ଅଗ୍ନି ବରଷି ବହଇ ପ୍ରଚଣ୍ଡ ପବନ ।
ପୃଥିବୀ କମ୍ପଇ ଉଡ଼େ ଅଗ୍ନିର ରିଙ୍ଗଣ
ଭୋକ ଶୋଷରେ ମରିଲେ ମାନବାଦିଗଣ ।
ଏମନ୍ତ ରବି ତେଜରେ ବହିଲାକ ସୃଷ୍ଟି
ଯୁଗେ ଯୁଗେ ଓସାରରେ ପୃଥ୍ୱୀ ଗଲା ଫାଟି ।
ମହୀଲତା ସହିତରେ ହୋଇଲେ ନିଧନ
ଭୂମିର ଭିତରେ ଥିଲେ ଯେତେ ଜୀବମାନ ।
ପୃଥିବୀ ସୁଖେ ଗରଜ ଚଳି ପ୍ରାୟ ଜାଣି
ଅଗ୍ନିତାପରେ ଭିତରୁ ଶୁଖିଗଲା ପାଣି ।
ନିରଞ୍ଜନଙ୍କ ମୁଖରୁ ଅଗ୍ନି ହେଲା ଜାତ
ସେ କହିଲା ନାଗଲୋକ ପାତାଳ ସହିତ ।
କୁଢ଼ କୁଢ଼ ଭସ୍ମ ଦିଶେ ଗିରିମାନ ପୋଡ଼ି
ଥୋକେ ଭସ୍ମ ଅନ୍ତରିକ୍ଷେ ଯାଇଅଛି ଉଡ଼ି ।
ପୃଥ୍ୱୀ ଛାଡ଼ି ଚାଲିଗଲେ ଯହୁଁ ନାରାୟଣ
ଆତ୍ମାରୂପେ ବ୍ରହ୍ମଥିଲେ ହୋଇଥିଲେ ସେ ଲୀନ
ସୂର୍ଯ୍ୟ ଅସ୍ତହେଲେ ଯେହ୍ନେ ରାତ୍ର ପ୍ରକାଶଇ
ତେଜ ଘେନିକରି ସେହୁ ନିଜପୁରେ ଯାଇ ।
ତେସନେ ଶ୍ରୀ ନାରାୟଣ ପୃଥ୍ୱୀ ପୂରିଥିଲେ
ସକଳ ଆତ୍ମାକୁ ଘେନି ନିଜପୁରେ ଗଲେ ।

ଯେଉଁରୂପେ ଗନ୍ଧମାନ ନିଅଇ ପବନ
ସେହିରୂପେ ନେଲେ ସବୁ ହୋଇଲାକ ଲୀନ ।
ପୃଥ୍ୱୀ ପ୍ରଳୟ ଅବସ୍ଥା ଅତି ମହାଘୋର
ଦେଖିଣ ଦେବତାମାନେ ହେଲେ ଥର ଥର ।
କପାଳେ କର ମାରନ୍ତି ପୃଥ୍ୱୀ ହେଲା ହତ
ସବୁ ପ୍ରାଣୀ ମଲେ ଶୋକ କରନ୍ତି ବହୁତ ।
ଦମ୍‌ଦମ ବୁକୁ ଛନ୍ନ ଛନ୍ନ ହୁଏ ମନ
ଶ୍ମଶାନ ପ୍ରାୟ ନିସ୍ତବ୍ଧ ମର୍ତ୍ତ୍ୟର ଭୁବନ ।
ବିଚାରନ୍ତି ପ୍ରଳୟ ଯେ ହୋଇଲା ଜଗତ
ବ୍ରହ୍ମାର କାଳ ପୁରିଲା ମରିବେ ନିଶ୍ଚିନ୍ତ ।
ଶୋକେ ବ୍ରହ୍ମାଙ୍କୁ କହନ୍ତି ଦେବମାନ ଯାଇ
ପୃଥିବୀ ପ୍ରଳୟ ନାଶ ଗଲା ହେ ଗୋସାଇଁ ।
ସକଳ ସୂର୍ଯ୍ୟ ଗଗନେ ହୋଇଲେ ଉଦିତ
ମେଘ ନ ବର୍ଷି ସଂସାର ହୋଇଗଲା ହତ ।
ଜୀବଜନ୍ତୁ ମନୁଷ୍ୟାଦି ହେଉଛନ୍ତି ନାଶ
ସ୍ୱର୍ଗ ମଣ୍ଡଳକୁ ଲାଗେ ଅଗ୍ନି ଜ୍ୱଳା ତ୍ରାସ ।
ତୋ ଭୁବନକୁ ଲାଗିଲା ଆସି ମହା ତେଜ
ମନେ କି ଭୟ ତୋହର ନାହିଁ ବିପ୍ରରାଜ ।
ଦେବତା କହନ୍ତେ ଭୟେ ଆସି ପ୍ରଜାପତି
ଦେଖିଲେ ସଂସାର ଯାକ ହେଲା ବିନଶ୍ୟତି ।
ବିଚାରନ୍ତି ବ୍ରହ୍ମା କାଳ ପୁରିଲା ମୋହର
ଶପ ଆଠବର୍ଷ ଲେଖି କାହେ ବେଦବର ।
ଏମନ୍ତ ଶୁଣି ପୁଛିଲେ ଉତ୍ତଇ ନୃପତି
କଥାଏ ପୁଚ୍ଛିବି ମତେ କୁହ ମହାଯତି ।
ବ୍ରହ୍ମ ଶଏ ଆଠବର୍ଷ ହୁଏ କେତେକାଳେ
ଏକଥା କୁହ ଶୁଣିବି ମୁହିଁ ଶ୍ରୁତି ମୂଳେ ।
ମେଘମାନେ ନ ବର୍ଷିଲେ ଯେବେ ଆସି ଜଳ
ଆଜ୍ଞା କିପାଇଁ ନଦେଲେ ତାଙ୍କୁ ଆଖଣ୍ଡଳ ।
ଚନ୍ଦ୍ର ସୂର୍ଯ୍ୟେ ମେଘଯେବେ ନାଶିଲେ ପୃଥ୍ୱୀକୁ
ଦେବେ ତିଆରି କିପାଇଁ ନ କହିଲା ତାଙ୍କୁ ।
ଆହେ ତପି ବିସ୍ତାରିଣ ତାହା ମୋତେ କୁହ
ସଂଶୟ ହୋଇଲେ ସ୍ୱାମୀ ଫିଟାଅ ସନ୍ଦେହ ।
ନାରଦ ବୋଇଲେ ସେହୁ ପୂର୍ବର ଭିଆଣ
ଶଏ ଆଠ ବର୍ଷ ରାଜା ବ୍ରହ୍ମାର କରଣ ।
ବ୍ରହ୍ମାର ଆୟୁଷ ଅଟେ ଅତି ଅକଥନ
ଦୁଇ ସହସ୍ର ଯୁଗରେ ତାର ଏକ ଦିନ ।

Digitized by srujanika@gmail.com

ଏହି ଅନୁକ୍ରମେ ଶଏ ଆଠ ବରଷରେ
ତେବେ ସେ ବ୍ରହ୍ମାର ମୃତ୍ୟୁ ହୁଏ ପ୍ରଳୟରେ
ନରଙ୍କ ଦ୍ୱାଦଶ ବର୍ଷ ଭୋଗ ହୋଇଗଲେ
ତେବେ ଦେବତାଙ୍କୁ ଯାଇଁ ବର୍ଷେ ହୁଏ ଭଲେ
ଇନ୍ଦ୍ରଦେବଙ୍କ ଆଜ୍ଞାରେ ମେଘ ପାଳୁଥିଲେ
ନାରାୟଣଙ୍କ ଆଜ୍ଞାରେ ଗଗନ ଛାଡ଼ିଲେ ।
ସଂସାରକୁ ତ ପାଳିଲେ ଯେଣୁ ମେଘମାନେ
ବ୍ରହ୍ମା ମୁହୂର୍ତ୍ତମାତ୍ରକ ଅଛନ୍ତି ଜୀବନେ ।
ଆମ୍ଭର ବଚନେ ତୁମ୍ଭେ ଶୂନ୍ୟେ ଛାଡ଼ି ଆସ
ଆମ୍ଭ ଆଜ୍ଞାମାନ ତୁମ୍ଭେ ଯେବେ ଆମ୍ଭ ଶିଷ୍ୟ ।
ଦଣ୍ଡେ ବିଳମ୍ବ ନ କରି ଆସ ତତକ୍ଷଣ
ଇନ୍ଦ୍ରର ଛାଡ଼ିଲା ଏବେ ତୁମ୍ଭଠାରୁ ପଣ ।
ବ୍ରହ୍ମା ଆୟୁଷ ପୂରିଲେ ପ୍ରଳୟ ହୋଇବ
ଆମ୍ଭେ ଆଜ୍ଞା କଲେ ପୁଣି ପଛନ୍ତେ ବର୍ଷିବ ।
ଶତବର୍ଷ ନ ବରଷ ଏବେ ବେଦମତେ
ଇନ୍ଦ୍ର ବୋଲକୁ ନ ମାନ ତୁମ୍ଭେ କଦାଚିତେ ।
ତାହାଙ୍କ ଆଜ୍ଞାରେ ମେଘେ ଗଲେ ଶୂନ୍ୟଛାଡ଼ି
ପ୍ରକୃତିରେ ଇନ୍ଦ୍ରଙ୍କର ରହିଅଛି ଶାଢ଼ୀ ।
ଯହୁଁ ମେଘେ ନ ବର୍ଷିଲେ ପୃଥିବୀରେ ଜଳ
କୋପେ ତାଙ୍କୁ ଆଜ୍ଞାଦେଲେ ତହୁଁ ଆଖଣ୍ଡଳ
କିହୋ ମେଘେ ନ ବର୍ଷୁଛ ପୃଥ୍ୱୀରେ କିମ୍ପାଇ
ଇନ୍ଦ୍ରଙ୍କୁ ବୋଲନ୍ତି ତହୁଁ ମେଘମାନେ ଚାହିଁ ।
ନାରାୟଣଙ୍କ ମୁଖରୁ ଆମ୍ଭେ ହେଲେ ଜାତ
ତୁମ୍ଭଙ୍କୁ ଦେଲେ ଆମ୍ଭଙ୍କୁ ପାଳିବା ନିମିତ୍ତ ।
ଏବେ ଜାଣ ତୁଟିଗଲା ବ୍ରହ୍ମା ଆୟୁମାନ
ଆମ୍ଭଙ୍କୁ ନାସ୍ତି କରିଲେ ପ୍ରଭୁ ନିରଞ୍ଜନ ।
ସଂସାର ପ୍ରଳୟ ହେବ ବ୍ରହ୍ମା ନାଶ ଯିବ
କି ସୃଷ୍ଟି ପାଳିବୁ ଆଉ କହୁଛ ବାସବ ।
ଆଜଠାରୁ ସାତଦିନେ ପୃଥ୍ୱୀ ଯିବ ନାଶ
ବାର ସୂର୍ଯ୍ୟ ଷୋଳ ଚନ୍ଦ୍ର ଉଇଁବେ ଆକାଶ
ଜୀବନ ରହିବେ ବର୍ଷା ହେବ କି କାରଣ
ଶୁଣି କୋପରେ ବୋଲନ୍ତି ଶଚୀର ରମଣ ।
ସାତଦିନରେ ଯଦ୍ୟପି ପ୍ରଳୟ ହୋଇବ
ତହିଁପାଇଁ ତୁମ୍ଭେ କିମ୍ପା ଆଗୁଁ ନ ବର୍ଷିବ ।
ବେନିବର୍ଷ ଅନାବୃଷ୍ଟି କଲେ ଏହିମତେ
କାତର ଯେ ଜନପଦ ବସିଲେ ସମସ୍ତେ ।
ଯାଅ ଏବେ ବୃଷ୍ଟିକର ବେଗେ ଜଳଧାର
ବଞ୍ଚିବେ ଯେ ଜୀବରକ୍ଷା ହୋଇବ ସଂସାର ।
ରବି କିରଣେ ଜଗତ ହେଉଅଛି ବହି
ଏ ସାତ ଦିବସ ଠାରୁ ପାଳ ଏବେ ମହୀ ।
ପ୍ରଳୟ ବୃଷ୍ଟି ନ କରି ଉତ୍ତମେ ବର୍ଷିବ
ଉତପାତ ପରି ପୃଥ୍ୱୀ କେଭେ ନ ନାଶିବ ।
ପ୍ରଳୟ ହେଲେ ତୁମ୍ଭଙ୍କୁ କିଏ ଆଜ୍ଞାଦେବ
ସମସ୍ତେ ସିନା ମରିବା ନାଶିବ ଦଇବ ।
ହେବା ନୋହିବାର କଥା ବୁଝା ଯାଉ ଆଗ
ଯାଅ ଏବେ ପୃଥ୍ୱୀ ସ୍ୱର୍ଗେ ବର୍ଷ ସର୍ବ ମେଘ ।
ମେଘ କହିଲେ ନ କୁହ ଏହା ସୁରରାଣ
ଆମ୍ଭଠାରୁ ତୁମ୍ଭର ଯେ ଗଲା ପ୍ରଭୁପଣ ।
ଇନ୍ଦ୍ର ବୋଲନ୍ତି ଶୁଣରେ ନିର୍ବୋଧ ପାମରେ
ନିରଞ୍ଜନ ବାକ୍ୟେ ମୋତେ କିମ୍ପା ନ ମାନରେ
ଅନାବୃଷ୍ଟିର ଯେ ଦୋଷ ତୁମ୍ଭଙ୍କୁ କ୍ଷମିଲୁ
ଏବେ ବରଶ ଯାଇଣ ଆମ୍ଭେ ଆଜ୍ଞା ଦେଲୁ ।
ମେଘ ବୋଇଲେ ନବର୍ଷୁ ଆମ୍ଭେ କଦାଚିତେ
ତାଙ୍କର ନାସ୍ତି ଶୁଣିଲେ ଯହୁଁ ଶଚୀନାଥେ ।
ନେତ୍ର ତରାଟି କୋପରେ ବୋଇଲେ କଟାଳି
ନ ବରଷିଲେ ବ୍ରଜରେ କାଟିବ ମଉଳି ।
ଶତବର୍ଷ ନ ବର୍ଷିବ ଅନାଦି କହିଲେ
ଦୁଇଶତ ବର୍ଷ ଗଲା ଏବେ କାହା ବୋଲେ
ଦୁଷ୍ଟପଣ କରି ଏବେ ନ ପାଳ ଧରଣୀ
ବଡ଼ଲୋକ ଆଶ୍ରା ପାଇ ଭାଷୁଛ ଏ ବାଣୀ ।
ଇନ୍ଦ୍ରଙ୍କର କୋପ ଦେଖି ମେଘ ଚଳିଗଲେ
ନାରାୟଣଙ୍କ ନିକଟେ ପ୍ରବେଶ ହୋଇଲେ ।
କର ଯୋଡ଼ିଣ ବୋଲନ୍ତି ତାଙ୍କୁ ମେଘଗଣ
ସାବଧାନେ ଶୁଣ ପ୍ରଭୁ ଦେବ ନାରାୟଣ ।
ତୁମ୍ଭର ଆଜ୍ଞାରେ ଆମ୍ଭେ ନ ବର୍ଷିଲୁ ଜଳ
ବହୁ ଝିଙ୍ଗାସ ଆମ୍ଭଙ୍କୁ କଲେ ଆଖଣ୍ଡଳ ।
ନିରଞ୍ଜନ ବାପ ବୋଲେ ପାଳୁନାହିଁ ମହୀ
ବଜ୍ରେ ତୁମ୍ଭର ଶିରକୁ ଛେଦିବଇ ମୁହିଁ ।
ବହୁତ କୋପ ଆମ୍ଭଙ୍କୁ କଲା ମଘବାନ
ଆମ୍ଭେ ପ୍ରଭୁ ଜଣାଇଲୁ ତୁମ୍ଭ ସନ୍ନିଧାନ ।
ତାହାର ତଳେ ଆମ୍ଭଙ୍କୁ ସ୍ୱାମୀ ଅଛ ଦେଇ
ତାହାର ବୋଲକୁ କେତେ ଭାଙ୍ଗିବୁ ଗୋସାଇଁ

Digitized by srujanika@gmail.com

ଯାଉଛୁ ପୃଥ୍ୱୀ ପାଳିବୁଁ ସେହୁ କୋପକଲା
ପ୍ରଳୟ ହେଉ ନ ହେଉ ଆମ୍ଭର କି ଗଲା ।
ତାହା ଶୁଣିଣ ଅନାଦି ପୁଷ୍ଟିକଲେ ଓଷ୍ଠ
ମୋ ଆଜ୍ଞା ନୋହିଲା ତାରବାଣୀ ଏଡ଼େ ଶ୍ରେଷ୍ଠ
ବିଷ୍ଣୁ ବୋଇଲେ ସେ ନିଶ୍ଚେ ଆଜ ହେବହତ
ଶତ ବର୍ଷାନ୍ତେ ବର୍ଷିବ ଯାଇଣ ଜଗତ ।
ତାହାଶୁଣି ମେଘମାନେ ହୋଇଲେ ମଉନ
ଶୂନ୍ୟରୁ କାଳଚକ୍ର ଯେ ବାହାରେ ଦହନ ।
ଗଗନୁ ଚଳଇ ସେହୁ କୋଟି ସୂର୍ଯ୍ୟାବତ
ତେଜ ଦେଖି ଦେବତାଏ ହୋଇଲେ ତରସ୍ତ
ଇନ୍ଦ୍ରର ଶିରକୁ ବେଗେ ପଳାଇଲା ଛେଦି
ଦୁଇଖଣ୍ଡ ହୋଇ ତହୁଁ ପଡ଼େ ଅପରାଧ ।
ଗର୍ଜଇ ସେ ମହାଚକ୍ର କରି ଘୋର ସ୍ୱନ
ତ୍ରାସରେ ଦେବତାଗଣ ବୁଜିଲେ ନୟନ ।
ପ୍ରାଣ ହାରେ ଦେବଇନ୍ଦ୍ର ଦେବଙ୍କ ସତ୍ୱରେ
ଅନ୍ତରୀକ୍ଷେ କାଳଚକ୍ର ଗଲା ନିଜ ପୁରେ ।
ଅନାଦି ପ୍ରଭୁଙ୍କଠାରେ ହୋଇଲା ପ୍ରବେଶ
ଏହି କଥା ନନ୍ଦି ଯାଇଁ କହେ ଶିବ ପାଶ ।
ଭୋ ସ୍ୱାମୀ ସଦାନନ୍ଦ ହେ ଶୁଣ ଏ ଅପୂର୍ବ
ସଂସାରେ ନାଶିବେ ଇଚ୍ଛା କଲେ ବାସୁଦେବ
ତାଙ୍କ ଆଜ୍ଞା ପାଇକରି ମେଘ ନ ପାଳିଲେ
ମଘବା କହନ୍ତେ ମେଘେ ତାହା ନ ଶୁଣିଲେ ।
ତାଙ୍କୁ ପରାଭବଦ୍ୟନ୍ତେ ମଘବା ଦେବତା
ନାରାୟଣ କଲେ ଶିରଚ୍ଛେଦର ବ୍ୟବସ୍ଥା ।
ଇନ୍ଦ୍ର ଦେବତା ଏବେ ଯେ ହୋଇଲାକି ହତ
ସଂସାରକୁ ନିଷ୍ଠା ନାଶ କଲେ ପଦ୍ମନେତ୍ର ।
ମନରେ ବିଚାର ତହୁଁ କଲେ ମହାଦେବ
ବ୍ରହ୍ମା ଆୟୁଷ ତୁଟିଲା ପ୍ରଳୟ ହୋଇବ ।
ବିଚାରିଣ କୋପ କଲେ ଦେବ ତ୍ରିଲୋଚନ
ଭୀମକୁ ବୋଇଲେ ତୁହି ଯାଆସି ବିହନ ।
କାହାର ବୋଲରେ ନାଶ କରିଲେ ଇନ୍ଦ୍ରକୁ
ଆମ୍ଭ ଯିବାଯାଏ ଇନ୍ଦ୍ର ନ କରିବେ କାକୁ ।
ଆମ୍ଭର ଆଜ୍ଞାରେ ଇନ୍ଦ୍ର କରିବେ ଯେ ସ୍ୱର୍ଗେ
ଦେବସଭାରେ ଏ କଥା କହିଆସ ବେଗେ ।
ଚଳିଗଲା ରୁଦ୍ରସେନ କୋପ ଗୁରୁତର
ପରଶୁ କୁଠାର ଅସ୍ତ୍ର ଧରିଅଛି କର ।

ହାଡ଼ ବିଭୂତି ଭୂଷଣ ଅଙ୍ଗେ ରୁଦ୍ରସେନ
ଶିରେ ଜଟା ପ୍ରବେଶିଲା ଦେବ ସନ୍ନିଧାନ ।
ପାଟି ଚାପିକରି କୋପେ ଅଗ୍ନି ଉଭାହୋଇ
ଆଖି ବୁଲାଇ କ୍ରୋଧରେ ଦେଲେ ସଭା ଚାହିଁ
ସର୍ବ ଦେବତା ଉଠିଲେ ସ୍ଥାନ ତେଜ୍ୟାକରି
ସୂର୍ଯ୍ୟକିରଣ ପରାୟେ ପର୍ଶୁ ଦେଖିକରି ।
ଦେବତାଏ ଭୟ କରି ନ କହନ୍ତି କଥା
ନ ସ୍ଫୁଣ ଶିର କାଟଇ ମନ କରି ଚିନ୍ତା ।
ଦେଖିଲା ଭୀମକ ଇନ୍ଦ୍ର ପଡ଼ିଅଛି ତହିଁ
ଗର୍ଜଇ ରୁଦ୍ରଙ୍କ ସେନା ଦେବତାଙ୍କୁ ଚାହିଁ ।
କେ ବୋଲେ ଇନ୍ଦ୍ରକୁ ନାଶକଲେ ନାରାୟଣ
ଏବେ ମୋହର ବଚନ ଶୁଣ ଦେବଗଣ ।
ରୁଦ୍ର ଆଜ୍ଞାଦେଲେ ଇନ୍ଦ୍ର ନ କରିବ ତୁମ୍ଭେ
ତାହାକଲେ ନାଶଯିବ କହିଗଲୁ ଆମ୍ଭେ ।
ଏହାକହି ରୁଦ୍ରସେନ ଗଲା ଶିବପୁରେ
ସମସ୍ତ କଥା କହିଲା ରୁଦ୍ରଙ୍କ ଛାମୁରେ ।
ଶୁଣିଣ ସନ୍ତୋଷ ଚିତ୍ତ ହେଲେ ସଦାନନ୍ଦ
ମେଘକୁ କୋପ କରିଣ ନାଶହେଲେ ଇନ୍ଦ୍ର ।
ରୁଦ୍ରଆଜ୍ଞା ନାହିଁ ଇନ୍ଦ୍ର କରିବ ବା କେହୁ
ସ୍ୱଭାବେତ ସଂହାରିଲେ ତାକୁ ମହାବାହୁ ।
ଇନ୍ଦ୍ରଙ୍କୁ ଦହନ କଲେ ନେଇ ସୁରଗଣ
ଏହିରୂପେ ସାତଦିନ ହୋଇଲା ସମ୍ପୂର୍ଣ୍ଣ ।
ତକ୍ଷଣରେ ଚନ୍ଦ୍ର ସୂର୍ଯ୍ୟ ହୁଅନ୍ତେ ଉଦିତ
ଦେବେ କହିଲେ ଉଦିତ ନ ହୁଅ ସମସ୍ତ ।
ସମସ୍ତେ ଏକାବେଳକେ ନ ହୋଇବ ସ୍ଥିତି
ବ୍ରହ୍ମା ବୋଲେ ଉଦେ ନୁହ ହୋଇ ଏକମୂର୍ତ୍ତି
ସମସ୍ତେ କିମ୍ପାଇ ନାଶ କରୁଛ ସଂସାର
ଉଦେ ନୁହ କହୁଁ ଶୁଣ ଶଶି ଦିବାକର ।
କାହାବୋଲେ ବ୍ରହ୍ମାଣ୍ଡକୁ ନାଶିବ ହେ ତୁମ୍ଭେ
ଏବେ ବୋଲକର ବାବୁ କହୁଅଛୁ ଆମ୍ଭେ ।
ଆମ୍ଭଙ୍କୁ ହେ ନିରଞ୍ଜନ ପ୍ରଭୁ ଆଜ୍ଞା ହେଲେ
ତୁମ୍ଭ ଆଜ୍ଞା ନ ମାନିବୁ ସେ ସୂର୍ଯ୍ୟ ବୋଇଲେ
ବ୍ରହ୍ମା ବୋଲେ ଏହା ଶୁଣ ତୁମ୍ଭେ କି ମରିବ
ପ୍ରଳୟଜନେ ତୁମ୍ଭଙ୍କୁ ସେହୁ କି ରଖିବ ।
ଆପଣା ଇଚ୍ଛାରେ କାଳ ଆଣୁଛି ଓଟାରି ।
ନାଶ ନ ହୋଇବ ବୋଲି ଅଛରେ ବିଚାରି ।

Digitized by srujanika@gmail.com

ସୂର୍ଯ୍ୟେ ବୋଇଲେ ନ ବୋଲ କଣପାଣି
ଭାଙ୍ଗି ନ ପାରିବୁ ଆମ୍ଭେ ନିରଞ୍ଜନ ବାଣୀ ।
ନ କରିଲେ ଚନ୍ଦ୍ର ସୂର୍ଯ୍ୟ ବ୍ରହ୍ମାଙ୍କର ବୋଲ
ବୋଇଲେ ଜାଣ ହାରିବ ଏବେ ଦିଗପାଳ ।
ଆୟୁ ପୁରିଲା ହେ ବ୍ରହ୍ମବର୍ଷ ଅଷ୍ଟୋତ୍ତର
ନିରଞ୍ଜନଙ୍କୁ ଆଜ୍ଞାରେ ଉଦେ ଗଗନର ।
ତୁମ୍ଭେ କହିଲେ ଆମ୍ଭେ ହୋଇବୁକି ସନମତ
ନିଶ୍ଚେ ପ୍ରଳୟ ନାଶିବ ଏ ତିନି ଜଗତ ।
ଶୁଣିଣ ଦେବତାମାନେ ହୋଇଲେ ମଉନ
ଗଗନେ ଉଦୟେ ହେଲେ ଚନ୍ଦ୍ର ସୂର୍ଯ୍ୟଗଣ ।
ବିଷ୍ଣୁ ମାୟାରେମୋହିତହେଲେ ସୂର୍ଯ୍ୟମାନେ
ନ ମରିବୁ ବୋଲି ସେହୁ ବିଚାରନ୍ତି ମନେ ।
ଇନ୍ଦ୍ର ମରନ୍ତେ ଛାଡ଼ିଲେ ସର୍ବେ ପ୍ରାଣ ଆଶ
ବ୍ୟାକୁଳ ହୁଅନ୍ତି ପାଇ ରବି ଅଗ୍ନିତ୍ରାସ ।
ଆକାଶର ଗଙ୍ଗା ଶୁଖି ଶୁଖେ ସର୍ବ ନୀର
ଦେବତାଙ୍କର ହୋଇଲା ବ୍ୟାକୁଳ ଶରୀର ।
ରାଜା ପଚାରନ୍ତି ପୁଣି ଶୁଣ ତପୋଧନ
ଆଗ ପ୍ରଳୟରେ ନାଶ ଗଲା କେଉଁ ସ୍ଥାନ ।
ମୁନି ବୋଇଲେ ପ୍ରଥମେ ଇନ୍ଦ୍ର ହେଲେ ହତ
କୀଟ ପତଙ୍ଗାଦି ଜନ୍ତୁ ହତ ଯେ ସମସ୍ତ ।
ତୃତୀୟରେ ବୃକ୍ଷମାନେ ମୂଳୁ ଗଲେ ପୋଡ଼ି
ଚତୁର୍ଥରେ ଗିରି ପୋଡ଼ି ପାଂଶ ଗଲା ଉଡ଼ି ।
ପଞ୍ଚମରେ ନରମାନେ ହୋଇଗଲେ ହତ
ଷଷ୍ଠରେ ଦେବତା ଯେତେ ନାଶିଲେ ସମସ୍ତ
ସପ୍ତମେ ରାଜା ବ୍ରହ୍ମା ପ୍ରଳୟରେ ମଲେ
ଚନ୍ଦ୍ର ସୂର୍ଯ୍ୟ ଅଗ୍ନି ଆଦି କେହି ନ ରହିଲେ
ମତ୍ସ୍ୟ ପୁରାଣର ଏହି ସୁଧାସମ ବାଣୀ
ଇନ୍ଦ୍ରଦ୍ୟୁମ୍ନ ଦଣ୍ଡଧରେ ନାରଦ ଯେ ଭଣି ।
ସେ ନାରଦ ପାଦଦ୍ୱେ ରହୁ ମୋର ଧ୍ୟାନ
ବିପ୍ର କାମପାଳ ଏହା କରଇ ବର୍ଣ୍ଣନ ।
ଇତି ଶ୍ରୀ ମତ୍ସ୍ୟପୁରାଣେ ନାରଦ ଇନ୍ଦ୍ରଦ୍ୟୁମ୍ନ
ପ୍ରଳୟ ସମ୍ବାଦେ ନାମ ପ୍ରଥମୋଽଧ୍ୟାୟଃ ।

ଦ୍ୱିତୀୟ ଅଧ୍ୟାୟ

ସତ୍ୟବ୍ରତର ମହିମା ବର୍ଣ୍ଣନା

ଏହି ଅନୁକ୍ରମରେ ଯେ ପ୍ରଳୟ ନାଶିଲା
ରାଜା ପୁଚ୍ଛିଲେ ବାସୁକି ତେବେ କେଣେ ଗଲା ।
ଋଷି ବୋଲେ ନିରଞ୍ଜନ ଅଗ୍ନିରେ ସେ ମଳି
ପୃଥିବୀକୁ ସେହୁ ପୁଣି ସ୍କନ୍ଧେ ଥିଲା ଧରି ।
ଭୟରେ ପୃଥିବୀକୁ ସେ ନ ପାରିଲା ଛାଡ଼ି
ପ୍ରଳୟାଗ୍ନିରେ ସେହୁ ତହିଁ ଗଲା ପୋଡ଼ି ।
ମେରୁରେ ଲାଖି ପୃଥିବୀ ମାତ୍ର ଗଲା ରହି
ଯେ ଯହିଁ ଅଛନ୍ତି କାର ତହିଁ ପ୍ରାଣନାହିଁ ।
ପ୍ରଳୟାଗ୍ନିରେ ପୃଥିବୀ ହୋଇଗଲା ହତ
ମହା ତେଜରେ ଦଗ୍‌ଧ ହୋଇଲା ଜଗତ ।
ଦେବତାମାନେ ଚାହିଁଣ ହାହାକାର କରି
ସୁଧର୍ମା ସଭାକୁ ପାଇ ପର୍ବେଛନ୍ତି ପୁରି ।
ବିକଳେ ଡ଼ାକନ୍ତି ସର୍ବେ ନାରାୟଣ ତାହି
ସଂହାର କାଳରେ ସଖା ହୋଇବେ କି ସେହି
ଖୋଜନ୍ତି ଦେବେ ବୈକୁଣ୍ଠ ପୁରେ ନାରାୟଣ
ଭୟେ ଖୋଜି ୨ ଗଲେ ସେ ନିତ୍ୟ ଭୁବନ ।
ନ ପାଇଣ ଦେବତାଏ ବାହୁଡ଼ି ଆସନ୍ତି
ସୁଧର୍ମା ସଭାରେ ଯାଇ ନିରାଶେ ବସନ୍ତି ।
ସ୍ୱର୍ଗପୁର ବୃକ୍ଷମାନେ ସର୍ବେ ଗଲେ ଜଳି
ନନ୍ଦନବନହିଁ ଗଲା ଅଛି ମେରୁସ୍ଥଳୀ ।
ସାତ ରତୁକୁ ଘେନିଣ ଦେବତାଏ
ନମସ୍ତେଛନ୍ତି ସୁଧର୍ମା ସଭାର ଆଶ୍ରୟେ ।
ଦେବ ବ୍ରହ୍ମାଙ୍କ ବଚନେ ବସନ୍ତ ବହଇ
ଦେବତାଙ୍କ ଆଜ୍ଞାପାଇ ସେ ଏକା ଅଛଇ ।
ବହୁ ବିନୟେ ବୋଲନ୍ତି ତାକୁ ବେଦବର
ଅବଶ୍ୟ ମରିବା ସଙ୍ଗେ ଥାଅ ତୁ ଆମ୍ଭର ।
ଦୟାକରିଣ ସେ ଏକା ଅଛଇ କେବଳ
ମହାତାତିକ ଲତାଏ କରେ ଯେ ଶୀତଳ ।
ଏଥୁଅନ୍ତେ ଶୁଣି ଆହେ ନୃପ ସୂର୍ଯ୍ୟବଂଶୀ
ବ୍ରହ୍ମାଙ୍କୁ ଘୋଟିଲା କ୍ରମେ କାଳନିଦ୍ରା ଆସି ।
ତହୁଁ ସେ ବ୍ରହ୍ମଦେବତା ସତ୍ୱରେ ରମିଲେ
ଦେବନାଶକ ବଟର ମୂଳରେ ଶୋଇଲେ ।

Digitized by srujanika@gmail.com

ବିଚାରିଲେ ଜଗତର ହତ ନ ଦେଖିବି
ଏହାତଳେ ଶୋଇ ଏବେ ଜୀବନ ହାରିବି ।
ଏତେ ବିଚାରି ନିଦ୍ରିତ ହେଲେ ବେଦବର
ଦକ୍ଷିଣକୁ ପାଦକଲେ ଉତ୍ତରକୁ ଶିର ।
ମହାଯୋଗ ନିଦ୍ରାଗଲେ କମଳ ଆସନ
ଆବର କଥାଏ ତୁମ୍ଭେ ଶୁଣ ହେ ରାଜନ ।
ଆକାଶରେ ପ୍ରାଣ ଘେନିଛନ୍ତି ସୁରଗଣେ
ମନୁଷ୍ୟରେ ବ୍ରହ୍ମାଣ୍ଡରେ ଅଛି ଏକ ଜଣେ ।
ତାହା ଶୁଣିଣ ଚକିତ ହେଲେ ମହାରାୟେ
ଭୋ ମୁନି କହିଲେ ମୋତେ ଆଶ୍ଚର୍ଯ୍ୟ କଥାଏ
ବ୍ରହ୍ମଲୋକ ପରିଯନ୍ତେ ଆକର୍ଷିଲା ତେଜ
କେବଣ ଜନ ରହିଲା ନ ହେଲା ଦହିର୍ଯ୍ୟ ।
ଧନ୍ୟ ତାହାର ଜୀବନ ନମସ୍କାର ତାକୁ
କେଉଁ ମହାତ୍ମା ସେ ଅଟେ କୁହନ୍ତୁ ଆମ୍ଭଙ୍କୁ ।
ନାରଦ କହନ୍ତି ସତ୍ୟବ୍ରତ ନରପତି
ଜନ୍ମରୁ ବିଷ୍ଣୁ ଚରଣେ ତାହାର ଭକତି ।
ବିଷ୍ଣୁଙ୍କ ବିନା ଆନକୁ ନ ଜାଣଇ ରାଜା
ସର୍ବଦା ବିଷ୍ଣୁଙ୍କୁ ସେହୁ କରୁଥାଏ ପୂଜା ।
ଗନ୍ଧପୁଷ୍ପ ଧୂପ ଦୀପ ଦେଇଣ ପୂଜଇ
ଷଡ଼ରସେ ନାନାଦ୍ରବ୍ୟ ପୂଜାକୁ ବଢ଼ାଇ ।
ନାରାୟଣ ନାମ ତାର ହୃଦୟ ରତନ ।
ଲୋଭ ମୋହ କାମ କ୍ରୋଧ ତେଜିଲା ସମସ୍ତ
ଗୋରୁଙ୍କ ପ୍ରାୟ ସକଳ ସହେ ସେ ନିରତ ।
ତାଙ୍କୁ ପ୍ରହାର କରିଲେ ଯେହ୍ନେ ତୁନି ଥାଇ
ତେସନ ରହିଲା ରାଜା ଉଦାସୀନ ହୋଇ ।
ଦେଖିଲା ଏ ସଂସାରକୁ ସ୍ୱପ୍ନର ସଂଜାତ
ପୁତ୍ରେ ରାଜ୍ୟଦେଇ ରହେହୋଇ ଯୋଗୀବତ ।
କକ୍ଷାକଉପୀନ ଦଣ୍ଡ କମଣ୍ଡଳୁଧାରୀ
ନିରତେ ମୁଖେ ବୋଲଇ ନାରାୟଣ ହରି ।
ଶତ୍ରୁମିତ୍ରଙ୍କୁ ଜାଣଇ ସେହୁ ଏକମତ
କୃଷ୍ଣମୟ ଦେଖଇ ସେ ସକଳ ଜଗତ ।
ଫଳମୂଳ ଖାଏ କିବା କରେ କ୍ଷୀର ପାନ
ଭୋଜନେ ଶୟନେ ସଦା ଚିନ୍ତେ ଭଗବାନ ।
ରାଜ୍ୟ ତେଜ୍ୟାକଲା ପୁଣି ଯୁବତୀ ଛାଡ଼ିଲା
ସୁଖ ସମ୍ପଦ ସବୁକୁ ଦୁଃଖ ବିଚାରିଲା ।
ଦୁଃଖକୁ ସମ୍ପଦ ପ୍ରାୟ ମନରେ ବିଚାରି
ତାହାର ସମ୍ପଦ ସଦା ନାମ ହରି ହରି ।
ସଂସାର ନାଶ ଯିବାର ଅଛି ସାତଦିନ
କହନ୍ତି ଶ୍ରୀ ନାରାୟଣ ଶୁଣ ହେ ରାଜନ ।
ପ୍ରଳୟ ହେବାକୁ ମାତ୍ର ଅଛି ଦିନ ସାତ
କିଛି ନ ବିଚାରି ଭଜୁଥାଅ ପଦ୍ମନେତ୍ର ।
ଶୂନ୍ୟବାଣୀ ପୁଣି କରି ତ୍ରସ୍ତ ନୃପବର
କହି ନାରାୟଣ ଗଲେ ନିଜର ମନ୍ଦିର ।
ନରପତି ବିଚାରଇ ପ୍ରଳୟ ହୋଇବ
ନିଶ୍ଚେ ସୃଷ୍ଟି ସଂହାରିବେ ପ୍ରଭୁ ବାସୁଦେବ ।
ଏସନେକ ବିଚାରିଣ ସ୍ଥିର କଲା ମନ
ନିମଗ୍ନରେ ଧ୍ୟାନ କଲା ଶ୍ରୀ ମଧୁସୂଦନ ।
ଏଥୁଅନନ୍ତରେ ତହୁଁ ସାତଦିନ ଗଲା
ଜଗତ ନାଶ ଲକ୍ଷଣ ସବୁ ପ୍ରକାଶିଲା ।
ଉତପାତ ଦେଖି ମନେ ଭୟ କଲା ରାଣ
ବିଚାରେ ନିଶ୍ଚେ ହୋଇବ ଏବେତ ମରଣ ।
ପ୍ରଳୟ ହୋଇଲା ଏବେ ପୃଥ୍ୱୀ ନାଶ ଯିବ
ବ୍ରହ୍ମା ଆୟୁଷ ତୁଟିଲା ମରିବେ ଦଇବ ।
ଏତେ ବିଚାରିଣ ଚିନ୍ତେ ସେହୁ ଭଗବାନ
ପ୍ରଳୟ କାଳେ ବଞ୍ଚାଅ ନମୋ ନାରାୟଣ ।
ତ୍ରାହି ତ୍ରାହି ରାବ ସେହୁ ଦେଲାକ ଶୋକରେ
ଆହେ ପ୍ରଭୁ ଚକ୍ରଧର ରକ୍ଷାକର ବାରେ ।
ଜନଜନ୍ତୁ ଦେହେଥିଲୁ ସଂସାରରେ ରହି
ଏବେ ଛାଡ଼ିଯିବୁ କାରେ ଭଜିବଇଁ ମୁହିଁ ।
ତୁ ଯେବେ ଯିବୁଟି ପ୍ରଭୁ ଭୃତ୍ୟେ ରକ୍ଷାକର
ତୋହର ପାଦେ ସର୍ବଦା ଶରଣ ମୋହର ।
ଜନଜନ୍ତୁ ହୃଦେ ଅଛୁ ସ୍ଥିରଭାବ ହୋଇ
ସବୁ ଭୋଗ କରୁଅଛୁ ଜୀବରୂପେ ଥାଇ ।
ସଂସାର ତୋ ଖେଳଘର ଭାଙ୍ଗିବୁ ତୁ ହରି
ତ୍ରାହି ଶ୍ରୀହରି ନମସ୍ତେ ପରମ ବିହାରୀ ।
ଏତେବୋଲି କୋଟି କୋଟି ନମସ୍କାର କଲା
ନୟନ ବୁଜିଣ ରାୟେ ହରିଙ୍କି ଧ୍ୟାୟିଲା ।
ରାଜାର ଆରତ ଜାଣି ପ୍ରଭୁ ନାରାୟଣ
ଆଜ୍ଞାଦେଲେ ବେଗେଯାଅ ଚକ୍ର ସୁଦର୍ଶନ ।
ମୋହର ଭକତ ସତ୍ୟବ୍ରତ ନୃପବର
ଦକ୍ଷିଣ ସମୁଦ୍ର ଜମ୍ବୁଦ୍ୱୀପେ ତାର ଘର ।

Digitized by srujanika@gmail.com

କଟକର ନାମ ସେହୁ ବିଷ୍ଣୁ ନଗ୍ର ଦେଲା
ଏକାନ୍ତ ହୃଦୟରେ ଯେ ମତେ ସେ ଚିହ୍ନିଲା ।
ସେ ରାଜା ସୂର୍ଯ୍ୟବଂଶରେ ହେଲା ଉତପନ୍ନ
ଭକତଙ୍କ ବର ସେହୁ ମୋହର ଜୀବନ ।
ତିନିପୁରେ ତାର ତହୁଁ ବଡ଼ ଭକ୍ତ ନାହିଁ
ନିତ୍ୟ ତାର ସନ୍ନିଧିରେ ବସିରହି ଥାଇଁ ।
ମୋରନାମ ଶୁଣୁଥାଇ ସଦା ତାର ଚିତ୍ତେ
ଲୋଭ ମୋହ କାମ କ୍ରୋଧ ନ ଧରେ କିଞ୍ଚିତେ
ଧର୍ମବନ୍ତ ଗୁଣବନ୍ତ ସହିଷ୍ଣୁ ମେଦିନୀ
ଯୋଗାରୁଢ଼ ପୁରୁଷ ସେ ପରମ ସୁଜ୍ଞାନୀ ।
ସବୁଭକ୍ତଙ୍କ ମଧ୍ୟରେ ନକ୍ଷତ୍ରର ସମ
ଭକତରେ ଉତ୍ତମ ସେ ମନୁଷ୍ୟରେ ସୋମ ।
ସକଳହିଁ ନାଶଯିବ ପୃଥ୍ୱୀ ହେବ ବହି
ମୋର ଭକତ ପ୍ରଳୟ ନ ପାରିବ ସହି ।
ଏକ ସୂର୍ଯ୍ୟକିରଣ ତୁ ହେବୁ ସୁଦର୍ଶନ
ରାତ୍ରିରେ ଚନ୍ଦ୍ର ପରାୟେ କରିବୁ କିରଣ ।
ପ୍ରଳୟର ବାଧା ତାକୁ ନ ହୁଏ ଯେମନ୍ତେ
ମୋର ଭକ୍ତକୁ ରଖିବୁ ନେଇ ସେହିମତେ
ଏମନ୍ତ କହିଣ ପଦ୍ମ ସମର୍ପିଲେ ନେଇ
ଅମୃତର ସୁଧାଧାର କେଶରେ ପୁରାଇ ।
ତାହା ଘେନି ସୁଦର୍ଶନ ଚଳେ ଅତି ଖରେ
ପ୍ରବେଶ ହୋଇଲା ସତ୍ୟବ୍ରତର ସ୍ଥାନରେ ।
ଯୋଜନ ଆୟତନରେ ଘୋଟେ ସୁଦର୍ଶନ
ତା ତଳେ ପଦ୍ମ ରହଇ ଯୁଣେ ଆୟତନ ।
ରବି ଅଗ୍ନି ତେଜେ ରାଜା କଷ୍ଟ ପାଇଥିଲା
ପଦ୍ମଚକ୍ର ଆବୋରନ୍ତେ ଶୀତଳ ହୋଇଲା ।
ଶଡ଼ଋତୁ ବସନ୍ତ ଯେ ବହେ ଧୀର ଧୀର
ପଦ୍ମକେଶରରୁ ସୁଧା ପଡ଼େ ଝର ଝର ।
ପ୍ରଳୟ ପରାୟେ ଆଉ ନ ଲାଗିଲା କିଛି
ଭଲହିତ ପରକାରେ ସେ ପୁଣି ମଣୁଛି ।
ବିଚାରକ ସଂସାରତ ନାଶ ହେଉଥିଲା
କ୍ଷଣକ ଭିତରେ ପୁଣି ସବୁ ଶାନ୍ତ ହେଲା ।
କି ଅବା ଆର୍ତ୍ତ ଶୁଣିଲେ ମୋର ଭାବଗ୍ରାହୀ
ତେଣୁକରି ପ୍ରଳୟ ବା ମୋତେ ନ ବାଧଇ ।
କିଅବା ଏହା ଦେଖୁଛି ମୋର ଚିତ୍ତଭ୍ରମେ
ବହୁସୂର୍ଯ୍ୟ ଉଦେହେବା ଦେଖିଛି ମୁଁ କ୍ରମେ ।
ସେ ସମସ୍ତ କଥାଯାକ ଏବେ କାହିଁଗଲା
ପୂର୍ବରୁ ବିଧାନ ପ୍ରାୟେ ସଂସାର ଦିଶିଲା ।
ହେଉ କି ନ ହେଉ ଆଉ ନଯିବି ମୁଁ କେଣେ
ଧ୍ୟାନକରି ବସିଥିବି ପ୍ରଭୁଙ୍କ ଚରଣେ ।
ଏମନ୍ତ ବିଚାର କରି ଧ୍ୟାନରେ ରହିଲା
ବିଷ୍ଣୁ ଚକ୍ର ସେହିଠାରେ ରାତ୍ରିଦିନ କଲା ।
କନ୍ଧମାନଙ୍କୁ ଆବୋରି ରହେ ପଦ୍ମଫୁଲ
ସୁଗନ୍ଧ ଶୀତଳ ତହିଁ ବହଇ ଅନିଳ ।
ବସିଅଛି ନରପତି ବ୍ୟାଘ୍ର ଚର୍ମ ମାଡ଼ି
କନ୍ଧେ ଉତ୍ତରୀ ପଇତା ତାର ଅଛି ପଡ଼ି ।
ସଂସାର ସମସ୍ତ ସ୍ଥାନ ଦେଉଅଛି ବହି
କିଛି ନ ଜାଣଇ ରାଜା ବିଷ୍ଣୁ ଚକ୍ରେ ଥାଇ ।
ପଦ୍ମରୁ ସୁଧା ପଡ଼ନ୍ତେ ପାତେ ନେଇ ତୁଣ୍ଡ
ତାକୁ ଭକ୍ଷଣ କରିଣ ରଖିଲା ତା ପିଣ୍ଡ ।
କୁଟୁମ୍ବଯାକ ପ୍ରଳୟେ ହୋଇଲେ ନିଧନ
ଅନ୍ତରରେ ରହିଅଛି ବିଷ୍ଣୁ ଭକ୍ତ ଜନ ।
ଶୁଣ ଆରେ ନରପତି ବିଷ୍ଣୁଙ୍କ ମହିମା
ଚାରିମୁଖେ ଗୁଣକହି ନ ପାରିବେ ବ୍ରହ୍ମା ।
ଜଗତଯାକ ସର୍ବତ୍ର ହୋଇଗଲା ହତ
ଅଗ୍ନି ବର୍ଷଣେ ଉଲ୍କାପାତ ଶୂନ୍ୟପଥ ।
ଦେବତାଏ ରହିଛନ୍ତି ଅମର ସ୍ୱର୍ଗରେ
ଚତୁର୍ଦ୍ଦଶ ପୁର ତେଜି ବିଷ୍ଣୁ ଏକଠାରେ ।
ଦେବତାଏ ଏକ ଘେନି ଅଛନ୍ତି ଜୀବନ
ଅନାବୃଷ୍ଟି ଶତବର୍ଷ ହୋଇଗଲା ପୂର୍ଣ୍ଣ ।
ଏହା ଶୁଣି ନୃପବର ଯୋଡ଼ି ବେନିକର
ବୋଇଲେ ସତ୍ୟବ୍ରତ ଯେ ଦ୍ୱିତ ଚକ୍ରଧର ।
ପ୍ରଳୟେ ରଖିଲେ ତାକୁ ପ୍ରଭୁ ଭଗବାନ
ଏହାଶୁଣି ମହାପାପ ହୋଇବ ମୋଚନ ।
ଶତ ବର୍ଷ ସମ୍ପୂର୍ଣ୍ଣରେ ନ ବର୍ଷିଲା ଜଳ
ତହିଁପରେ କିସ ହେଲା କୁହ ତପଶୀଳ ।
ପୃଥ୍ୱୀରେ ବୃଷ୍ଟି କଲେକି ପୁଣି ମେଘମାଳ
ଆକାଶେ କେମନ୍ତ କଲେ ଦେବତା ସକଳ
ଅସୁର ସହିତେ ସର୍ବେ ହୋଇଗଲେ ହତ
ତଦଉତ୍ତାରେ ପ୍ରଳୟ ହୋଇଲା କେମନ୍ତ ।
ପଚାରନ୍ତେ ଲୋମାଞ୍ଚିତି ହୁଏ କଳେବର
ବଦନ୍ତି ନାରଦ ମୁନି ଶୁଣ ଦଣ୍ଡଧର ।

Digitized by srujanika@gmail.com

ମେଘମାନଙ୍କୁ ବୋଲନ୍ତି ଚାହିଁ ବ୍ରହ୍ମା
ପୃଥିବୀରେ ଜଳବୃଷ୍ଟି କର ହେ ମହାତ୍ମା ।
ଚନ୍ଦ୍ର ସୂର୍ଯ୍ୟ ବରୁଣାଦି କହିଲେ ଅପାର
ତାହାଙ୍କ ବଚନେ ମେଘେ କରନ୍ତି ଉତ୍ତର ।
ଇନ୍ଦ୍ର ଦେବତା ଆମ୍ଭର ଅଟନ୍ତି ନୃପତି
ସେ ମଲା ତୁମ୍ଭର ବୋଲେ ବର୍ଷିବୁ କି କ୍ଷିତି
ଯେବେ କି ଶୁଣିବୁଁ ଆମ୍ଭ ନିରଞ୍ଜନ ବାଣୀ
ଆକାଶକୁ ଘୋଟି ନିଶ୍ଚେ ବରଷିବୁ ପାଣି ।
ତାହା ଶୁଣିଣ ମଉନ ହୋଇଲେ ଦେବତା
ମେଘକୁ ଆଜ୍ଞା କରିଲେ ନିରଞ୍ଜନ କର୍ତ୍ତା ।
ବେଦବରଷରେ ଶତବର୍ଷ ବରଷିବ
ମେରୁ ପର୍ବତ ସହିତେ ସମସ୍ତ ନାଶିବ ।
ଜଗତ ଯାକକୁ ବାବୁ ସବୁକର ହତ
ଶୁଣିତ ଗର୍ଜି ଉଠିଲେ ବାରିଦ ତ୍ୱରିତ ।
ଆବର୍ତ୍ତକ ସମ୍ବର୍ତ୍ତକ ପୁଷ୍କର ଯେ ଦ୍ରୋଣ
ଯେ ଯାହାର ସୈନ୍ୟଘେନିଆବୋରିଲେକୋଣ
ପଦ୍ମକେ ସୈନ୍ୟ ଅଟଇ ଆବର୍ତ୍ତ ମେଘର
ଉତ୍ତର ଦିଗ ଆବୋରି ରହିଲା ସତ୍ୱର ।
ସମ୍ବର୍ତ୍ତକ ମେଘପାଞ୍ଚ ପଦ୍ମାସୈନ୍ୟ ଘେନି
ପଶ୍ଚିମେ ଆବୋରେ ଗର୍ଜି କମ୍ପାଇ ଅବନୀ ।
ଦୁଇ ପଦ୍ମରେ ପୁଷ୍କର ପଶ୍ଚିମର ଦିଗେ
ଭୂମିରୁ ଘୋଟାଇ ଆସେ ଗଗନ ମାର୍ଗେ ।
ଏଗାର ପଦ୍ମ ସୈନ୍ୟ ଘେନି ପୂର୍ବେ ଦ୍ରୋଣ
ମହା ଗର୍ଜନେ ଡ଼ରନ୍ତି ଶୁଣି ଦେବଗଣ ।
ରାଜା ପଚାରନ୍ତି ଶୁଣ ଆହେ ମୁନିବର
ସୃଷ୍ଟି ଆଦ୍ୟେ ମେଘ ନାମ ଥିଲା କି ପ୍ରକାର
ଅଳପ ହସିଲେ ମୁନି ରାଜାର ବଚନେ
ଏହି କଥାକୁ ସନ୍ଦେହ ନକର ତୁ ମନେ ।
ମନୁଷ୍ୟ ଅଙ୍ଗେ ଯେହ୍ନେ ବସେ ମୃତ୍ୟୁପଥ
ତେଣୁ ତାହାକୁ ପ୍ରବିଳ ବୋଲିବା ଉଚିତ ।
ଜନମକେ ଏକନାମ ବହନ୍ତି ମନୁଷ୍ୟ
ମେଘଙ୍କର ସେହିରୂପ ଅଟଇ ଅବଶ୍ୟ ।
ମେଘ ମଧ୍ୟ ପ୍ରଳୟରେ ହୋଇଯାନ୍ତି ହତ
ମେଘଙ୍କ ନାମ ସେକାଳେ ମଧ୍ୟ ଏହିମତ ।
ଏହିରୂପେ ସୃଷ୍ଟି ମଧ୍ୟ ହୋଇଲାଣି କେତେ
ମେଘମାନେ ଏକ ନାମ ବହନ୍ତି ଜଗତେ ।

ଅନେକ ଥର ବ୍ରହ୍ମାଣ୍ଡ ହୋଇ ନାଶଯିବ
ମେଘଙ୍କର ଆନ ନାମ କେଭେ ନ ହୋଇବ
ବେଦ ହୋଇକରି ପୁଣି କହେ ଯାହା
ପୂର୍ବେ ମେଘଙ୍କର ନାମ ହୋଇଥିଲା ତାହା ।
ତାହାକୁ ଘେନିଣ ବ୍ରହ୍ମା ଜଗତ ସୃଜଇ
ଯାର ଯେଉଁ ନାମ ଦିଏ ବେଦପୋଥି ଚାହିଁ ।
ଏହିରୂପେ ଆତଯାତ ହେଉଛି ଜଗତ
ଶୁଣିଣ ସନ୍ତୋଷଚିତ୍ତ ହେଲେ ନରନାଥ ।
ଯେଉଁକାଳେ ବିଷ୍ଣୁଠାରୁ ହେଲେ ସେ ଜନମ
ଚାରିଙ୍କି ଶ୍ରୀ ନାରାୟଣ ଦେଲେ ଚାରିନାମ ।
କିଏ ଅନ୍ୟଥା କରିବ ଯାହା ବେଦମତ
ଜାତି ସିନା ମେଘ ହୁଅନ୍ତା କେମନ୍ତ ।
ମୁନି କହିଲେ ପ୍ରଳୟ କଥା ଏବେ ଶୁଣ
ଆକାଶେ ଘୋଟି ରହିଲେ ଯାଇ ମେଘଗଣ ।
ଏକ ଏକ ମେଘଙ୍କର ସସ ଯୁଣ କାଯେ
ଭୂମିରୁ ଘୋଟିଲେ ସୂର୍ଯ୍ୟ ମଣ୍ଡଳର ଯାଏ ।
ପଞ୍ଚାଶ କୋଟି ପୃଥ୍ୱୀକି ରହିଲେ ସେ ପୁରି
ଘୋର ଗର୍ଜନରେ କମ୍ପେ ସ୍ୱର୍ଗ ବସୁନ୍ଧରୀ ।
ଘନ ଘନ ବିଜୁଳି ଯେ ମାରେ ଚାରିମେଘ
ଘୋର ଉତ୍ପାତେ କମ୍ପିଲେ ସ୍ୱର୍ଗେ ଦେବବର୍ଗ
ଜମ୍ବୁ ପଟଳ ପରାୟେ ଦିଶେ କୃଷ୍ଣବର୍ଣ୍ଣ
ରବିଚନ୍ଦ୍ର ଅଗ୍ନି ବୃଷ୍ଟି ହେଲା ନିବାରଣ ।
କାୟ ବଢ଼ାଇ ଓହଳି ଗଲେ ମେଘଯୁଥ
ସବୁ ଗଗନ ଘୋଟିଲେ ମେରୁର ସହିତ ।
ମେଘରୂପ ଦେଖି ଭୟ କଲେ ସୁରଗଣ
ମେଘଙ୍କର ସାହା ଆସି ହୋଇଲା ପବନ ।
ଜୀବନାଶେ ସାତ ସିନ୍ଧୁ ବଢ଼ିଲେ ବହୁତ
ତହୁଁରୁ ଜଳ ଭରିଲେ ସେ ମେଘ ସମସ୍ତ ।
ଅଗ୍ନି ରବି କିରଣରେ ନାନା ହୋଇଥାନ୍ତି
ତଦପରେ ବିଶ୍ୱରୂପେ ତ୍ରୈଲୋକ୍ୟ ନାଶନ୍ତି ।
ପ୍ରହର ମଧ୍ୟେ ଘୋଟିଲେ ମେଘ ବସୁନ୍ଧରୀ
ଘଡ଼ିଘଡ଼ି ସହିତରେ ବରଷନ୍ତି ବାରି ।
ହାନ୍ଦୋଳି ହୋଇ ପବନ ବହନ୍ତି ପ୍ରଚଣ୍ଡ
ପୃଥ୍ୱୀ କମ୍ପେ ଥରହର କମ୍ପେ ମେରୁଦଣ୍ଡ ।
ଅସଂଖ୍ୟ ବୃଷ୍ଟି ମୂଷଳ ଧାରଠାରୁ ଜିଣି
ପୃଥିବୀରେ ପଡ଼ି ଭର ଭର ହୁଏ ପାଣି ।

Digitized by srujanika@gmail.com

ଦୁଇଘଡ଼ି ପୃଥିବୀରେ ନ ଦିଶିଲା ଜଳ
ତପତିରେ ପଡ଼ନ୍ତି ଯେ ଶୋଷିଲା ସକଳ ।
ଘୋ ଘୋ ହୋଇ ଗରଜିଣ ବରଷଇ ପାଣି
ଭୟଙ୍କର ଘୋରନାଦେ କମ୍ପଇ ଧରଣୀ ।
ବେଳକୁ ବେଳ ପ୍ରଳୟ ଜଳ ବରଷଣ
ଝଙ୍କାର ବାୟୁ ବେଗରେ ଜନ୍ମେ ମେରୁପଣ ।
ବିଜୁଳି ଚଡ଼କ ଘାତ ଅଟେ ମହାତେଜି
ଦେବ ଚାହିଁ ନ ପାରନ୍ତି ଥାନ୍ତି ଚକ୍ଷୁ ବୁଜି ।
ଘୋଟେ ମହାଜଳ ଶୂନ୍ୟ ମଣ୍ଡଳକୁ ଘେନି
ଫୁଟି ବାହାରଇ ସେହୁ ପୁରାଇ ମେଦିନୀ ।
ପଞ୍ଚାଶକୋଟି ଯୋଜନ ଅଟେ ବସୁନ୍ଧରୀ
ଯୋଜନ ଗହିରେ ପୃଥ୍ୱୀ ପକାଏ ବିଦାରି ।
ସାତ ସମୁଦ୍ର ଘୋଟିଲେ ଆଣି ସାତ ଦ୍ୱୀପ
ଜୀବନାଶ ଜଳ ପୁଣି ବଢ଼ଇ ଅମାପ ।
ବେଦେ ବିଚାର କରନ୍ତି ଜଳରେ ପୁରିଲା
ଚଉଦ ବ୍ରହ୍ମାଣ୍ଡ ଏବେ ନିଶ୍ଚେ ନାଶ ଗଲା ।
ନାଦେ ନିଦ୍ରା ଭାଜିଯାନ୍ତେ ଉଠି କୁଶପାଣି
ଦେଖେ ସୂର୍ଯ୍ୟଲୋକେ ପାଣି ଉଠୁଛି ଉଜାଣି ।
ତହୁଁ ଚାରିଆଡ଼େ ଦୃଷ୍ଟି ଦେଲା ପରମେଷ୍ଟୀ
ଦେଖେ ଜଳମୟ ହେଲା ଆସି ସର୍ବ ସୃଷ୍ଟି ।
ଭୟରେ ଆରତ ହେଲା ସାବିତ୍ରୀର ସାଇଁ
ସୁଧର୍ମା ସଭାରେ ପୁଣି ରହିଲିକ ଯାଇଁ ।
ବେଦମତରେ ଶତେକ ବରଷ ଶୁଣିଲା
ଦେବନାଶନର ତଳେ ବିନାଶ ନୋହିଲା ।
ବ୍ରହ୍ମା ବ୍ରହ୍ମ ପ୍ରଳୟର ହେବ ସିନା ହତ
ତେଣୁ ବଟତଳେ ତାର ନ ହେଲା ନିପାତ ।
ଦ୍ୱାଦଶ ଆଦିତ୍ୟମାନେ ଭୟେ ଥରହର
ଲକ୍ଷେ ଯୋଜନ ପର୍ଯ୍ୟନ୍ତେ ଘୋଟେ ମହାନୀର
ଭୂମିରୁ ଆଦିତ୍ୟ ଯାଏ ଭୁଲୋକ ବୋଲାଇ
ଜଳହାନ୍ଦୋଳିଣ ଚକ୍ର ପରାୟେ ବୁଲାଇ ।
ପବନ ଘାତେ ଲହଡ଼ି ଟେକେ ଘନ ଘନ
ଫେଣକୁଢ଼ ପ୍ରକାଶନ୍ତି ପର୍ବତ ସମାନ ।
ବହୁତ ପ୍ରବଳ ବେଗ ଯହୁଁ ହେଲା ପାଣି
ରସାତଳରେ ପଡ଼ିଲା ଯାଇଣ ଧରଣୀ ।
ମହାଘୋର ଗରଜନେ ମେରୁହିଁ ଟଳିଲା
ଧ୍ରୁବ ମଣ୍ଡଳରେ ଯାଇ ନାଦ ବିଶ୍ରାମିଲା ।

ସୂର୍ଯ୍ୟ ଚନ୍ଦ୍ରମା ନକ୍ଷତ୍ର ଆଦି ଲୋକମାନେ
ଭୟକାତରେ ଡ଼ାକିଲେ ତ୍ରାହି ଭଗବାନେ ।
ଦେବତାମାନେ ଭୟରେ ହୋଇଲେ ଆକୁଳ
ବିଚାର କଲେ ମେଦିନୀ ଗଲା ରସାତଳ ।
ମେରୁ ଶିଙ୍ଗ ସହିତରେ ବୁଡ଼ାଇଲା ପାଣି
ପାତାଳେ ପୃଥ୍ୱୀ ପଡ଼ିଲା ସର୍ବ ଲୋକ ଜାଣି ।
ବାର ଆଦିତ୍ୟ ଭୟରେ ପଳାଇଣ ଗଲେ
ସୁଧର୍ମା ସଭାରେ ଯାଇ ସକଳେ ରହିଲେ ।
ଭୟରେ କ୍ଷୋଭ ଚନ୍ଦ୍ରମା ତହୁଁ ଗଲେ ଭାଜି
ବେଳେ ବେଳେ କଳାପାଣି ଘୋଟେ ଗଳଗାଜି
ଯେଉଁରୂପେ ଘୃତ ପାତ୍ରେ ଜଳ ହୁତାଶନ
ତ୍ରିଲକ୍ଷ ଯୁଣ ପକାନ୍ତି ନକ୍ଷତ୍ରାଦିମାନ ।
ସୁଧର୍ମା ସଭାରେ ଯାଇ ସର୍ବେ ହେଲେ ରୁଣ୍ଡ
ସଂହାର ଚନ୍ଦ୍ରମାମାନେ ଦିଶନ୍ତି ବିଖଣ୍ଡ ।
ଜଳମେଘ ଶୂନ୍ୟ ସବୁ ହୋଇଲା ଏକତ୍ର
ଘୋଟିଅଛି ମହାନିଶା ନ ଦିଶେ କିଞ୍ଚିତ ।
ସଭାରେ ପ୍ରବେଶ ହେଲେ ଚନ୍ଦ୍ର ଦିନମଣି
ତେଜ ବିକାଶଇ ଜୁଳୁଜୁଳୁ ପୋକ ଜିଣି ।
ଦେବେ କଥା ନ କହନ୍ତି ଧରି ପୂର୍ବ କଥା ।
ପୃଥ୍ୱୀ ନାଶିଲେ ଏମାନେ କରିଣ ଅହନ୍ତା ।
ଗନ୍ଧର୍ବ କିନ୍ନର ଆଦି ସିଦ୍ଧଲୋକ ଯେତେ
ପୁଣ୍ୟ ଲୋକ ବିଦ୍ୟାଧର ଅଛନ୍ତି ସମସ୍ତେ ।
ବରୁଣ ଦେବକନ୍ୟାଏ ପଞ୍ଚହୁତାଶନ
ସନକାଦି ସହିତରେ ମିଳିଲେ ଶମନ ।
ସପତ ପାତାଳ ମଧ୍ୟେ ରହିଥିଲେ ଯେତେ
ଜଳ ନୋହୁଁ ସର୍ବେ ଠୁଳଥିଲେ ସେ ସମସ୍ତେ
ସିଦ୍ଧ ସାଧକ ଅଟନ୍ତି ପୁଣି ଯେଉଁମାନେ
ରୁଦ୍ରଲୋକ ବିଷ୍ଣୁଲୋକ ଥିଲେ ଯେ ସେ ସ୍ଥାନେ
ଯମ ଲୋକେ ବ୍ରହ୍ମଲୋକେ ଥିଲେ ଯେତେ ରହି
ସର୍ବେ ରହିଲେ ପ୍ରଳୟ ଦେଖି ଭୟପାଇ ।
ଜପୀ ତପୀ ସହିତରେ ସିଦ୍ଧ ଋଷିମାନେ
ପ୍ରଳୟକୁ ଭୟପାଇ ଆସିଲେ ବହନେ ।
ନାନା ରୂପବନ୍ତମାନେ ରୁଣ୍ଡହେଲେ ଯାଇ ।
ଅପୂର୍ବ ରୂପକୁ ଦେଖି କେ ରହେ ଅନାଇ ।
ବ୍ରହ୍ମା ସହିତରେ ତହିଁଛନ୍ତି ସର୍ବଜନ
ଯେତେ ମିଳୁଥାନ୍ତି ଯାଇ ଅଣ୍ଟାଥାଏ ସ୍ଥାନ ।

Digitized by srujanika@gmail.com

ପ୍ରଳୟ ଦେଖିଣ ସର୍ବେ ହୋନ୍ତି ଥରହର
ଶୁଣିଣ ନୃପତି ତହୁଁ ଯୋଡ଼ି ବେନିକର ।
ବୋଲଇ ହେ ଦେବ ମୋର ବୁଡ଼ିଲାକ ପୁଣି
କେତେଦୂର ଆକାଶକୁ ଟେକେ କଳାପାଣି ।
ସୁଧର୍ମା ସଭା କିମ୍ପାଇଁ ନ ବୁଡ଼ିଲା ଋଷି
ଏହିକଥା ଦେବ ମୋତେ ଫିଟାଇ କହସି ।
ଋଷି କହୁଛନ୍ତି ଶୁଣ ଆହେ ନୃପମଣି
ଅଶେଷ ଗଗନକୁ ଯେ ଘୋଟିଗଲା ପାଣି ।
ଚନ୍ଦ୍ର ନକ୍ଷତ୍ରାଦି ଲୋକ ସବୁ ବୁଡ଼ିଗଲା
ନିଗମରେ ଚାରିଲକ୍ଷେ ଯୁଗେ ହତ ହେଲା ।
ରାହୁ କେତୁ ମଣ୍ଡଳକୁ ଘୋଟେ ପାଞ୍ଚଲକ୍ଷ
ଷଡ଼ଲକ୍ଷ ଯୁଗେ ଶୁକ୍ର ବୁଡ଼ିଲା ପ୍ରତ୍ୟକ୍ଷ ।
ସାତଲକ୍ଷ ଯୋଜନରେ ଯେଉଁ ସ୍ୱର୍ଗପୁରୀ
ଘୋଟିଗଲା ମହାଜଳ ଶୁଣ ଦଣ୍ଡଧାରୀ ।
ଦଶଲକ୍ଷ ଯୁଗରେ ଯେ ଅଟେ ବ୍ରହ୍ମପୁର
ଯେଉଁ ଭୁବନେ ଅଛନ୍ତି ବିପ୍ର ବେଦବର ।
ବହୁଲୋକ ସହିତରେ ଘୋଟିଲାକ ପାଣି
ଗୋଲୋକ ବୈକୁଣ୍ଠପୁରେ ଟେକିଲା ଉଜାଣି
ସେହି ପୁରରେ ସର୍ବଦା ବିଜେ ଦେବହରି
ପୂର୍ଣ୍ଣ ବ୍ରହ୍ମ ସେହି ପ୍ରଭୁ ପ୍ରଳୟାନ୍ତକାରୀ ।
ଚଉଦ ବ୍ରହ୍ମାଣ୍ଡେ ଥିଲେ ଯେହୁ ଯେତେଠାଇଁ
ଏକଦେହେ ଠୂଳ ହୋଇ ରହିଛନ୍ତି ତହିଁ ।
କୋଟିଏ ଚନ୍ଦ୍ର ସୂର୍ଯ୍ୟର ପ୍ରାୟ ତେଜରାଶି
ତାହା ଦେଖି କଳାପାଣି ବେଗେଦେଲା ଗ୍ରାସି
ବିରାଟ ଲୀନ ହୋଇଲା ତାହାର ଯେ ଦେହ
ଛାଡ଼ିଲାକ ସଂସାରର ସ୍ନେହ ମାୟା ମୋହ ।
ଦ୍ୱାଦଶ ଲକ୍ଷ ଯୋଜନ ଭେଦେ ମହାଜଳ
ଭୟେ ଭୁବନ ଛାଡ଼ିଲେ ପ୍ରଭୁ ଆଦିମୂଳ ।
ପ୍ରଳୟ କାଳର ତ୍ରାସ ନ ପାରିଲେ ସହି
ମହା ବ୍ରହ୍ମରେ ସେ ଲୀନ ହୋଇଗଲେ ଯାଇ
ଦେଖିଲେ ଜଳ ନାଶିଲା ଯହୁଁ ତ୍ରିଭୁବନ
ସଂସାରକୁ ଛାଡ଼ି ଦେବ ଚଳିଲେ ବହନ ।
ପନ୍ଦରଲକ୍ଷ ଯୋଜନ ଧ୍ରୁବର ମଣ୍ଡଳ
ବେଗରେ ଯାଇ ତାହାକୁ ଘୋଟେ ମହାଜଳ
ତହିଁ ଏକରୂପେ ଛନ୍ତି ଦେବ ବିରୂପାକ୍ଷ
ପ୍ରଳୟ ଆକର୍ଷନ୍ତେ ସେ ଗଲେ ଅନ୍ତରୀକ୍ଷ ।
ମହାବ୍ରହ୍ମରେ ସେହୁ ଯେ ପଶିଲାକ ଯାଇ
ପ୍ରଳୟ ତାହାକୁ କାହିଁ ପାରିବ ଗୋଡ଼ାଇ ।
ଶତ କୋଟି ଯୋଜନ ଯେ ଟେକେ ମହାଜଳ
ବ୍ରହ୍ମ ଅକ୍ଷରକୁ ବୋଲି ଲାଗିଲା କଲ୍ଲୋଳ ।
ଅର୍ଦ୍ଧମାତ୍ରାକୁ ତାହାର ଟେକିଲାକ ପାଣି
ମହାବ୍ରହ୍ମେ ଲୀନ ହେଲେ ଯାଇ ଠାକୁରାଣୀ ।
ସ୍ତ୍ରୀ ପ୍ରାଣିସବୁ ପ୍ରକୃତି ଅଙ୍ଗେ ଲୀନ କଲା
ଅକ୍ଷୟ ଭୁବନେ ଯାଇ ସେହୁ ବିଶ୍ରମିଲା ।
ପରମ ଲୋକକୁ ବୋଲି ଟେକିଲାକ ଜଳ
ଭେଦି ନ ପାରିଲା ତାକୁ ନ ପାଇଲା ଜଳ ।
ରାଜା ପଚାରନ୍ତି ଶୁଣ ଆହେ ବ୍ରହ୍ମଋଷି
ପରମ ଲୋଉଁକୁ କିମ୍ପ ନ ପାରିଲା ଗ୍ରାସି ।
ଏହା ଶୁଣିଣ ଚକିତ ହୋଇଲା ମୋ ଚିତ୍ତ
କୁହ କୁହ ମହାମୁନି ଶୁଣିବା ତଦନ୍ତ ।
ନିଶ୍ଚୟ ତରିଲି ମୁହିଁ ଏ ପୁରାଣ ଶୁଣି
ଭବ ସଙ୍କଟ ନାଶ ମୋତେ ହୋଇଲା କାରେଣି ।
ନାରଦ ମୁନି କହନ୍ତି ଶୁଣ ନୃପବର
ପୂର୍ବରୁ ଅଛଇ ପୁଣି ଯେଉଁ ବିଧିସାର ।
ଯେତେ ଦୂରଯାଏ ତାର ରହିଅଛି କଣ୍ଠ
ଚରାଚରକୁ ଭକ୍ଷିଣ ପୁରାଇଲା ପେଟ ।
ତେଣୁକରି ଉପରକୁ ନ ପାଇଲା ଯାଇ
ପୂର୍ବର ବିଧି ପ୍ରମାଣେ ରହିଲା ସେଠାଇଁ ।
ଯେବଣ କାଳେ ପ୍ରଥମେ ସୃଷ୍ଟି ହେଲା ଜାତ
ଭିଆଣ କରି ଅଛନ୍ତି ଅଛନ୍ତି ଅଚ୍ୟୁତ ।
ତହିଁରୁ ଏ ସୃଷ୍ଟି ସବୁ ଜାତ ହୋଇଅଛି
କାଳପାଣି କି କରିବି ତାର ଅବା କିଛି ।
ସେହିକାଳ ପାଣି ସିନା ତାହାଠାରୁ ଜାତ
କାହିଁ ଯିବ ଭୟ କଲା ତେଣୁ ତାର ଚିତ୍ତ ।
ସେହିଠାରୁ ନ ଟେକିଲା ରହେ ସ୍ଥିରହୋଇ
ଯେବେ ଭ୍ରମିବ ପରମ ଆଜ୍ଞା ଅଛି ପାଇ ।
ତାହାଶୁଣି ଆନନ୍ଦିତ ହେଲେ ନୃପବର
କେମନ୍ତେ ଦିଶେ ସେ ପୁର କୁହ ମୁନିବର ।
ମୁନି କହନ୍ତି ସେ ପୁର ଅବିନାଶି ବ୍ରହ୍ମ
ରବିତେଜ ପରକାରେ ଦିଶେ ତାର ବର୍ଣ୍ଣ ।
ଚନ୍ଦ୍ର ସୂର୍ଯ୍ୟ ରାତ୍ରଦିନ ସେଠାବରେ ନାହିଁ
ସାତଋତୁ ବାରମାସ ଥିବ ଅବା କାହିଁ ।

Digitized by srujanika@gmail.com

ନାହିଁ ସେଠାରେ ପବନ କି ନକ୍ଷତ୍ରଗଣ
ଦେହଗୋଟି ନାହିଁ ତାର ବିବର୍ଜିତ ଜାଣ ।
ଛେଦ ଭେଦ ଅହଂକାର ତହିଁ ନାହିଁ କିଛି
ଜଳ ଅଗ୍ନି ନାହିଁ ତହିଁ ହେ ରାଜା କହୁଛି ।
ଶାସ୍ତ୍ରପାଠ ସେ ପୁରରେ କିଛି ମାତ୍ର ନାହିଁ
ଧର୍ମ ଅଧର୍ମ ଯା ବୋଲୁଥିବ ଅବା କାହିଁ ।
ଶୂନ୍ୟର ପୁରୁଷ ସେହୁ ଶୂନ୍ୟରେ ନିର୍ମାଣ
ଅଦଭୂତ ପୁରୁଷ ସେ ପୂର୍ଣ୍ଣ ନିରଞ୍ଜନ ।
କୋଟି ପ୍ରଳୟ ହେଲେହେଁ ସେହୁ ଅଛି ରହି
ତାହାକୁ ପ୍ରଳୟଜଳ ପାରଇ କି ଚାହିଁ ।
ଯେତେଦୂର କାଳଜଳ ରହିଲାକ ପୁରି
ଉଲଟ ପାଲଟ ହୋଇ ମାରଇ ଲହରୀ ।
ଏକମାତ୍ର ଜୀବିତରେ ଛନ୍ତି ଦେବଗଣ
ତାହାଙ୍କୁ ବେଗବେଗରେ କରେ ଆକ୍ରମଣ ।
ସୁଧର୍ମା ସଭାରେ ରୁଣ୍ଡେ ଅଛନ୍ତି ସକଳ
ଗହ ଗହ ଶବଦରେ ଶୁଭେ ତୁଣ୍ଡଗୋଳ ।
ମେରୁକୁ ବୁଡ଼ାଇ ଜଳଟେକି ଅଛିଯାଇ
ସୁଧର୍ମା ଯେ ବଢୁଅଛି ଛନ୍ତି ସର୍ବେ ତହିଁ ।
ନିମିଷକେ ଶତେଯୁଣ ଟେକୁଅଛି ପାଣି
ସୁଧର୍ମା ସଭା ଦ୍ୱିଗୁଣେ ବଢ଼ିଯାଏ ପୁଣି ।
ଦେବତାଙ୍କୁ ନାଶିବାକୁ କରଇ ବିଚାର
ତେତିକି ମାତ୍ରକ ଲୋଭ ଅଛଇ ତାହାର ।
କାମରୂପି ସଭାସେହି ଗଢୁଛି ଆକ୍ରୋଶି
କେବେହେଁ ସେକାଳଜଳ ନ ପାରଇ ଗ୍ରାସି
ଶତେ ବରଷ ସମ୍ପୂର୍ଣ୍ଣେ ମେଘ ବରଷିଲେ
ନିର୍ଜନ ହୋଇ ସୁଧର୍ମା ସଭାରେ ରହିଲେ ।
ଦେଖି ପୃଥ୍ୱୀ ଜଳମୟ ଶୂନ୍ୟ କଲା ଗ୍ରାସ
ଭୟେ ଭାଜିଗଲେ ମେଘେ ମନେ ପାଇ ତ୍ରାସ
ରାଜା ପଚାରନ୍ତି ତହୁଁ ଶୁଣ ମୁନିବର
ସୁଧର୍ମା ସଭା କିମ୍ପାଇ ବଢ଼େ ଏ ପ୍ରକାର ।
ମେରୁ ପର୍ବତରେ ହତ ହେଲାଟିକି ପୁଣ
କେତେକାଳ ଯାଏ ଥିଲେ ତହିଁ ଦେବଗଣ ।
ସେ ମେରୁର ଆୟତନ ଥିଲା କେତେ ଦୂର
ଏକଥା ବିସ୍ତାରି ମୋତେ କୁହ ମୁନିବର ।
ଶ୍ରୀ ମତ୍ସ୍ୟ ପୁରାଣ ଅଟେ ପୁଣ୍ୟମୟ ଧ୍ୱନି
ଶୁଣୁଛନ୍ତି ଇନ୍ଦ୍ରଦ୍ୟୁମ୍ନ କହୁଛନ୍ତି ମୁନି ।
ଶ୍ରୀ ମତ୍ସ୍ୟନାରାୟଣଙ୍କ ଚରଣ କମଳେ
ଦୀନ ବିପ୍ର କାମପାଳ ସେବେ ସଦାକାଳେ ।

ଇତି ଶ୍ରୀ ମତ୍ସ୍ୟପୁରାଣ ନାରଦ ଇନ୍ଦ୍ରଦ୍ୟୁମ୍ନ
ସମ୍ବାଦେ ସତ୍ୟବ୍ରତ ମହିମା ବର୍ଣ୍ଣନଂ
ନାମ ଦ୍ୱିତୀୟୋଽଧ୍ୟାୟଃ ।

ତୃତୀୟ ଅଧ୍ୟାୟ

ନବ ସୃଷ୍ଟି ସର୍ଜନା ଓ ନାନାକଥା

କହୁଛନ୍ତି ମୁନିବର ଶୁଣ ଦଣ୍ଡଧାରୀ
ଯେଉଁକାଳେ ଦୃଷ୍ଟିକଲେ ଦେବ କୁଶଧାରୀ ।
ବିଷ୍ଣୁ ମନୁ ବିଶ୍ୱକର୍ମା ହୋଇଥିଲେ ଜାତ
କଳ୍ପଣାରୁ ସୁଧର୍ମାକୁ କଲା ସେ ନିର୍ମିତ ।
ବୋଇଲେ ମନେ ଚିନ୍ତିଲେ ସଭା ବଢୁଥିବ
ଚଉଦ ବ୍ରହ୍ମାଣ୍ଡ ଲୋକେ ଠୁଳେ ଠାବଦେବ ।
ପୂର୍ବଙ୍କାରୁ ବଢ଼େ ଯାହା କହିଛି ଦଇବ
ଯେତେ ଆସି ବସୁଥିଲେ ହେଉଥିବ ଠାବ ।
ତେଣୁ ସେ ସଭାର ନାମ ମନୋରଥ କହି
ପ୍ରଳୟ ଜଳକୁ ତେଣୁ ବିକ୍ରମ ବଢ଼ଇ ।
ଚଉଦଲକ୍ଷ ଯୋଜନ ମେରୁର ଯେ ସ୍ଥଳି
ସେହି ଅନୁକ୍ରମେ ଉଚ୍ଚ ସପ୍ତଶୃଙ୍ଗ ଝଳ ।
ବ୍ରହ୍ମାଙ୍କ ଭୁବନ ଆଉ ଯମର ଭୁବନ
ଚନ୍ଦ୍ର ସୂର୍ଯ୍ୟ ବରୁଣର ତହିଁ ପୁରମାନ ।
କୁବେରର ପୁର ତହିଁ ଇନ୍ଦ୍ର ଭୁବନକୁ
କାହାର ଯେ ପୁରମାନ ନ ଦିଶେ କାହାକୁ ।
ମଧ୍ୟ ସ୍ଥାନରେ ବିରାଜେ ସୁଧର୍ମାର ସଭା
ଚାରିଲକ୍ଷ ଯୋଜନରେ ପୁରିଅଛି ଶୋଭା ।
ଲକ୍ଷେ ଯୋଜନ ସୁବର୍ଣ୍ଣ ପାବଚ୍ଛ ସକଳ
ପଦ୍ମ ପୁଷ୍ପ ଫୁଟିଥାନ୍ତି ସୁଧାମୟ ଜଳ ।
କ୍ରୀଡ଼ା କରୁଥାନ୍ତି ନାନା ଜନ୍ତୁ ପକ୍ଷୀମାନେ
ଏହି ସ୍ୱରୂପରେ ସିନା ଦେଖନ୍ତି ନୟନେ ।
ପୋଖରୀରେ ପୂର୍ବକତି କଳ୍ପଲତା ବନ
ଫଳନ୍ତି ସେ କଳ୍ପଦ୍ରୁମ ପଞ୍ଚରତ୍ନମାନ ।
ଉତ୍ତରେ ଚନ୍ଦନ ବନ ପୁଷ୍ପତରୁମାନ
ମୃଗ ଆଦି ଜନ୍ତୁମାନେ ଛନ୍ତି ନାନାବର୍ଣ୍ଣ ।

Digitized by srujanika@gmail.com

ଦକ୍ଷିଣେ ଦେବନାଶନ ବଟ ଅଛଇ
ଯେ ଦେବତା ତଳେ ଯାଏ ନିଶ୍ଚେ ସେ ମରଇ
ପଶ୍ଚିମ ପ୍ରାନ୍ତେ ଅଛଇ ପୁଷ୍ପ ପାରିଯାତ
ସୁବର୍ଣ୍ଣପୁଷ୍ପ ଯୋଜନେ ହୁଏ ଆମୋଦିତ ।
ସହସ୍ର ବରଷରେ ମଉଳଇ ଫୁଲ
ତା ପାଖରେ କଳ୍ପ ବୃକ୍ଷ ଅଛଇ ଅମୂଲ୍ୟ ।
ଯହିଁରୁ କ୍ଷୀର ଟୋପାଏ ଯେ କରେ ଭୋଜନ
କଳ୍ପେ ପରିଯ୍ୟନ୍ତେ ପିଣ୍ଡେ ରହିଥାଏ ପ୍ରାଣ ।
ସେ ବୃକ୍ଷକୁ ଘୋଟିଅଛି ପ୍ରଳୟର ପାଣି
ସୁଧର୍ମା ଅଛି କେବଳ ବଜ୍ରସ୍ତମ୍ଭ ଜାଣି ।
କାରୁଣ୍ୟ ଦେଖି ଦେବଙ୍କ କମ୍ପୁଥାଏ କାୟେ
ଏମନ୍ତ ରହିଲେ ତହିଁ ସସ୍ରବର୍ଷ ଯାଏ ।
ଏଥୁ ଅନନ୍ତରେ ଶୁଣ ହେ ନୃପତିସାଇଁ
କାଳଚକ୍ର ପଡ଼ିଲାକ ମେରୁଦଣ୍ଡେ ଯାଇ ।
ଅନାଦିଙ୍କର ଆଜ୍ଞାରେ କାଟେ ମେରୁମୂଳ
ମେରୁ ପଡ଼ନ୍ତେ ସୁଧର୍ମା ପଡ଼ିଲାକ ଜଳ ।
ତକ୍ଷଣେ ହଂସ ଚଢ଼ିଣ ଉଡ଼ି ପ୍ରଜାପତି
ଶତ ବର୍ଷ ଭୂମି ତଳେ ପଡ଼ିଣ ମରନ୍ତି ।
ଅନ୍ୟ ଦେବତାମାନଙ୍କ କି ଅଛି ଆୟତ୍ତ
କାରୁଣ୍ୟ ଜଳରେ ସର୍ବେ ହୋଇଲେ ନିହତ
ମେରୁ ସହିତରେ ସବୁ ହୋଇଗଲା ଚୂର୍ଣ୍ଣ
ଜଳେ ପଡ଼ନ୍ତେ ଲବଣ ମିଳାଏ ଯେମନ ।
ପୁଣି ଅତ୍ୟନ୍ତ ଶବଦ ଶୁଭେ ମହାଘୋର
ଚକିତେ କାରୁଣ୍ୟ ଜଳ ହୋଇଲାକ ସ୍ଥିର ।
ଚନ୍ଦ୍ର ସୂର୍ଯ୍ୟ ପ୍ରଳୟର ଜଳେ ଭାସୁଥାନ୍ତି
ସମୁଦ୍ରେ ଦିଶନ୍ତି ଯେହ୍ନେ ରତନର ପନ୍ତି ।
ବ୍ରହ୍ମା ଚାରିମେଘ ଯାକ ହୋଇଗଲେ ହତ
କ୍ଷଣକରେ ମିଳାଇଣ ଗଲେ ସେ ସମସ୍ତ ।
ପୂର୍ବ ପଶ୍ଚିମ ଉତ୍ତର ଆବର ଦକ୍ଷିଣ
ଆତଯାତ ହୁଏ ବଳ ସ୍ରୋତ ମହାଟାଣ ।
ତଳପୁରଠାରୁ ଯେ ପରମ ଲୋକଯାଏ
ଘୋଟିଗଲା ମହାଜଳ କଳନା ନ ହୁଏ ।
ଉତପାତ ଛାଡ଼ି ରହେ ତହୁଁ ସ୍ଥିର ହୋଇ
ଜାଣିଲା ଚୌଦଭୁବନେ ଆଉ କିଛି ନାହିଁ ।
ଏକମାତ୍ର ରହିଛନ୍ତି ଜଗତର ଜ୍ୟୋତି
ଗଜୁଅଛି କୋଳପାଣି ତାର ଯେଉଁ ରୀତି ।

ଶୁଣିଲ ନୃପତି ଏବେ ପ୍ରଳୟର କଥା
ମତ୍ସ୍ୟ ପୁରାଣ ଶୁଣିଲ ନାହିଁ ଭବବ୍ୟଥା ।
ବିନ୍ଦୁ ବ୍ରହ୍ମ ଭାଜିଣ ସେ ନିରଞ୍ଜନ ଲୀନ
ଯାହାଠାରେ ଲୀନ ହେଲେ ହରବିଷ୍ଣୁ ଜାଣ
ଦେବତାଙ୍କ ବ୍ରହ୍ମପ୍ରାଣ ସଜାଇଲା ତହିଁ
ଯେଉଁରୂପେ ନଦୀମାନ ସମୁଦ୍ରେ ମିଶଇ ।
ସେହିରୂପେ ଗତି ସିନା ନାରାୟଣ ଭାବ
ସୃଷ୍ଟି ସଂସାର କରନ୍ତି ପ୍ରଭୁ ବାସୁଦେବ ।
ସକଳ ଭୁବନ ଆତ୍ମା ସମ୍ଭାଇଲା ତହିଁ
ଆଉ କିଛି ପଥ ନାହିଁ ପୁଣି ଯିବେ ତହିଁ ।
ମାୟାମୋହ ଥିବାକାଳେ ବଣା ହେଉଥିଲେ
ସଂସାରକାଳେ ସଳଖ ପଥେ ପଡ଼ିଗଲେ ।
ପୁନର୍ବାର ଯେଉଁକାଳେ ରଚିବେ ଜଗତ
ସୁମାର୍ଗ ଦେଖାଇ ତେଣୁ କଲେ ଗର୍ଭଗତ ।
ବ୍ରହ୍ମ ବିନ୍ଦୁରେ ସମସ୍ତେ ଠୁଳହେଲେ ଯାଇ
ସକଳ ଆତ୍ମ ପରମେ ଯାଇ ବିଶ୍ରାମଇ ।
ମହାବ୍ରହ୍ମରେ ସମସ୍ତେ ସମ୍ଭାଇଲେ ଯାଇ
ଏହିମତେ କେତେକାଳ ବୋହିଗଲା ତହିଁ ।
ଦେଖିଲେ ଶ୍ରୀ ନାରାୟଣ ପୃଥ୍ୱୀ ଆଉ ନାହିଁ
ବିନ୍ଦୁ ପୁରୁଷ ପରମେ ପୁଣି ଜାତ ହୋଇ ।
ମହାଘୋର ପ୍ରବଳରେ ପୂରିଲାକ ଜଳ
କଳ୍ପବୃକ୍ଷ ପ୍ରଳୟରେ ଦିଶିଲା ଉଜ୍ଜ୍ୱଳ ।
ଦ୍ୱାଦଶ ଅଙ୍ଗୁଳ ଦୀର୍ଘ ବଟ ପୁଟ ଗୋଟି
ପ୍ରଳୟ ଚନ୍ଦ୍ର କିରଣ ପରାୟକ ଘୋଟି ।
ତାହାଦେଖି ଆନନ୍ଦିତ ପରମ ପୁରୁଷ
ବିଜୁଳି ପ୍ରାୟେ ସେ ପୁଟେ ହୋଇଲେ ପ୍ରବେଶ
ଯବ ପ୍ରମାଣେ ଶରୀର ପେଟାବରେ ବହି
ପ୍ରଳୟେ ଶ୍ରୀ ନାରାୟଣ ଶୋଇଲେ ଯେ ତହିଁ
ନେତ୍ର ବୁଜିଣ ରହିଲେ ନଚାହିଁଲେ କେଣେ
ମହାଜଳରେ ଶୋଇଲେ ସେହି ଏକ ଜଣେ ।
କୋଟି ସୂର୍ଯ୍ୟଚନ୍ଦ୍ର ପ୍ରାୟେ ତେଜିଅଛି ଗୋଟି
ଶତ ଯୋଜନ ଅନ୍ଧାର ତହୁଁ ଗଲା ତୁଟି ।
ଅଚିନ୍ତ୍ୟ ପୁରୁଷ ନିଦ୍ରାଗଲେ ମହାଘୋର
ଯୋଗ ନିଦ୍ରାରେ ଶୋଇଲେ ସୃଜିବେ ସଂସାର
ପଟ ଦେଖି କଳାପାଣି ପଡୁଅଛି ଧାଇଁ
ଅବିନାଶ ପୁରୁଷକୁ ସେ ପାଇଲା କାହିଁ ।

Digitized by srujanika@gmail.com

ସର୍ବ ଆତ୍ମା ଘେନି ଦେବେ ଛନ୍ତି ତହିଁପର
ପୁଣି ଜାତ କହିବେ ସେ ସକଳ ସଂସାର ।
ଯେ ରୂପେ ସ୍ଥିତି ସଂସାର କରିଲେ ଯେମନ୍ତେ
ଏବେ ସେ ଜାତ ରହିଲେ ପୁଣି ସେହିମତେ
ଶୁଣି ରାଜା ପଚାରିଲେ ମୁନିମୁଖ ଚାହିଁ
ବଟପୁଟ ଗୋଟି ତହିଁ ଥିଲା ପୁଣି କାହିଁ ।
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ତ ପଡ଼େ ରସାତଳେ
ପୁଟଗୋଟି କେଉଁ ରୂପେ ଉଠେ ତେତେବେଳେ
ମେରୁ ପୃଥ୍ୱୀ ସହିତରେ ମିଳାଏ ଜଳରେ
କଳ୍ପବଟ ମୂଳ ମୁନି ରହେ କେଉଁଠାରେ ।
ଏହାକୁ ପ୍ରକାଶ କରି କୁହ ମୁନି ବ୍ରହ୍ମ
କହନ୍ତି ନାରଦ ଶୁଣ ଆହେ ଇନ୍ଦ୍ରଦ୍ୟୁମ୍ନ ।
ଅକ୍ଷୟ ଶିଳା ବୋଲିଣ ଅଛି ଶୂନ୍ୟ ରହି
ଆଗହୁଁ ତାହା ଜିଆଇ ଛନ୍ତି ଭାବଗ୍ରାହୀ ।
ଯେତେ ପୃଥ୍ୱୀ ଗଲେ ସୁଦ୍ଧା ଶିଳାନାଶ ନୁହେଁ
ପୃଥ୍ୱୀ ଫୁଟିଗଲେ ମହୀ ତାର ଚେରଥାଏ ।
ପୃଥିବୀ ମିଳାଇଗଲେ ତାର କିଛି ନୋହି
ପ୍ରଳୟ ଦେଖିଲେ ପୁଟ ବଢ଼େ ବେଗ ହୋଇ
ରକ୍ତବର୍ଣ୍ଣ ନାଡ଼ ତାର ଅଙ୍ଗୁଳିର ମୋଟ
ଜଳସ୍ରୋତେ ନ କମ୍ପଇ କୋଟିବଜ୍ର ଆଣ୍ଟ ।
ପ୍ରଳୟ ଜଳରେ ପୁଣି ନ ମିଳାଏ ସେହି
ତହିଁପରେ ବସିଥାନ୍ତି ପ୍ରଭୁ ଭାବଗ୍ରାହୀ ।
ତାହାଶୁଣି ମହାରାଜା ଆନନ୍ଦ ହୋଇଲେ
ନାରଦ ମୁଖକୁ ଚାହିଁ କଥା ପଚାରିଲେ ।
ସତ୍ୟବ୍ରତ ପ୍ରଳୟରେ ବଞ୍ଚିଲା କି ପୁଣ
କି ଅବା ଜଳେ ତାହାର ହୋଇଲା ମରଣ ।
ଚକ୍ର ଘୋଡ଼ାଇଣ ଥିଲେ ପ୍ରଭୁ ଚକ୍ରପାଣି
ରହିଲାକି ଭାସିଗଲା ଜଳ ତରଙ୍ଗିଣୀ ।
ଚକ୍ର ପଦ୍ମ ଚାଲିଗଲେ ବେନି କେଉଁପଥେ
ସତ୍ୟବ୍ରତ ରାଜା ପୁଣି ଅଛି ନା ଜୀବିତେ ।
ଏହିକଥା ଗୋଟି ମୋତେ କୁହ ମୁନି ବ୍ରହ୍ମ
କେବଣ କୃତ୍ୟ କରନ୍ତି ତହିଁ ମହାତମା ।
ନାରଦ ବୋଇଲେ ଯହୁଁ ଘୋଟିଲାକ ଜଳ
ଚକ୍ର ପଦ୍ମ ଆଶ୍ରେ କଲେ ଯାଇଁ ଆଦିମୂଳ ।
ପ୍ରଳୟ ନାରାୟଣଙ୍କ ନିକଟେ ରହନ୍ତି
ତାହାଙ୍କ ଯେଉଁ ଭାବ ଯାଙ୍କର ସେ ଗତି ।

ଆହେ ରାଜା ସେହି ଚକ୍ର ନିଜେ ନାରାୟଣ
ଶୂନ୍ୟ ପୁରୁଷରୁ ଜାତ ଚକ୍ର ସୁଦର୍ଶନ
ତାହାଙ୍କ ନାଭିଦେଶରୁ ପଦ୍ମ କଲା ଜାତ
କଣ୍ଠରୁ ସେ ଶଙ୍ଖ ଜାତ ଶୁଣ ନରନାଥ ।
କୌମୁଦି ଗଦା ଲଲାଟୁ କରିଲେ ସେ ଜନ୍ମ
ସର୍ବେ ପ୍ରଳୟରେ ଯାନ୍ତି ଯେ ନୁହନ୍ତି ଆନ ।
ସମସ୍ତେ ପ୍ରଳୟ ଜଳେ ହୋଇଗଲେ ହତ
ସତ୍ୟବ୍ରତ କଥା ଏବେ ଶୁଣ ନରନାଥ ।
ସତ୍ୟବ୍ରତ ରାଜା ତହୁଁ ଭାସିଲା ଜଳରେ
ଶରୀର କମ୍ପଇ ତାର ଅତ୍ୟନ୍ତ ଭୟରେ ।
ପ୍ରଳୟ ଜଳକୁ ଦେଖି ହେଲେ ସେ ନିର୍ଜୀବ
ଆଣ୍ଟେ ଡ଼ାକଇ ମୋତେ ରଖ ବାସୁଦେବ ।
ପ୍ରଳୟ ଦୁର୍ଗମ ସବୁ ଜାଣି କାହିଁ କିଛି
ଚକ୍ର ପଦ୍ମ ଛାଡ଼ିଯାଆନ୍ତେ ଜଳେ ଭାସୁଅଛି ।
ପ୍ରଳୟ ଜଳକୁ ସେହୁ ନ ପାରଇ ଚାହିଁ
ବେନି ଚକ୍ଷୁ ବୁଜି ଭାସି କିଛି ନ ଭାଷଇ ।
ଇନ୍ଦ୍ରଦ୍ୟୁମ୍ନ ବୋଇଲେ ମୁନି ବ୍ରହ୍ମା ଶୁଣ
ପଦ୍ମ ଚକ୍ର ଏହି ବେନି ଦ୍ୱିତୀ ନାରାୟଣ ।
ସେହୁ କିମ୍ପା ଭୟକଲେ ପ୍ରଳୟ ଜଳକୁ
ସେ ରାଜ୍ୟକୁ ଛାଡ଼ିଗଲେ ନିଜ ଭୁବନକୁ ।
ଏ କଥାକୁ ସଂକ୍ଷେପିଣ କୁହ ଆହେ ମୁନି
ବଦନ୍ତି ନାରଦ ଶୁଣ ତୁମ୍ଭେ ନୃପମଣି ।
ଶତବର୍ଷ ପରିଯନ୍ତେ ନ ବର୍ଷିଲା ଜଳ
ଗଗନରୁ ଅଗ୍ନି ବୃଷ୍ଟି ହୋଇଲା କେବଳ ।
ତାହା ଶାନ୍ତି କରିବାକୁ ଅନାଦି ବୋଇଲେ
ପ୍ରଳୟ ଜଳ ବରଷ ଅଗ୍ନି ଲିଭାଇଲେ ।
ଆଜ୍ଞା ପ୍ରମାଣରେ ଛାଡ଼ି ଗଲେ ସେ ବହନ
ପୁତ୍ର ନ ପାଳେ କି କେଭେ ପିତାର ବଚନ ।
ମନ କରିଲେ ପ୍ରଳୟ ପାରନ୍ତି ସେ ରଖି
ସୁମରନ୍ତେ ଆଜ୍ଞାମାତ୍ରେ ଗଲେ ସେ ଉପେକ୍ଷି ।
ଶୁଣିଣ ସନ୍ତୋଷ ଚିତ୍ତ ହେଲେ ନୃପମଣି
ବୋଇଲେ ସତ୍ୟବ୍ରତର କଥା କହ ପୁଣି ।
ନାରଦ କହନ୍ତି ଏବେ ଶୁଣ ସାବଧାନେ
ପ୍ରଳୟରେ ସତ୍ୟବ୍ରତ ହୁଅଇ ଯେସନେ ।
କ୍ଷଣକେ ବୁଡ଼ଇ ପୁଣି କ୍ଷଣେ ଉପୁଜଇ
ସେ ପ୍ରଳୟ ପାଣି ନାକ କାନରେ ପଶଇ ।

Digitized by srujanika@gmail.com

ମହାସ୍ରୋତରେ ହୁଅନ୍ତା ସେହୁ ଖଣ୍ଡ ଖଣ୍ଡ
ନାରାୟଣଙ୍କ ଦୟାରେ ବ୍ରଜ ତାର ପିଣ୍ଡ ।
ସେହି କାଳପାଣି ତୀକ୍ଷଣ ଖଡ଼୍ଗ ପ୍ରାୟ ଜାଣି
ସକଳ ଦେବତାଙ୍କୁ ସେ ପକାଇଲା ହାଣି ।
ବଢ଼ି ଜଳ ପ୍ରାୟେ ଲାଗେ ରାଜାର ଦେହକୁ
ତ୍ରାହି ତ୍ରାହି ବୋଲି ଡ଼ାକେ ଶ୍ରୀନାରାୟଣଙ୍କୁ ।
ନମୋ ନମୋ ନାରାୟଣ ଆରତି ଭଞ୍ଜନ
ଏ ଅନନ୍ତ ପ୍ରଳୟକୁ କର ବିନାଶନ ।
ନମୋ ଭାବଗ୍ରାହୀ ପ୍ରଭୁ ନିରେଖକୁ ରଖ
ନମସ୍ତେ ନିରଞ୍ଜନ ହେ ଶ୍ରୀ ଚକାମୟୂଖ ।
ତ୍ରାହି ତ୍ରାହି ନାରାୟଣ ପ୍ରଭୁ ଗଲି ଭାସି
ନିଶ୍ଚୟ ମରିଲି ପ୍ରଭୁ କାଟ କାଳଫାଶି ।
ଭକତ ରକ୍ଷଣ ପ୍ରଭୁ ଜୟ କୃପାସିନ୍ଧୁ
ପ୍ରଳୟରୁ ରକ୍ଷାକର ଜୟ ଜଗବନ୍ଧୁ ।
ଅତ୍ୟନ୍ତ ବ୍ୟାକୁଳ ହୋଇ ଡ଼ାକେ ମହାରାୟେ
ଜଳରେ ସେ ଭାସୁଅଛି ଶୋଲଭେଳା ପ୍ରାୟ ।
ତୋହର ପାଦରେ ସ୍ୱାମୀ ସର୍ବଦା ଶରଣ
ଭୋଜନ ଶୟନେ ନାମ କରେ ଉଚ୍ଚାରଣ ।
ଏ କାରୁଣ୍ୟ ଜଳଦେବ ପୁଣ ଅଟୁ ତୁହି
ତ୍ରାହି ତ୍ରାହି ନାରାୟଣ ରଖି ଭାବଗ୍ରାହୀ ।
ପ୍ରଳୟ ଅଗ୍ନିରୁ ସ୍ୱାମୀ ବାରେ ରକ୍ଷା କଲୁ
କାରୁଣ୍ୟ ଜଳରେ ଏବେ ମାରିବା ଇଛିଲୁ ।
ଯହୁଁ ସେ ଅତି କାତରେ ଡ଼ାକେ ପୁଣି ପୁଣି
ବଟପୁଟରେ ଜାଣିଲେ ଥାଇ ଚକ୍ରପାଣି ।
ମନେ ବିଚାରିଲେ ମୋର ଭକ୍ତ ଯାଏ ନାଶ
ଭକତ ରକ୍ଷଣବାନା ଆଉ ମୋର କିସ ।
ଭକତ ମୋହର ପ୍ରାଣ ଭକ୍ତ ମୋର ମନ
ମୋହର ସମାନ ସେହୁ ଅଟେ ବଡ଼ଜନ ।
ଭକତ ନିମନ୍ତେ ମୁହିଁ ରଚଇ ସଂସାର
ଭକତର ହିତପାଇଁ ହୁଏ ଅବତାର ।
ଭକତ ମୋହର ନା ଗୁଣୁଥାଇ ନିତ୍ୟେ
ଭକ୍ତ ନମସ୍କାର କରେ ମୋର ପାଦଗତେ ।
ଭକ୍ତି ଭଜିବାରୁ ମୁହିଁ ଅଟେ ବଡ଼ଲୋକ
ଭକ୍ତର ଫଳ ଦେଖିଣ ଭଜନ୍ତି ତ୍ରୈଲୋକ୍ୟ ।
ଭକତକୁ ନିତ୍ୟ ମୁହିଁ ଭଜେ ନିରାଧାର
ତାର ସଙ୍ଗେ ବିହରଇ ଭକ୍ତ ମିତ୍ର ମୋର ।
ମୋତେ ହୃଦୟରେ ସେହୁ ନିତ୍ୟଥାଏ ରଖି
ମୋହର ଭକ୍ତ ଏବେ କି ହୋଇବ ନିର୍ମାଖି ।
ପ୍ରଳୟ ଅଗ୍ନି ତାପରୁ ରଖିଅଛି ମୁହିଁ
ଏବେ ମରିଗଲେ ଭକ୍ତ ଭଜିବେ କିମ୍ପାଇଁ ।
ଏମନ୍ତ ଭାଳିଣ ପଦ୍ମ ପାଖୁଡ଼ାଏ ଧରି
ଛିଞ୍ଚାଡ଼ିଣ ଫିଙ୍ଗି ଦେଲେ କଳପନା କରି ।
ସତ୍ୟବ୍ରତ ରାଜା ପାଶେ ପଡ଼ିଲାକ ଯାଇ
ଏକନାଦ ହୋଇ ଜଳ ଉଠେ ଉପୁଚାଇ ।
ସ୍ରୋତେ ନ ଭାଳର ନାବ ମେରୁକିଲା ଜାଣି
ରଙ୍ଗ ଦିଶଇ ପ୍ରଭାତ ବେଳେ ଦିନମଣି ।
ନାରାୟଣଙ୍କର ମନ ତହିଁ ରଜୁ ହେଲା
ପଦ୍ମରୁ ଜାତ ହୋଇଣ ତହିଁରେ ଖଟିଲା ।
ପ୍ରଳୟ ଜଳରେ ନାମ ରହିଲା ଦମ୍ଭେଣ
ଜଳେ ନାବ ଶୂନ୍ୟେ ରହେ ତାର ମହାଟାଣ
ନାବ ଦେଖିଣ ଆନନ୍ଦ ହେଲା ନୃପବର
ଆରୋହଣ କଲା ଯାଇ ନାବର ଉପର ।
ମଙ୍ଗ ଧରି ଫନ୍ଦେ ଗୋଡ଼ ଦେଇଣ ସେ ବସେ
ପ୍ରାଣ ରହିଲା ବୋଲିଣ ହରିନାମ ଘୋଷେ ।
ରହେ ରାଜା ପ୍ରଳୟର ଆଉ ଆଶା ନାହିଁ
ଆନନ୍ଦରେ ହର ବୋଲେ ଚଉଦିଗ ଚାହିଁ ।
ରାଜା ବିଚାରେ ରଖିଲେ ମୋତେ ନାରାୟଣ
କରତାଳି ମାରି କରେ ହରିଙ୍କ କୀର୍ତ୍ତନ ।
ସୁମର ହେ ଜନମାନେ ହରିନାମ ଗୋଟି
ଭବଜଳେ ହେବ ନାବ ତରିଯିବ ଉଠି ।
ନିରତରେ ହରି ହରି ଭଜେ ନୃପବର
ପ୍ରଳୟ ଦେଖଇ ବସି ନାବର ଉପର ।
କହୁଛନ୍ତି ମହାମୁନି ଇନ୍ଦ୍ରଦ୍ୟୁମ୍ନ ଶୁଣ
ଏରୂପେ ଭକ୍ତ ତାରନ୍ତି ପ୍ରଭୁ ନାରାୟଣ ।
ଆନନ୍ଦେ ରାଜା ନୟନୁ ବହେ ପ୍ରେମବାରି
ନୟନକୁ ବୁଜିକରି ବୋଲେ ହରି ହରି ।
ଗଦଗଦ ହୋଇଣ ରାଜା ରୋମାଞ୍ଚ ଶରୀର
ପୁଣି ମସ୍ତକ ଉପରେ ଯୋଡ଼େ ବେନିକର ।
ବୋଇଲେ କହିଲେ ମୁନି ଏ ପୁରାଣ ବାଣୀ
ଗୋରୁହତ୍ୟା ବ୍ରହ୍ମହତ୍ୟା ତୁଟେ ଏହା ଶୁଣି ।
ସତ୍ୟବ୍ରତର ଚରିତ ପ୍ରତି ସୁଧାମୟେ
ଆହୁରି ପୁଛିବି ମୁନି କହିବ କଥାଏ ।

Digitized by srujanika@gmail.com

ନିଷ୍କଳଙ୍କ ଚନ୍ଦ୍ର ପ୍ରାୟେ ହେଲା ମୋର ଦେହ
ଶୁଣିବି ଭୋ ମୂନି ମୋତେ ଏହିକଥା କହ ।
ଅନେକ ଭକତମାନେ ଥିଲେ ଏ ଜଗତେ
କେହି ଏକ ନ ରହିଲେ ହୋଇଣ ଜୀବିତେ ।
ଏ ମହାତ୍ମାଙ୍କୁ କିପାଇଁ ପ୍ରଳୟେ ରଖିଲେ
ଏ ସନ୍ଦେଶ କୁହ ବୋଲି ରାଜନ ପୁଚ୍ଛିଲେ ।
କହନ୍ତି ନାରଦ ମୂନି ଶୁଣ ନୃପମଣି
ସତ୍ୟବ୍ରତ ପୂଜାକରେ ନିତି ଚକ୍ରପାଣି ।
ଜପ ମନ୍ତ୍ର ନାହିଁ ପୁଣି ଭାବ ବଡ଼ ତାର
ଭାବକୁ ବଶ ହୁଅନ୍ତି ପ୍ରଭୁ ଚକ୍ରଧର ।
ତାହାର ଭକ୍ତିକୁ ଦେଖି ପ୍ରଭୁ ନାରାୟଣ
ପ୍ରବେଶିଲେ ସତ୍ୟବ୍ରତ ରାଜା ସନ୍ନିଧାନ ।
ଅଗ୍ନିଦାହ ସୁନାପ୍ରାୟେ ଦିଶେ କଳେବର
ଶଙ୍ଖ, ଚକ୍ର, ଗଦା, ପଦ୍ମ ଶୋଭେ ଚାରି କର
କର୍ଣ୍ଣେ ତାଟଙ୍କ ମୁକୁଟ ଶିରେ ଅଛି ଜଡ଼ି
କସ୍ତୁରୀର ଦେଖ ପ୍ରାୟେ ଦିଶେ ନିଶ ଦାଢ଼ି ।
ପୀତବସ୍ତ୍ର ପରିଧାନ ପଇତା ଶୋଭନ
ମକର ହରିଦାସର ଅଟେ ସେହି ଦିନ ।
ମକରର ସଂକରାନ୍ତି ବିଂଶଦିନ ଭୋଗ
ନାରାୟଣ ବିଜେକଲେ ସେ ରାଜାର ଆଗ ।
ବୃହସ୍ପତି ଶୁକ୍ଳପକ୍ଷ ଚିତ୍ର ଯେ ନକ୍ଷତ୍ରେ
ରାଜାଙ୍କୁ ପ୍ରସନ୍ନ ହେଲେ ଦେବ ଜଗନ୍ନାଥେ ।
ତାଙ୍କୁ ଦେଖି ଭୟକରି ଉଠେ ନୃପବର
କୋଟି ନମସ୍କାର କରେ ପ୍ରଭୁଙ୍କ ପୟର ।
ଅନେକ ସ୍ତୁତି କରିଲା ହାତ ଯୋଡ଼ି କରି
ତାଙ୍କୁ ଚାହିଁ ଆଜ୍ଞା ଦେଲେ ପ୍ରଭୁ ଚକ୍ରଧାରୀ ।
ତୋହର ଭକତି ଦେଖି ତୋଷ ମୋର ଚିତ୍ତ
ମାଗ ମାଗ ବର ତୋତେ ଦେବି ନରନାଥ ।
ମୁହିଁ ନାରାୟଣ ଅଟେ ଜଗତାଧିକାରୀ
ତୁ ଯାହାର ନାମ ନିତ୍ୟେ ହୃଦେଅଛୁ ଧରି ।
ତୋହର ଚିତ୍ତରେ ନିତ୍ୟେ ଭାବୁଅଛୁ ଯାହା
ମାଗିଲେ ନିଶ୍ଚୟ ଜାଣ ଦେବଇ ମୁଁ ତାହା
ରାଜା ବିଚାରେ ଅଟନ୍ତି ଏହୁ ନାରାୟଣ
ଭକ୍ତଜନଙ୍କୁ ଏପରି କରିଥାନ୍ତି ତ୍ରାଣ ।
ଏମନ୍ତ ବିଚାରି ରାଜା ଯୋଡ଼ି ବେନିକର
ନାୟରାଣଙ୍କୁ ଚାହିଁଣ ମାଗେ ତହିଁ ବର ।
ପ୍ରଳୟ ଜଳରେ ମୁହିଁ ନ ହୋଇ ବିନାଶ
ତୋର କୃପାରେ ଦେଖିବି ମନେ କରି ତୋଷ ।
ସୃଷ୍ଟି ସଂହାରଣକୁ ମୁଁ ଦେଖିବଇଁ ଡୋଳେ
ପ୍ରଳାୟନ୍ତେ ସୃଷ୍ଟି ହେବ ପୁଣି କି କୌଶଳେ
ଏହି ଦୁଇ କଥା ମୋର ମନେ ଅଛି ଧରି
ପ୍ରଳୟ ସୃଷ୍ଟି ଦେଖିବି ଆଜ୍ଞା ହେଉ ହରି ।
ହରି ରୂପକୁ ଦେଖଇ କରି ଏକ ବୃଷ୍ଟି
ଅନେକ ଜନ୍ମରୁ ପାପକଳା ଗଲା ତୁଟି ।
ପଦ୍ମଦଳ ଲୋଚନକୁ ଦେଖେ ନୃପବର
ରାଜାଙ୍କୁ ଚାହିଁଣ ଆଜ୍ଞା ଦେଲେ ଚକ୍ରଧର ।
ଦେଖିବୁ ପ୍ରଳୟ ଯେବେ ରହିଲା ତୋ ପ୍ରାଣ
ଏତେ କହି ଅନ୍ତରୀକ୍ଷେ ଗଲେ ନାରାୟଣ ।
ରାଜାର ମନ ଆନନ୍ଦ ଭାବୁଥିଲା ଯାହା
ନାରାୟଣଙ୍କ ପ୍ରସନ୍ନେ ପାଇଲା ସେ ତାହା ।
ସେହି ପ୍ରଭୁ ନାରାୟଣ ଜଗତାଧିକାରୀ ।
ରାଜାର ମନ ଆନନ୍ଦ ଭାବୁଥିଲା ଯାହା
ନାରାୟଣ ପ୍ରସନ୍ନେ ପାଇଲା ସେ ତାହା ।
ସେହି ପ୍ରଭୁ ନାରାୟଣ ଜଗତାଧିକାରୀ ।
ଯେ ଯାହା ମାଗନ୍ତି ତାହା ଦ୍ୟନ୍ତି ଦୟାକରି ।
ସତ୍ୟବ୍ରତ ରାଜା ଯାହା ମାଗିଥିଲା ପୂର୍ବେ
ସେହି ଦେହରେ ପ୍ରଳୟ ଦେଖିଲା ସେ ଏବେ
ଶୁଣିଣ ସନ୍ତୋଷଚିତ୍ତ ହେଲା ନୃପବର
କହେ ବିପ୍ର କାମପାଳ ରଖ ରମାବର ।
ଇତି ଶ୍ରୀ ମତ୍ସ୍ୟପୁରାଣେ ନାରଦ ଇନ୍ଦ୍ରଦ୍ୟୁମ୍ନ
ସମ୍ବାଦେ ସତ୍ୟବ୍ରତ ପ୍ରଳୟ ଦର୍ଶନଂ
ନାମ ତୃତୀୟୋଽଧ୍ୟାୟଃ

ଚତୁର୍ଥ ଅଧ୍ୟାୟ
ଚତୁର୍ମୁଖ ବ୍ରହ୍ମାଙ୍କର ଉତ୍ପତ୍ତି

ଏଥୁ ଅନନ୍ତରେ ପୁଚ୍ଛା କଲେ ନୃପରାଣ
କେତେକାଳ ପ୍ରଳୟ ସେ ରହିଲା ଘୋଟିଣ ।
କେମନ୍ତ ଜଗତ ପୁଣି ରଚିଲେ ଶ୍ରୀହରି
ସେହିକଥା କହ ମୋତେ ହେ ମୁନି ବିସ୍ତାରି
ମୁନି ବୋଇଲେ ପ୍ରଳୟ କଳପ ପର୍ଯ୍ୟନ୍ତେ
ଘୋଟି କରିଣ ରହିଲା ସକଳ ଜଗତେ ।
କଳ୍ପେକ ଉତ୍ତାରେ ପୁଣି ପ୍ରଭୁ ନାରାୟଣ
ଯୋଗ ନିଦ୍ରା ଭାଜିଗଲା ଉଠିଲେ ତକ୍ଷଣ ।

Digitized by srujanika@gmail.com

ଦେଖିଲେ ଜଳରେ ପୁଣି ରହିଅଛି ସୃଷ୍ଟି
ଚାରିଦିଗ ଅନ୍ତରୀକ୍ଷ ସବୁ ଅଛି ଘୋଟି ।
ଏଥୁ ଅନନ୍ତରେ ପୁଣି ଶୁଣ ନୃପବର
ପୁଟ ପରମ ଜ୍ୟୋତିଙ୍କୁ ମୋର ନମସ୍କାର ।
ବିଷ୍ଣୁ ପୁରୁଷ ଅଟନ୍ତି ଯେଣୁ ଭଗବାନ
ପୁଣି ସଂସାର କରିବା ବିଚାରନ୍ତି ମନ ।
ପଞ୍ଚାଶ ଯୋଜନ ଦେବ ବଢ଼ାଇଲେ କର
ଜଳ ମନ୍ଥିବାକୁ ସେହୁ କରନ୍ତି ବିଚାର ।
ତ୍ରୈଲୋକ୍ୟରେ ଘୋଟିଅଛି ପ୍ରଳୟର ପାଣି
ମନ୍ଥିଲେ ଶ୍ରୀ ନାରାୟଣ ଏକଭୁଜ ଟାଣି ।
ଗର୍ଜଇ ସେ ମହାଜଳ ମନ୍ଥିବାର ଘାଏ ।
ଶତ ଯୋଜନ ଭ୍ରମଇ ଚକ୍ରର ପରାଏ ।
ସେହିକ୍ଷଣି ଫେଣ ତହୁଁ ହୋଇଲାକ ଜାତ
ସେ ଫେଣରୁ ବୁଦୁବୁଦା ହୋଇଲା ସମ୍ଭୁତ ।
ବୁଦୁବୁଦାରୁ ମୃତ୍ତିକା ପୁଣି ଜାତ ହେଲା
ଅଣ୍ଡରୁ ଆକାଶ ପୁଣି ସମ୍ଭୂତ ହୋଇଲା ।
ମୃତ୍ତିକାରୁ ପାଷାଣ ଯେ ବାଲି ଜାତ ହେଲେ
ଚନ୍ଦ୍ରପ୍ରାଏ ଅନୁକ୍ଷଣେ ମେଦିନୀ ବଢ଼ିଲେ ।
ବିଷ୍ଣୁର ନାଭିଦେଶରୁ ପଦ୍ମ ଉତପନ୍ନ
ଜଳ ଉପରେ ରହିଲା ସହସ୍ର ଯୋଜନ ।
ତକ୍ଷଣେ ଭ୍ରମର ରୂପ ହେଲେ ଚକ୍ରପାଣି
ଦିଶଇ ଭ୍ରମର ଦେହ କନକକୁ ଜିଣି ।
ପଦ୍ମକେଶରରେ ବସି କେଶର ଚୁମ୍ବିଲା
ବୀର୍ଯ୍ୟ ଛାଡ଼ିଣ ଭ୍ରମର ନିଜ ସ୍ଥାନେ ଗଲା ।
ଆତ୍ମା ଛାଡ଼ିଣ ଭ୍ରମର ହୋଇଲାକ ଲୀନ
ସ୍ୱଭାବେ ଭ୍ରମର ଅଟେ ନିଜେ ନିରଞ୍ଜନ ।
ପଦ୍ମନାଡ଼ରୁ ପୁରୁଷେ ହୋଇଲାକ ଜାତ
କୁଶକେତୁ ବ୍ରହ୍ମା ନିଜେ ହୋଇଲେ ସମ୍ଭୁତ ।
ଚାରିଗୋଟି ମସ୍ତକ ଯେ ନେତ୍ର ଆଠ ତାର
ଅଷ୍ଟଭୂଜ ବ୍ରହ୍ମା ସେହୁ ପବିତ୍ର ହୃଦର ।
ଶିରରେ ମଣିମୟର ମୁକୁଟ ଶୋଭନ
ଲମ୍ବିତ କେଶର ଜୁଡ଼ା ଓଷ୍ଠ ରଙ୍ଗବର୍ଣ୍ଣ ।
ସୁବର୍ଣ୍ଣ ସଦୃଶେ ତାର ଦିଶେ କଳେବର
ପିନ୍ଧିଛି ଦିବ୍ୟ ବସନ ତେଜ ଦିବାକର ।
ଦଣ୍ଡକମଣ୍ଡଳୁ ସେହି ଧରି ଅଛି କରେ
ରତ୍ନମାଳ ପୁରିଅଛି ଶୋଭା କଳେବରେ ।
ଯେବଣ ବ୍ରହ୍ମଙ୍କୁ ତୁହି କରୁଛି ଦର୍ଶନ
ସେହି ବ୍ରହ୍ମା ଏ ଅଟନ୍ତି ଜାଣ ତୁ ରାଜନ ।
ପଦ୍ମ ଭିତରେ ଅଛନ୍ତି ଏ ବ୍ରହ୍ମ ଦେବତା
ମୃତ୍ୟୁଟେକି ଚାହେଁ ଜଳେ ନ ପଶଇ ଜ୍ଞାତା
ବିଚାରଇ ଏହା ପୁଣି କେବଣ ଚରିତ
କିଛି ତ ନାହିଁ ଜଳରେ ପୁରିଛି ଜଗତ ।
ପଦ୍ମରୁ ଜନ୍ମ ହୁଅନ୍ତେ ନାମ ପଦ୍ମଯୋନି
ନାରାୟଣ ମୂର୍ତ୍ତି ବ୍ରହ୍ମା ରଚିବ ମେଦିନୀ ।
ଏଥୁଅନନ୍ତରେ ପ୍ରଳୟ ଦେବନାରାୟଣ
ଓଁ ବୋଲନ୍ତେଣ ବ୍ରହ୍ମା ଚାହେଁ ତତକ୍ଷଣ ।
ନୟନରେ ଦେଖିଲା ସେ ଦିବ୍ୟତେଜ ଜ୍ୟୋତି
ଧ୍ୟାନରେ ଜାଣେ ଅଟନ୍ତି ଏହୁ ଶିରୀପତି
ଜଗତ କରିବା ପାଇଁ ଜାତକଲେ ମତେ
ଏତେ ଭାଳିଣ ମିଳିଲା ତାହାଙ୍କ ଅଗ୍ରତେ ।
ଶିରେ ବେନିକର ଯୋଡ଼ି କଲା ନମସ୍କାର
ହସ୍ତଧରି ବସାଇଲେ ତାକୁ ଚକ୍ରଧର ।
ନିଜ ଜ୍ୟୋତିରୁ ନାରୀଏ କଲେ ଉତପନ
ସସ୍ର ଚନ୍ଦ୍ର ପ୍ରାୟ ତେଜ ଶଏ ତା ନୟନ ।
ଦେଖିଲେ ଅନାଦି ନାଥ ହୋଇଲେ ମୋହିତ
କାମ ଇଚ୍ଛନ୍ତେ ଜନ୍ମିଲେ ତହୁଁ ବେନି ସୁତ ।
ମର୍କତ ବର୍ଣ୍ଣର ପ୍ରାୟ ଦିଶେ କଳେବର
ଚାରିଗୋଟି ଭୂଜ ତାର ସୁରଙ୍ଗ ଅଧର ।
ମୁକୁଟ ରତ୍ନ କୁଣ୍ଡଳେ ସେ ଦୁହେଁ ଭୂଷଣ
ପିନ୍ଧିଛନ୍ତି ପୀତବାସ ସୂର୍ଯ୍ୟର କିରଣ ।
ସନାତନ ପୁରୁଷ ସେ ଛନ୍ତି ଦେହଧରି
ଅନାଦି ପାଶେ ବସିଲେ ନମସ୍କାର କରି ।
ଅପୂର୍ବ ମୂର୍ତ୍ତି ତାଙ୍କର ମୋହେ ଜଗଜ୍ଜନ
ତାଙ୍କୁ ଦେଖିଣ ଅନାଦି ହେଲେ ତୋଷମନ ।
ଆନ ପୁତ ଶୁକ୍ଳବର୍ଣ୍ଣ ମହାଦେବ ନାମ
ପାଞ୍ଚଗୋଟି ଶିର ତାର ସ୍ଫଟିକର ସମ ।
ପଞ୍ଚଦଶ ଗୋଟି ଅଟେ ନୟନ ତାଙ୍କର
ଶିରରେ ରତ୍ନମୁକୁଟ ତେଜେ ଦିବାକର ।
ଦଶଗୋଟି ଭୂଜରେ ସେ ଦିଶନ୍ତି ଶୋଭନ
ନାରାୟଣଙ୍କୁ କରିଲେ ଯାଇଁ ପ୍ରଦକ୍ଷିଣ ।
ନମସ୍କାର କରିଣ ସେ ସନ୍ନିଧେ ବସିଲେ
ଅନାଦିଙ୍କଠାରୁ ପୁଣି ଦେବତାଏ ହେଲେ ।

Digitized by srujanika@gmail.com

ସେହି ପ୍ରଭୁ ଶେଷଦେବ କରିଲେ ଯେ ଜାତ
ଶେଷକୁ ଅନନ୍ତ ପୁଣି ହୋଇଲେ ସମ୍ଭୂତ ।
ସେହି ଅନନ୍ତରୁ ପୁଣି ବିରାଟ ଉତ୍ପନ୍ନ
ଚରାଚର ହେଉଅଛି ବିରାଟ ଦେହେଣ ।
ଏହିରୂପେ ସପ୍ତଦେବ ହୋଇଲେ ଯେ ଜାତ
ଆଠଜଣ ହେଲେ ଜାତ ଅନାଦି ସହିତ ।
ପରମ ଜ୍ୟୋତିରୁ ଯେଣୁ ଅନାଦି ଉତ୍ପତ୍ତି
ଏହି ଷଡ଼ଜଣ ହେଲେ ତାଙ୍କ ପୁତ୍ରନାତି ।
ନାରାୟଣଙ୍କ ସନ୍ନିଧେ ସର୍ବେ ଛନ୍ତି ରହି
ପ୍ରଳୟ ଯେ ଘୋଟିଅଛି ଶୂନ୍ୟ ଦିଶୁନାହିଁ ।
ଆଦିଶକ୍ତିରୁ ଗାୟତ୍ରୀଦେବୀ ହେଲେ ଜାତ
ଗାବ ଦେହଗୋଟି ତାର ଶରୀରେ ଜଗତ ।
ରକତ ବର୍ଣ୍ଣର ପ୍ରାୟ ଦିଶେ ତାର କାୟେ
ତାହାରଠାରୁ ସାବିତ୍ରୀ ପୁଣି ଜାତ ହୁଏ ।
ସରସ୍ୱତୀ ଦେବୀ ପୁଣି ହୋଇଲେ ସମ୍ଭୂତ
ଚାରିବେଦ ତା ମୁଖରୁ ହେଲା ଉଦଗତ ।
ନାରାୟଣ ଆଗେ ବେଦ ଦେଲେ ସରସ୍ୱତୀ
କୃଷ୍ଣବର୍ଣ୍ଣ ରୂପ ତାର ମୋହିନୀ ମୂରତି ।
ଦେଖି ନାରାୟଣଙ୍କର ବଳିଲାକ ଚିତ୍ତ
ଆପଣାର ସନ୍ନିଧରେ ରଖିଲେ ଅତ୍ୟନ୍ତ ।
ହସ୍ତଦେଲେ ଚାରିବେଦ ନେଲେ ପିତାମହ
ସାବିତ୍ରୀକି ଦେଖି ବ୍ରହ୍ମା ହୋଇଗଲେ ମୋହ
ତହୁଁ ବ୍ରହ୍ମାଙ୍କ ସନ୍ନିଧେ ମିଳିଲା ଯୁବତୀ
ଧବଳମୟ ତାରୂପ ମୋହିନୀ ମୂରତି ।
ଯେବଣ ବେଦ ବ୍ରହ୍ମାଙ୍କୁ ଦେଲେ ଚକ୍ରପାଣି
ଚାରି ମୁଖରେ ଗାଇଲେ ଗହ ଗହ ବାଣୀ ।
ନାରାୟଣ ଭ୍ରୂଲତାରୁ ଦକ୍ଷ ପ୍ରଜାପତି
ସେହିକ୍ଷଣି ମହାତମା ହେଲେ ଉତପତି ।
ବ୍ରହ୍ମାଙ୍କ ସାଦୃଶ୍ୟ ପ୍ରାୟ ଦିଶେ ତାଙ୍କ ଦେହ
ପୂର୍ବ ହେତୁ ଘେନି ବେଦ ପଢ଼େ ଗହ ଗହ ।
ସରସ୍ୱତୀ ବୋଲନ୍ତି ଯେ ରୁଦ୍ରମୁଖ ଚାହିଁ
ତୁନିହୋଇ ବସୁଦେବ ନ ପଢ଼ି କିମ୍ପାଇଁ ।
ମୁହିଁ ସିନା ଏ ବ୍ରହ୍ମାଙ୍କୁ ହୋଇଲି ପ୍ରସନ୍ନ
ତେଣୁ ସିନା ସେ ପଢ଼ନ୍ତି ସସ୍ୱର ବଚନ ।
ମୁଁ ଏବେ ପ୍ରସନ୍ନ ହେଲି ବହି ପ୍ରିୟ ଭାବ
ଆଜ୍ଞା ପାଇଣ ପଢ଼ିଲେ ତହୁଁ ମହାଦେବ ।

ଅନାଦି ସନ୍ନିଧେ ଠୁଳ ଅଛନ୍ତି ସକଳ
ପହରକ ଯାଏ ହେଲା ବେଦ ମୁଖ ଗୋଳ ।
ରୁଦ୍ରଙ୍କୁ ଚାହିଁ ବୋଲନ୍ତି ପ୍ରଭୁ ନାରାୟଣ
ପ୍ରବଳ ଜଳକୁ ତୁହି କର ସଂହାରଣ ।
ରୁଦ୍ର ବୋଲେ ମୁହିଁ ତ ନ ପାରିବି ତାହା
ଶୁଣି ବ୍ରହ୍ମାଙ୍କୁ ଚାହିଁଲେ ତହୁଁ ଚକ୍ରବାହା ।
ତାହାଙ୍କୁ ବୋଇଲେ ପୁଣି ଶୁଣ ପ୍ରଜାପତି
ସଂହାର ଏ ମହାଜଳ ହେଉ ବିନଶ୍ୟତି ।
ବ୍ରହ୍ମା ବୋଇଲେ ସଂସାର କରିବି ଭିଆଣ
ଏ ଜଳ ସଂହାର ବୃଦ୍ଧି କରନ୍ତୁ ଆପଣ ।
ବିଷ୍ଣୁଙ୍କୁ ବୋଇଲେ ଏହା ମୁଁ ନ ପାରିବି କରି
ପୃଥ୍ୱୀ ସୃଜନା କରିବେ ନିଜେ ବେଦବର
ଆତ୍ମାରୂପେ ରହିବି ମୁଁ ଜନଙ୍କ ହୃଦର ।
ତାହାଶୁଣି ନାରାୟଣ ସନ୍ତୋଷ ହୋଇଲେ
ପୁଣିହିଁ ରୁଦ୍ର ଦେବଙ୍କୁ ଆଜ୍ଞାଦାନ କଲେ ।
ପ୍ରଳୟଜଳକୁ ଏବେ ସଂହାର ତୁ ସବୁ
ଆଳଟମାନ ତୋତେ ନ ଲାଗିବ ବାବୁ ।
ତାହାଙ୍କ ବଚନ ରୁଦ୍ର କରିଲେ ସମ୍ମତ
ତକ୍ଷଣେ ଡିମ୍ବ ଗୋଟିଏ କରିଲେତ ଜାତ ।
ସେ ଡିମ୍ବରୁ ଜାତହେଲେ ଏକଇ ପୁରୁଷ ।
ମତ୍ସ୍ୟ ନାରାୟଣେ ସେବେ କାମପାଳଦାସ ।
ସେହିକ୍ଷଣି ମହାରୁଦ୍ର କାଳରୂପ ଧରି
ପ୍ରଳୟ ଜଳ ସଂହାର କଲେ ଶୂଳ ଧରି ।
ପ୍ରଳୟ ଜଳରୁ ଅଧେ ଶୋଷିଲେ ସେ ଆଣି
ବ୍ରହ୍ମାଙ୍କୁ ଚାହିଁ ବୋଲନ୍ତି ପ୍ରଭୁ ଚକ୍ରପାଣି ।
ବେଦ ଅନୁକ୍ରମେ ପୃଥ୍ୱୀ କର ତୁ ପ୍ରକାଶ
ନାରାୟଣ ବାକ୍ୟେ ଚଳେ ବିଧାତା ପୁରୁଷ ।
ଭ୍ରମଣ କରାଇ ବ୍ରହ୍ମ ଯାଇ ଅନ୍ତରୀକ୍ଷେ
ଅନୁମାନ କରିମିଳେ ନାରାୟଣ ପାଶେ ।
ପଦ୍ମାସନେ ବସି ବ୍ରହ୍ମା ପଢ଼ିଲେ ସେ ବେଦ
ଓଁ କାର ନାଦର ଧ୍ୱନି ସୁସ୍ୱର ଶବଦ ।
ଏଥୁ ଅନନ୍ତରେ ତୁମ୍ଭେ ଶୁଣ ନୃପମଣି
ଜଳରେ ଭେଦିଲା ଯାଇ ବ୍ରହ୍ମାବେଦ ବାଣୀ ।
ଶଙ୍ଖା ନାମରେ ଦୈତ୍ୟ ଜଳୁ ହେଲା ଜାତ
ବ୍ରହ୍ମା ବେଦ ଧ୍ୱନି ଯହୁଁ ଶୁଣେ କର୍ଣ୍ଣ ପଥ ।

Digitized by srujanika@gmail.com

ଜୟ ହେ ନୀଳାଦ୍ରିନାଥ ମତ୍ସ୍ୟ ନାରାୟଣ
ଦ୍ୱିଜ କାମପାଳ ସଦା ପଶିବି ଶରଣ ।
ଇତି ଶ୍ରୀ ମତ୍ସ୍ୟ ପୁରାଣେ ନାରଦ ଇନ୍ଦ୍ରଦ୍ୟୁମ୍ନ
ସମ୍ବାଦେ ବ୍ରହ୍ମୋତ୍ପତ୍ତି କଥନଂ
ନାମ ଚତୁର୍ଥୋଽଧ୍ୟାୟଃ ।

ପଞ୍ଚମ ଅଧ୍ୟାୟ
ଶଙ୍ଖାସୁରର ବେଦହରଣ ଓ ନାରାୟଣଙ୍କର ଆବିର୍ଭାବ

ରାଜା ପଚାରନ୍ତି ଶୁଣ ଆହେ ତପୋଧନ
ଜଳରୁ ଦୈତ୍ୟ କିରୂପେ ହେଲା ଉତପନ୍ନ ।
ସେହି କଥା ସଂକ୍ଷେପିଣ କୁହ ମୁନି ମଣି
ଶୁଣିବି ବିଷ୍ଣୁ ପୁରାଣ ଅମୃତର ବାଣୀ ।
ନାରଦ କହନ୍ତି ଶୁଣ ଏ ଅପୂର୍ବ କଥା ।
ପୂର୍ବେ ତୁ ପଚାରିଥିଲୁ କହିଥିଲେ ପିତା
ସୋମ ରାଜା ପଚାରିଲେ ପୂର୍ବେଥିଲୁ କହି
ତୁହି ଏବେ ପଚାରିଲୁ ଶୁଣ ମନ ଦେଇ ।
ଗତାଗତ ଯେଉଁକଥା ଅଛଇ ଭିଆଣ
ସେ ଲୀଳା ଗୋଟି ରଚିଲେ ପ୍ରଭୁ ନାରାୟଣ ।
ଯେମନ୍ତ ପ୍ରକାରେ ସେହୁ ଜନ୍ତୁ ହେଲା ଜାତ
ଶୁଣ ସାବଧାନେ ତାର କହିବା ଚରିତ ।
ପ୍ରଳୟ ନାରାୟଣଙ୍କ କରେ ଥିଲା ଶଙ୍ଖ
ସ୍ୱାମୀ ନିଦ୍ରା ଯାଇଥିଲେ ମନ ନାହିଁ ତାଙ୍କ ।
ଯୋଗବଳେ ଶଙ୍ଖ ଖସି ପଡ଼ିଗଲା ଜଳେ
ମହାଘୋର ଗଭୀରର ପ୍ରଳୟ ଉଲ୍ଲେଳେ ।
ଶଙ୍ଖର ଗର୍ଭେ ପଶିଲା ପ୍ରଳୟର ପାଣି
ଶଙ୍ଖରୁ ଦନୁଜ ଏ ଜନ୍ମିଲା ତକ୍ଷଣି ।
ଜଳ ଭିତରେ ଭ୍ରମଇ ସେହୁ ବଡ଼ ଆଣ୍ଟେ
ମୁଖକୁ ଗିଳି କରିଣ ରଖିଅଛି କଣ୍ଠେ ।
ପୁନଃ ପୁନଃ ବୁଲିଆସେ ପ୍ରଳୟର ଜଳେ
କାହାକୁ ଭକ୍ଷିବ ବୋଲ ଖୋଜଇ ଆକୁଳେ
ଶଙ୍ଖ ଜନ୍ତୁ ଜନମି ସେ ଜଳେ ଅଛି ରହି
ତାହାକୁ ପ୍ରଳୟ ଜଳ ବାଧିବ ବା କାହିଁ ।
ତାହାର ପିତା ଯେ ସେହୁ କରିଛି ଜନମ
ଜଳେ ଭ୍ରମଇ କ୍ଷୁଧାରେ ହୋଇ ମତିଭ୍ରମ ।
ଶତ ଯୋଜନ ପ୍ରମାଣ ଅଟେ ତା ଦେହ
ପାଟି ବିସ୍ତାର ଗର୍ଜନ୍ତେ ଶୁଭେ ଗହ ଗହ ।
ବ୍ରହ୍ମାଙ୍କର ବେଦ ଶୁଣି ଆସେ ସ୍ଥିରହୋଇ
ପାଣି ନ ଚହଲେ ବଳ ତଳରେ ଗମଇ ।
ବିକଟ ହୁଅନ୍ତେ ସେହୁ କରି ଅନୁମାନ
ପଦ୍ମ ପାଖୁଡ଼ା ତଳରେ ମିଳିଲା ବହନ ।
ପାଟି ବିସ୍ତାରି ଗର୍ଜିଣ ପଡ଼ିଲା ସେ ଧାଇଁ
ଚମକି ବ୍ରହ୍ମା ଉଠିଲେ ଅତି ବେଗ ହୋଇ ।
ଜଳେ ନିରେଖି ଚାହାଁନ୍ତି ଦେବ ପ୍ରଜାପତି
ଦେଖିଲେ ଅସୁର ଏକ ଅପୂର୍ବ ମୂରତି ।
ମନେ ବିଚାରନ୍ତି ପୁଣି ଏହି ଗୋଟାଏ କିସ
ବିକଟାଳ ମୂରତି ଏ ଅଟଇ ରାକ୍ଷସ ।
ତୁଣ୍ଡ ବିସ୍ତାରି ରାକ୍ଷସ କଲା ଯହୁଁ ରାଗ
ତା ଦେଖିଣ ବ୍ରହ୍ମା ଦେବ ପଳାଇଲେ ବେଗ ।
ଭୟକରି ପ୍ରଜାପତି ଗଲେ ତଡ଼ ବଡ଼ି
ତର ତରେ ଗଲେ ସେହୁ ବେଦ ପୋଥି ଛାଡ଼ି
ପଦ୍ମ ଉପରେ ଦଇତ ଉଠିଲାକ ଯାଇ
ଦେଖିଲାକ ବ୍ରହ୍ମା ତହୁଁ ଗଲାଣି ପଳାଇ ।
ଆହାର ବୁଝି କ୍ଷୁଧାରେ ସେହୁ ଆସିଥିଲା
କାହାକୁ ନ ଦେଖି ବେଦ ପୋଥିକୁ ଦେଖିଲା
କି ଦ୍ରବ୍ୟ ବୋଲିଣ ତାହା ଦେଖି ଲେଉଟାଇ
ଆହାର ପ୍ରାୟକ ବୁଝି ହସ୍ତେ ଧରି ନେଇ
ତକ୍ଷଣେ ତୁଣ୍ଡରେ ତାକୁ ଭରିଲା ଅସୁର
ପର୍ବତ ଗୁମ୍ଫା ପରାୟେ ତା ତୁଣ୍ଡ ବିସ୍ତାର ।
ବେଦକୁ ସେ ଗିଳିଦେଇ ଚାହେଁ ଏଣେତେଣେ
କାହାକୁ ନୟନେ ସେହୁ ନ ଦେଖିଲା ଜାଣ
ପୁଣି ଲେଉଟି ଜଳରେ ପଶିଲା ସେ ବେଗ
ବ୍ରହ୍ମା ପଳାଇଣ ଗଲେ ବିଷ୍ଣୁଙ୍କର ଆଗ ।
କର ଯୋଡ଼ିଣ ଭୟରେ ଥର ହର ହୋନ୍ତି
ତାକୁ ଦେଖିଣ ଚକିତ ହେଲେ ଶିରୀପତି ।
କହନ୍ତି ହେ ବେଦବର ଶୁଣ ଚକ୍ରପାଣି
ଦନୁଜେକ ବେଦ ପୋଥି ଗିଳିଲା ଏକ୍ଷଣି ।
ମୋତେ ଗିଳିଥାନ୍ତା ମୁହିଁ ଅଇଲି ପଳାଇ
କେମନ୍ତେ ସଂସାର ଏବେ କରିବି ଗୋସାଇଁ ।
ପୁଣି ନାରାୟଣ ହେଲେ ବିସ୍ମୟ ବଦନ
କେଉଁଣ ଦଇତ ବୋଲି କରିଲେ ସେ ଧ୍ୟାନ ।

Digitized by srujanika@gmail.com

ତକ୍ଷଣେ ଜାଣିଲେ ସେହୁ ଅଟେ ଶଙ୍ଖାସୁର
ଶଙ୍ଖ ଜଳରୁ ହୋଇଛି ତାର ଅବତାର ।
ବ୍ରହ୍ମାଙ୍କୁ କହନ୍ତି ସେହୁ ଶଙ୍ଖାସୁର ଦୈତ୍ୟ
ଶଙ୍ଖର ଗର୍ଭରୁ ଜାଣ ହୋଇଅଛି ଜାତ ।
ତେଣୁ ସେ ଦଇତନାମ ଅଟେ ଶଙ୍ଖାସୁର
ବେଦ ଆଣିଦେବି ତୋତେ ଭୟ ତୁ ନକର ।
ପ୍ରଭୁଙ୍କୁ ଚାହିଁ କହନ୍ତି କମଳ ଆସନ
ବେଦ ପୋଥିକି ପାମର କରିଲା ସେବନ ।
ପ୍ରଭୁ ବୋଇଲେ ସେ ଚିନ୍ତା ନ କର ତୁ କିଛି
ଏତେବୋଲି ମତ୍ସ୍ୟ ରୂପ ଧଇଲେ ଶ୍ରୀବତ୍ସୀ ।
କ୍ଷୁଦ୍ରମୀନ ଗୋଟିଏ ଯେ ହେଲେ ନାରାୟଣ
ଫୁଟରୁ ବେଗରେ ଖସି ପଶିଲେ ଜଳେଣ ।
ଦିନକୁ ଦିନ ମତ୍ସ୍ୟର ବଢ଼ିଗଲା କାୟେ
ଏମନ୍ତ ବଢ଼ିଲେ ପ୍ରଭୁ ସାତ ଦିନ ଯାଏ ।
ଶତ ଯୋଜନ ହୋଇଲା ତାହାଙ୍କର ଦେହ
କାରୁଣ୍ୟଜଳେ ଖୋଜନ୍ତି କୋପେ ଅତିଶୟ ।
କଟିଠାରୁ ଶିରଯାଏ ମନୁଷ୍ୟର କାୟେ
ଚତୁର୍ଭୁଜେ ଗଦାପଦ୍ମ ଚକ୍ର ଶୋଭାପାଏ ।
କିରୀଟ କୁଣ୍ଡଳ ତେଜ ଯେହ୍ନେ ଦିନମଣି
ନୟନ ତେଜ ପିଙ୍ଗଳ ଅଗ୍ନି ତେଜ ଜିଣି ।
କୃଷ୍ଣଚାମର ପରାୟେ ନିଶ ଦାଢ଼ି ଲୋମ
ହୃଦେ ପବିତ୍ର ଦିଶନ୍ତି ଦେବ ପିତା ସମ ।
ନାନାରତ୍ନ ପୁରିଅଛି ମତ୍ସ୍ୟରୂପ ହୋଇ
ତେଜ ପ୍ରକାଶନ୍ତି କୋଟି ସୂର୍ଯ୍ୟର ପରାୟେ ।
କଟୀ ଭାଗରୁ ତଳକୁ ମତ୍ସ୍ୟରୂପ ହୋଇ
ରୋହିମାଛ କର୍ଣ୍ଣପ୍ରାୟ ଆଉ ପାଦନାହିଁ ।
ରୋହିମାଛ ଲାଞ୍ଜ ତାଙ୍କ କାତିହିଁ ବିସ୍ତାର
ବିରାଜନ୍ତି କାତିମାନେ ଡିମ୍ବରୁ ଆକାର ।
ଚନ୍ଦ୍ର ଜ୍ୟୋତିର ପରାୟେ କାତିଙ୍କର ତେଜ
ପ୍ରଳୟ ଜଳେ ଶୋଭନ୍ତି ସେହି ମୀନରାଜ ।
ପ୍ରବଳ ବେଗେ ଭ୍ରମନ୍ତି ମତ୍ସ୍ୟ ନାରାୟଣ
ସୂର୍ଯ୍ୟ ତେଜ ପ୍ରାୟ ଦିଶେ ମୁକୁଟ କିରଣ ।
ପ୍ରଳୟ ପାଣି କିଞ୍ଚିତ ପ୍ରାୟ ତାଙ୍କ ଦିଶେ
ଭ୍ରମନ୍ତି ସେ ମତ୍ସ୍ୟଦୈତ୍ୟ ନିସୁଦନ ଆଶେ ।
କୋଟିଏ ବଜ୍ର ସମାନ ଅଟେ କଳେବର
ଜଳରେ ଭ୍ରମନ୍ତି ସେହୁ ପବନ ପ୍ରକାର ।

ଚଳନ୍ତେ ଶ୍ରୀ ନାରାୟଣ ହାନ୍ଦୋଳର ପାଣି
ଲହଡ଼ି ଦେଖିଣ ଶଙ୍ଖା ପାରିଲାକ ଜାଣି ।
ନାଦ ଶୁଣିଣ ଅସୁର ଅଇଲା କୋପରେ
ମତ୍ସ୍ୟରାଜଙ୍କୁ ଭେଟିଲା ଆସିଣ ସତ୍ୱରେ ।
ଦେଖି ଦନୁଜ ଧଇଲା ଅତି କୋପଚିତ୍ତେ
ଗର୍ଜ୍ଜନ କରି ମାଇଲା ପ୍ରଭୁଙ୍କୁ ସେ ମୁଥେ ।
ତାହା ଦେଖି ଆଡ଼ ହେଲେ ମତ୍ସ୍ୟନାରାୟଣ
ଦୈତ୍ୟ ଆପଣା ହୃଦରେ କଲେ ବିଚାରଣ ।
କ୍ଷୁଧାରେ ଆକୁଳ ମୋର ହେଉଅଛି ପେଟ
ଅନେକ ଦିନେ ଆହାର ହୋଇଲାକ ପେଟ ।
କେବଣ ଜାତି ପୁରୁଷ ବିଡ଼ମ୍ବଣ ଦେହି
ଅର୍ଦ୍ଧେ ଅଙ୍ଗ ଆନ ଆନ ହୋଇଣ ଦିଶଇ ।
ଜନ୍ମରୁ ତ ମାଛ ରୂପ ସେହୁ ଦେଖିନାହିଁ
ମନୁଷ୍ୟ କାରେ ବୋଲନ୍ତି ଚିହ୍ନିବ ବା କାହିଁ ।
ଆପଣା ଦେହକୁ ଆପେ ଚାହିଁଣ ବୁଝଇ
କି ଜନ୍ତୁ ବୋଲିଣ ସେହୁ ମନରେ ହେଜଇ ।
ଏକ ଏକ କରି କିସ ଧରିଅଛି କର
ଯେ ଇଚ୍ଛା ସେ ହେଉ ଏବେ କରିବି ଆହାର ।
ଦୈତ୍ୟର ଶରୀର କାନ୍ତି ଅଟେ ଶ୍ୱେତବର୍ଣ୍ଣ
ତାର ଆଗେ ଉଭାଛନ୍ତି ଶ୍ରୀ ମଧୁସୂଦନ ।
ଯେରୂପେ ମୀନ ଜଳରେ ସ୍ଥିରଭାବ ଥାଇ
ସେରୂପେ ଦଇତ ଆଗେ ଉଭା ଭାବଗ୍ରାହୀ ।
ସେହି ଦୈତ୍ୟର ରୂପକୁ ଚାହାଁନ୍ତି ନିରୋଳି
ନାନାରତ୍ନରେ ଶରୀର ଦିଶୁଅଛି ଝଳି ।
ପାଦପାଣି ହୃଦୟ ସେ ଅତି ଅଗୋଚର
ଦନ୍ତ ମହାଦୀର୍ଘ ଅଟେ ଗଭୀର ସାଗର ।
ବିଚାରନ୍ତି ନାରାୟଣ ଭକ୍ଷିଲା ଏ ବେଦ
ଚକ୍ରପେଷି ଏହା ଶିର କରିବି ମୁଁ ଛେଦ ।
ନାରାୟଣ ବୋଲନ୍ତି ତୁ କେଉଁଠାରୁ ଜାତ
ମୋର ବେଦପୋଥି କିମ୍ପା ଭକ୍ଷିଲୁ ଦଇତ ।
ଏବେ ଉଦ୍‌ଗାର କରିଣ ଦିଅ ପୋଥିବେଦ
ମୋର ସଙ୍ଗତରେ ଆସ ନ କରି ବିବାଦ ।
ଆଉ ମୋ ଶଙ୍ଖ ଭରିଛୁ ତୋର କଣ୍ଠତଟେ
ତାକୁ ମଧ ଆଣିଦିଅ ମୋହର ନିକଟେ ।
ଯହିଁରୁ ହୋଇଲୁ ଜାତ ତା କଲୁ ଭୋଜନ
ଜନ୍ମକଥା ପାଶୋରିଲୁ ରେ ପାମର ହୀନ ।

Digitized by srujanika@gmail.com

ଏବେ ତୋ ସକଳ ଦୋଷ କଲି ପରିତେଜ୍ୟା
ମୋର ସଙ୍ଗେ ଆସି ତୋତେ କରିବଇଁ ରାଜା
ମୁଁ ଯେଉଁ ପୁରୁଷ ତୁହି ଦୃଷ୍ଟିରେ ନ ଆଣୁ
ଅଜ୍ଞାନରେ ତୁ ଜନ୍ମିଲୁ ତୋ ନା କି ତୁ ଯାଣୁ
କିଛି ତ ତୁ ଦେଖିନାହୁଁ ଜାଣିଲୁ କେମନ୍ତେ
ତେଣୁକରି ଦୋଷ ତୋର କ୍ଷମାକଲୁ ଚିତ୍ତେ ।
ଆମ୍ଭଙ୍କୁ ପ୍ରଥମୁ ତୁହି କରିଲୁ ପ୍ରହାର
ମୁହିଁ ମାରିଥିଲେ ପ୍ରାଣ ଥାଆନ୍ତା ତୋହର ।
ସ୍ୱଭାବେ ଅନ୍ଧକାରରେ ଅଛୁ ତୁହି ପଡ଼ି
ଅନ୍ଧପରାୟେ ହୋଇ ତୁ ଯାଉ ପଥ ହୁଡ଼ି ।
ଜନଜନ୍ତୁ ଜୀବ ତୋର କିଛି ଦେଖାନାହିଁ
ବିଷ୍ଣୁ ରୁଦ୍ର ବ୍ରହ୍ମା ବୋଲି ଜାଣିବୁ ତୁ କାହିଁ ।
ଏଥିପାଇଁ ଚକ୍ଷୁ ଥାଉଁ ଥାନ୍ତୁଁ ତୁହି ଅନ୍ଧ
କୁମ୍ଭୀର ମଗର ପ୍ରାୟେ ବୁଲିହେଉ ଧନ୍ଦ ।
ମହାତମେ ପଡ଼ି ଜାଣିନାହୁଁ ଜ୍ଞାନାଜ୍ଞାନ
ଜୀବିତ ଥିଲେ ଦେଖିବୁ ସଂସାର ନୟନ ।
ଶଙ୍ଖାସୁର ବୋଇଲା ତୁ ଅଟୁ କେଉଁ ଜାତି
କିମ୍ବା ଧରିଛୁ ଏମନ୍ତ ଭବିଷ୍ୟ ମୂରତି ।
ତୋହର ଚରଣ ନାହିଁ ନାମ ତୋର କିସ
ଶ୍ରୀହରି ବୋଲନ୍ତି ମୋର ନାମ ପୀତବାସ ।
ମୁହିଁ ନାରାୟଣ ଅଟେ ସଂସାରାଧିକାରୀ
ତୋହର ନିମନ୍ତେ ମତ୍ସ୍ୟରୂପ ଅଛି ଧରି ।
ମୁହିଁ ଏହି ସଂସାରକୁ କଲି ସଂହାରଣ
ଏ ପ୍ରଳୟ ଜଳ ସବୁ ମୁହିଁ ବୋଲି ଜାଣ ।
ଏହି ରୂପେ କାଳେ କାଳେ ପୃଥ୍ୱୀ କରେ ହତ
ଏବେ ନିକଟରେ ମୁହିଁ ଭ୍ୟାଇବି ଜଗତ ।
ତୁହି ବେଦ ପୋଥି ଦେଲେ ଯିବି ମୁହିଁ ଘେନି
ତାକୁ ନେଇ ସମର୍ପିବି ଦେବ ପଦ୍ମଯୋନି ।
ନ ଦେଲେ ନିଶ୍ଚୟ ଆଜି କରିବି ନିଧନ
ଶୁଣିଲା ସେ ଶଙ୍ଖାସୁର ପ୍ରଭୁଙ୍କ ବଚନ ।
କୋପେ ବୋଇଲା ମୁହିଁରେ ନଜାଣଇ ତୋତେ
ଆଶାରେ ବସିଛି ତୋତେ ଭକ୍ଷିବା ନିମନ୍ତେ ।
ଏହା କହିଣ ମୁଖକୁ କରିଲା ବିସ୍ତାର
ଗିରି କନ୍ଦର ପରାୟେ ତୋ ମୁଖ ଗହ୍ୱର ।
ଏମନ୍ତ ଦେଖିଣ କୋପେ ପ୍ରହାରିଲେ ଚକ୍ର
ତେଜ ଦେଖିଣ ଦନୁଜ ମୁଖ କଲା ବକ୍ର ।

ଚକ୍ର ପଡ଼ନ୍ତେ ଛିଡ଼ିଲା ଦଇତର ମୁଣ୍ଡ
ଗଭୀର ଜଳେ ପଡ଼ିଲି ତାର ମୃତ୍ୟୁ ପିଣ୍ଡ ।
ବାସ ଭୁଜକୁ ପାତିଣ ଦେଲେ ନାରାୟଣ
ରହିଲା ସେ ଗଣ୍ଡି ମୁଣ୍ଡ ଜର ପଲ୍ଲବେଣ ।
ଛେଦି ଚକ୍ର ଶ୍ରୀକରରେ ଲାଗିଲା ତୁରିତ
ଶୁକଳବର୍ଣ୍ଣ ପରାୟେ ଦିଶେ ତା ଶୋଣିତ ।
ଶ୍ରୀକରେ ରୁଧିର ତାର ବହେ କ୍ଷୀର ପ୍ରାୟେ
ଚକ୍ରେ ଉଦର ଚିରିଲେ ପୁଣି ଦେବରାୟେ ।
ପେଟ ଚିରି ବେଦ ପୋଥି କରିଲେ ବାହାର
କଣ୍ଠରୁ ଶଙ୍ଖ ବାହାର କରିଲେ ଆବର ।
ନାରାୟଣ ଅଙ୍ଗେ ତାର ଆତ୍ମାଗଲା ମିଶି
ପ୍ରଳୟ ଜଳେ ତା ପିଣ୍ଡ ହୋଇଗଲା ପେଷି ।
ଦୈତ୍ୟ ପିଣ୍ଡକୁ ଛାଡ଼ିଣ ଯାନ୍ତି ନାରାୟଣ
ବ୍ରହ୍ମା ନିକଟେ ପ୍ରବେଶ ହୋଇଲେ ଯାଇଣ ।
ତାଙ୍କୁ ଦେଖି ବିଶ୍ୱପିତା କରିଲେ ଜଣାଣ
ନମୋ ନାରାୟଣ ପ୍ରଭୁ ବେଦ ଉଦ୍ଧାରଣ ।
ଜୟ ନାରାୟଣ ପ୍ରଭୁ ପ୍ରଳେ ଜଳ ଭେଦା
ଶୋଭିତ ନିଜକରରେ ଶଙ୍ଖଚକ୍ର ଗଦା ।
ଜୟ ପଦ୍ମନାଭ ଶଙ୍ଖାସୁର ନିସୁଦନ
ଜୟ ହୃଷୀକେଶ ଆଦ୍ୟ ମତ୍ସ୍ୟରୂପ ବର୍ଣ୍ଣ ।
ଜୟ ମତ୍ସ୍ୟ ନାରଯଣ ଅର୍ଦ୍ଧ ଅଙ୍ଗଧାରୀ
ଜୟ ଜୟ ନାରାୟଣ ପ୍ରଳୟାନ୍ତକାରୀ ।
ତୁ ଅଟୁ ପ୍ରଳୟ ପୁଣି ତୁ ଅଟୁ ସଂସାର
ତୁହି ନାଥ ଅଟୁସିନା ଶୂନ୍ୟ କଳେବର ।
ଏହିରୂପେ କରଯୋଡ଼ ବହୁ ସ୍ତୁତି କରେ
ସନ୍ତୋଷେ ବେଦପୋଥିକୁ ଦେଲେ ବ୍ରହ୍ମାକରେ
କର ପ୍ରସାରି ଘେନିଲେ କମଳ ଆସନ
ମତ୍ସ୍ୟରୂପକୁ ତେଜିଲେ ତହୁଁ ଭଗବାନ ।
ମତ୍ସ୍ୟନାରାୟଣ ନାମ ସ୍ମରେ ଯେଉଁଜନ
ବ୍ରହ୍ମ-ଗୋ-ହତ୍ୟାର ପାପ ହୁଅଇ ଦହନ ।
ନିତ୍ୟ ଏହାକୁ ଶୁଣିଲେ ବୈକୁଣ୍ଠେ ବସିବ
ଏହା ଧ୍ରୁବ କଥା କିଏ ଅନ୍ୟଥା କରିବ ।
ଏହାକୁ ଶୁଣିଲେ ଯେବେ ନ ହୋଇବ ପୁଣ୍ୟ
ମତ୍ସ୍ୟ ଅବତାର ଗୋଟି ତେବେ ଅପ୍ରମାଣ ।
ନିନ୍ଦାକଲେ ନରକରେ ହେବ ପରବେଶ
ସ୍ଥିର ମନରେ ଶୁଣିଲେ ଯିବ ବ୍ରହ୍ମଦୋଷ ।

Digitized by srujanika@gmail.com

ଯେ ନାରାୟଣ ଅଟନ୍ତି ଜଗତାଧିକାରୀ
ତାଙ୍କ ମହିମା ଶୁଣିଲେ ନିଶ୍ଚେ ଯିବତରି ।
ସେହି ମତ୍ସ୍ୟ ନାରାୟଣ ଚରଣ କମଳେ
ନିତ୍ୟ ପ୍ରଣିପାତ କରେ ବିପ୍ରକାମପାଳେ ।
ଇତି ଶ୍ରୀ ମତ୍ସ୍ୟପୁରାଣେ ନାରଦ ଇନ୍ଦ୍ରଦ୍ୟୁମ୍ନ
ସମ୍ବାଦେ ନାରାୟଣୋତ୍ପତ୍ତି ନାମ
ପଞ୍ଚମୋଽଧ୍ୟାୟଃ

ଷଷ୍ଠ ଅଧ୍ୟାୟ
ସୃଷ୍ଟି ରଚନା ବର୍ଣ୍ଣନା

କହୁଛନ୍ତି ମହାରାଜା ଶୁଣ ତପୋଧନ
ଏ ଚରିତ ଶୁଣି ପାପ କରିଲେ ଦହନ ।
କେଉଁ ରୂପେ ନାରାୟଣ ଭିଆଇଲେ ଜଗତ
ବେଦ ପୋଥିକୁ ଅର୍ପିଲେ ବ୍ରହ୍ମାଙ୍କର ହସ୍ତ ।
କହନ୍ତି ନାରଦ ଋଷି ଶୁଣ ନୃପମଣି
ରୁଦ୍ର ସଂହାର କରିଲେ ଯାଇଁ କାଳପାଣି ।
ଅଶେଷ ଗଗନକୁ ହେ ସେହୁଥିଲା ଘୋଟି
ରୁଦ୍ରଙ୍କର ବିଶ୍ୱରୂପେ ତାହା ଗଲା ତୁଟି ।
ବୁଦବୁଦାରୁ ଯେ ମାଟି ହେଲା ଉତପନ୍ନ
ବ୍ରହ୍ମା ତାକୁ ନେଇକଲେ ପୃଥିବୀ ସୃଜନ ।
ଅଣ୍ଡରୁ ଯେ ଶଙ୍ଖାସୁର ହେଲା ଉତପତି ।
ପାତାଳ କରିବେ ତାକୁ ନେଇ ବେଦପତି ।
ଯହୁଁ ମୃତ୍ତିକାକୁ ନେଇ କରିଲେ ପୃଥିବୀ
ବିଷ୍ଣୁଙ୍କ ନୟନୁ ଜାତ ହୋଇଲାକ ରବି ।
ମନରୁ ଚନ୍ଦ୍ରମାକୁ ଯେ ପୁଣି କଲେ ଜାତ
ମୁଖରୁ ଅଗ୍ନି ମେଲାରୁ ହୋଇଲା ମରୁତ ।
ହୃଦୟରୁ ଜାତ ହେଲେ ଜାଣ ମେଘମାନେ
ମୁଖରୁ ଜାତ ହୋଇଲେ ସପ୍ତ ତପୋଧନେ ।
ସୁରୁଚି ମରୀଚି ଆଦି ହୋଇଲେକ ଜାତ
ସପତ ମୁନି ସହିତେ ହୋଇଲେ ସମ୍ଭୂତ ।
ଚନ୍ଦ୍ର ସୂର୍ଯ୍ୟ ବେନିଜନ ଯହୁଁ ହେଲେ ଜାତ
ଅନ୍ଧାର ତୁଟି ଆଲୁଅ ହୋଇଲା ସମସ୍ତ ।
ତାହା ଦେଖି ପ୍ରଜାପତି ଆନନ୍ଦ ହୋଇଲେ
ଆପଣା ମନରୁ ତହୁଁ ହଂସ ଜାତକଲେ ।
ପୁଣି ତାହାର ଉପରେ ବସିଲେ ସେ ଯାଇ
ଭ୍ରମଣ କରିଲେ ତହୁଁ ଚାରିଦିଗେ ଚାହିଁ ।
ରାଜା ପଚାରନ୍ତି ତୁମ୍ଭେ ଶୁଣ ମୁନିବର
ଯେଉଁ ଡ଼ିମ୍ବେକ ଜଳରୁ ହୋଇଲା ବାହାର ।
କେବଣ ଚରିତ ତାର ହେଲା କେଉଁଗତି
କହନ୍ତି ଯେ ମହାମୁନି ଶୁଣ ନରପତି
ବିଷ୍ଣୁଙ୍କ ମନରୁ ଡିମ୍ବ ହୋଇଲାକ ଜାତ
ଫାଟନ୍ତେ ଡିମ୍ବ ପୁରୁଷେ ହୋଇଲା ସମ୍ଭୂତ ।
ତାହାଙ୍କର ନାମ ହେଲା ସ୍ୱୟଂଭୁବ ମନୁ
ବିଶ୍ୱକର୍ମା ଜାତ ହେଲେ ବିଷ୍ଣୁଙ୍କର ତନୁ ।
ନୃପତି ବୋଇଲେ ମୁହିଁ ଶୁଣିଲଇଁ ଏହା
ପୃଥ୍ୱୀ ବୁଲି ଯାଇଥିଲେ ପୁଣି ଅଷ୍ଟବାହା ।
କେବଣ ଚରିତ କଲେ ତାହା ମୋତେ କୁହ
ଏ ପୋଥି ଶୁଣି ପବିତ୍ର ହେଉ ମୋର ଦେହ ।
କହନ୍ତି ଯେ ବ୍ରହ୍ମମୁନି ଶୁଣି ମହୀପାଳ
ବ୍ରହ୍ମା ବୁଲିଣ ଆସିଲେ ବ୍ରହ୍ମାଣ୍ଡ ସକଳ ।
ଜୀବନାଶ କାଳପାଣି ନାଶ ଯାଇ ନାହିଁ
ଯୁଆର ପ୍ରାୟ କ୍ଷଣକେ ପୁଣିହିଁ ବଢ଼ଇ ।
ବିଷ୍ଣୁ ସନ୍ନିଧେ ମିଳିଲେ ଯାଇ ବେଦବର
କରଯୋଡ଼ିଣ ଜଣାନ୍ତି ତାହାଙ୍କ ଛାମୁର ।
ଭୋ ଦେବ ଚନ୍ଦ୍ର ସୂର୍ଯ୍ୟ ଯେ ଉଦୟ ହୁଅନ୍ତୁ ।
ଆତଯାତରେ ରଜନୀ ଦିବସ କରନ୍ତୁ ।
ତାହା ଶୁଣି ନାରାୟଣ ବୋଲନ୍ତି ବଚନ
ମେରୁକୁ ସ୍ଥାପନାକର ଚତୁର ବଦନ ।
ନାରାୟଣଙ୍କ ବଚନେ ବାହୁଡ଼ନ୍ତି ବ୍ରହ୍ମା
ଅନୁମାନ କଲେ ମେରୁ ସ୍ଥାପିବାକୁ ସୀମା ।
ପୃଥ୍ୱୀ ମଧ୍ୟରେ ବିଧାତା ମାଇଲେ ତ୍ରିଦଣ୍ଡ
ଶତଲକ୍ଷ କ୍ଷଣଯାଏ ଫୁଟିଲା ବ୍ରହ୍ମାଣ୍ଡ ।
ଚିତ୍ତରେ କଳ୍ପନା କଲେ କମନ ଆସନ
ସେହିକ୍ଷଣି ମହାଗିରି ହୋଇଲା ସମ୍ପୂର୍ଣ୍ଣ ।
ପୁନର୍ବାର ବସୁନ୍ଧରା ହେଲା ଟଳମଳ
ତକ୍ଷଣେ ଚିନ୍ତନ୍ତି ବ୍ରହ୍ମା ହୃଦୟ କମଳ ।
ଆଠୋଟି ଲୋମ ଜାନୁରୁ ତହୁଁ ଓପାଡ଼ିଲେ
ଆଠଗିରି କରି ଆଠ ଦିଗରେ ପୋତିଲେ ।
ପୁଣି ବିଚାରି ବରଷ ତହୁଁ କଲେ ଜାତ
ମାର୍ଗଶିର ପୁଷ ମାଘ କରିଲେ ସମ୍ଭୁତ ।

Digitized by srujanika@gmail.com

ଏହି ଅନୁକ୍ରମରେ ଯେ ବାରମାସ ହେଲା
ସାତବାର କରି ଧାତା ପୁଣିହିଁ ସର୍ଜିଲା ।
ନାରାୟଣଙ୍କ ଛାମୁରେ ଜଣାଇଲେ ଯାଇ
ମେରୁକୁ ବସୁନ୍ଧରାରେ ପୋତିଲା ଗୋସାଇଁ ।
ତାହା ଶୁଣି ନାରାୟଣ ହୋଇଲେ ହରଷ
ତାଙ୍କ ହର୍ଷରେ କନ୍ଦର୍ପ ହୋଇଲା ପ୍ରକାଶ ।
ତାହାର ରୂପକୁ ଶତଚନ୍ଦ୍ର ସମ ନୁହେଁ
ହରିରୂପ ବର୍ଣ୍ଣପାଇ ଜନମନ ମୋହେ ।
ନାରାୟଣଙ୍କ ଚରଣେ କଲା ନମସ୍କାର
କନ୍ଦର୍ପ ବୋଲିଣ ନାମ ଦେଲେ ଚକ୍ରଧର ।
ବେନିରଥ ନାରାୟଣ ମନୁ କଲେ ଜାତ
ଚନ୍ଦ୍ର ସୂର୍ଯ୍ୟଙ୍କୁ ତାହାଙ୍କୁ ଅର୍ପିଲେ ତୁରିତ ।
କହନ୍ତି ଶ୍ରୀ ପ୍ରଭୁ ଶୁଣ ଚନ୍ଦ୍ର ଦିବାକର
ଗଗନେ ଉଦୟ ହୋଇ ରାତ୍ର ଦିବାକର ।
ଇନ୍ଦ୍ରଦ୍ୟୁମ୍ନ ନାରଦଙ୍କୁ ପୁଣି ପୁଚ୍ଛାକଲେ
ଉତ୍ତର ଦକ୍ଷିଣାୟନ କିମ୍ପା ସୂର୍ଯ୍ୟ ହେଲେ ।
ନାରଦ କହନ୍ତି ଗତାଗତ ପଥ ଅଛି
ତେଣୁ ବେଦମତେ ସେହୁ ଭ୍ରମଣ କରୁଛି ।
ନବରତନ ଜଡ଼ିତ ସବିତା ବିମାନ
ସାତଗୋଟି ଅଶ୍ୱଯୋଚା ଥାଏ ରାତ୍ରଦିନ ।
ବେଦବଚନେ ଭ୍ରମଣ କରେ ନିରନ୍ତର
ତହିଁକି ସନ୍ଦେହ କିମ୍ପା କରୁ ନୃପବର ।
ବିଷ୍ଣୁଙ୍କ ଆଜ୍ଞାରେ ରବି ଶୂନ୍ୟେ ଉଦେହେଲା
କେବଳ ଦିବସ ହୋଇ ରାତ୍ରତ ନ ହେଲା ।
ସଞ୍ଜୀବନୀପୁର ପ୍ରାୟ ଦିଶିଲାକ ଯହୁଁ
ଭବାନୀଙ୍କଠାରୁ ରାତ୍ର ଜନମିଲା ତହୁଁ ।
ତାହା ଦେଖିଣ ସନ୍ତୋଷ ହୋଇଲେ ଅଚ୍ୟୁତ
ରବି କିରଣରୁ କୁଶ ତହୁଁ ହେଲା ଜାତ ।
କୋଟିଏ କରିଣ ଘେନି ଉଦେ କରତାର
କିରଣରେ ହେଲା ଶୋଷି ସେ କାରୁଣ୍ୟନୀର
ବ୍ରହ୍ମା ବୋଇଲେ ଏମନ୍ତେ ପୃଥ୍ୱୀ ଯିବ ନାଶ
ସହସ୍ର କିରଣେ ରଖି ସବୁ କର ଧ୍ୱଂସ ।
ତକ୍ଷଣେ ବିଶ୍ୱକର୍ମାଙ୍କୁ ସୂର୍ଯ୍ୟ ସୁମରିଲେ
ପର୍ଶୁହସ୍ତେ ବିଶ୍ୱକର୍ମା ଛାମୁରେ ମିଳିଲେ ।
ତାହାଙ୍କୁ ଦେଖିଣ ସୂର୍ଯ୍ୟ କରିଲେ ଆଦେଶ
ଆମ୍ଭର କିରଣ ଜାଳେ ପୃଥ୍ୱୀ ଯିବ ନାଶ ।
ସହସ୍ର କିରଣ ରଖି ସବୁ କର ହତ
ସେଥିପାଇଁକି ତୋତେ ମୁଁ ଡାକିଲି ତୁରିତ ।
ବିଶ୍ୱକର୍ମା ସେହିକ୍ଷଣି ତା ଛେଦନ କଲେ
ବାରମାସକୁ ସହସ୍ର କିରଣ ବାଣ୍ଟିଲେ ।
ତାହା ଦେଖିଣ ସନ୍ତୋଷ ହେଲେ ବେଦବର
ଏବେ ଉଦେ ହୁଅ ରଧା ହୋଇବ ସଂସାର ।
ଚନ୍ଦ୍ରକୁ ବୋଇଲେ ପୂର୍ବେ ଉଦେ ହେବୁନାହିଁ
ଯେମନ୍ତେ ଉଦୟ ହେବୁ ହେଉଅଛି କହି ।
ଶୁକ୍ଳପକ୍ଷ ଦ୍ୱିତୀୟା ତିଥି ଯେଉଁଦିନ
ପଶ୍ଚିମେ ଉଦେ ହୋଇବୁ କଳାଏ ଘେନିଣ ।
ପୁଣି ପଶ୍ଚିମେ ବୁଡ଼ି ଦୁଇଘଡ଼ି ରାତି
ଏମନ୍ତ ଲେଖା ପନ୍ଦରଦିନ ଜାଣ ତିଥି ।
ଦିନକୁ ଦିନ ବଢ଼ିବୁ ପୂର୍ଣ୍ଣମୀ ସରିକି
ଷୋଳକଳା ପୂର୍ଣ୍ଣ ଛିଦ୍ର ନ କରିବ ବାକି ।
କୃଷ୍ଣପକ୍ଷକୁ ଛିଡ଼ିବୁ ବୁଦ୍ଧିର ସମାନ
ଏକକଳା ଗୋପ୍ୟ ହେବୁ ଅମାବାସ୍ୟା ଦିନ ।
ସୂର୍ଯ୍ୟ ଗତାଗତ ଥିବ ଯେକାଳ ପର୍ଯ୍ୟନ୍ତେ
ତୁହିହାଦେ କ୍ଷୟ ବୃଦ୍ଧି ହେବୁ ଏହିମତେ ।
ଶୁକ୍ଳପକ୍ଷରେ ଯୁବାକୃଷ୍ଣରେ ବାଳକ
ମହୌଷଧି ଶସ୍ୟପୁଷ୍ଟ କରିବୁ ତ୍ରୈଲୋକ୍ୟ ।
ବ୍ରହ୍ମାଙ୍କ ବୋଲେ ସନ୍ତୋଷଯାଇ ଉଦେହେଲେ
ଏଥୁଅନ୍ତେ ପ୍ରଜାପତି ତହୁଁ ଚଳିଗଲେ ।
କୁଶ ଘେନି ପଦ୍ମପରେ କରିଲେ ଆସନ
ସେହିଠାବରେ କରିଲେ ରଜନୀ ଯାପନ ।
ପ୍ରଭାତରୁ ଉଠିଣ ସେ ନିତ୍ୟକର୍ମ ସାରି
କୁଶଜଳ ସିଞ୍ଚାଡ଼ିଲେ ପୁଣି କୁଶଧାରୀ ।
ସେହି ଜଳରୁ ଆମ୍ଭର ହୋଇଲାକ ଜାତ
ନାରଦ ବୋଲିଣ ନାମ ଦେଲେ ଦଇବତ ।
ଚଳିଗଲେ ବ୍ରହ୍ମା ପୁଣି ରୁଦ୍ରସଙ୍ଗେ ଘେନି
ଆବର ସଙ୍ଗେ ଅଛନ୍ତି ଶ୍ରୀଦେବୀ ଭବାନୀ ।
ବିଷ୍ଣୁ ସହିତେ ଗମନ୍ତି ତହୁଁ ଜଣଚାରି
ପ୍ରଜାପତି ଶତବ୍ରହ୍ମା ପୁଣି ଜାତକରି ।
ଅସ୍ତୁକାର ପୁରୁଷ ଯେ ବ୍ରହ୍ମାଙ୍କ ନନ୍ଦନ
ତାହାଙ୍କୁ ବେଦ କରିଲେ ଚତୁର ବଦନ ।
ସୃଷ୍ଟି କରିବା ନିମନ୍ତେ ଗଲେ ଶତବ୍ରହ୍ମା
ସଂସାର ଅନୁସାରରେ କରନ୍ତି ମହାତ୍ମା ।

Digitized by srujanika@gmail.com

ତାଙ୍କଠାରୁ ନବ ବ୍ରହ୍ମା ପୁଣି ହେଲେ ଜାତ
ସଂସାର ଭିଆଣ କଲେ ଦକ୍ଷଙ୍କ ସହିତ ।
ବ୍ରହ୍ମା ବିଷ୍ଣୁ ରୁଦ୍ର ତିନି ବୁଲନ୍ତି ମେଦିନୀ
ପୃଥିବୀ ପାଞ୍ଚଶକୋଟି ଆୟତନ ଘେନି ।
ବ୍ରହ୍ମା ପଚାରନ୍ତି ତୁମ୍ଭେ ଶୁଣ ପୀତବାସ
ପ୍ରଳୟ ପାଣି ଯେତେକ ଅଛି ଅବଶେଷ ।
ଏହାକୁ କିସ କରିବା କୁହ ଭଗବାନ
ବୋଲନ୍ତି ଶ୍ରୀ ନାରାୟଣ ପ୍ରଜାପତି ଶୁଣ ।
ଏହାକୁ ସମୁଦ୍ର କରି ରଚ ବେଦବର
ନିର୍ଜଳ କରି କି ତୁହି ରଚିବୁ ସଂସାର ।
ସେହିକ୍ଷଣି ବ୍ରହ୍ମା ତାକୁ କଲେ ଭିନ୍ନ ଭିନ୍ନ
ଲବଣେକ୍ଷୁ ସୁରା ସର୍ପି ଦଧି ଦୁଗ୍ଧବଦ ।
ସାତସମୁଦ୍ରଙ୍କ ନାମ ଏହିରୂପେ ଦେଲେ
ବିଷ୍ଣୁଙ୍କର ମୁଖ ଚାହିଁ ପୁଣି ପଚାରିଲେ ।
ମୃତ୍ତିକା ବ୍ରହ୍ମାଣ୍ଡ ଏବେ ହୋଇଲା ସୃଜନ
କମ୍ପିଲା କିସ କରିବା କୁହ ଭଗବାନ ।
ଶ୍ରୀ ନାରାୟଣ ବୋଲନ୍ତି ପାତାଳକୁ ଚାଲ
ତହିଁ ଉପାୟ କରିବା ଯାହା ହେବ ଭଲ ।
ବ୍ରହ୍ମା ବିଷ୍ଣୁ ରୁଦ୍ର ତିନି କରିଲେ ଗମନ
ପ୍ରବେଶ ହୋଇଲେ ଯାଇ ପାତଳ ଭୁଲନ ।
ଦେଖନ୍ତି ସେ ଭୁବନକୁ ଜଳ ଶୂନ୍ୟମୟେ
ବିଷ୍ଣୁଙ୍କୁ ଚାହିଁଣ ବ୍ରହ୍ମା କରନ୍ତି ବିନୟେ ।
ଏ ବସୁନ୍ଧରା ରହିବ ଯେବଣ ପ୍ରକାର
ତାକୁ ଧରିବା ଉପାୟ କର ଚକ୍ରଧର ।
ଶ୍ରୀବିଷ୍ଣୁ ବୋଇଲେ ଆଗ ରଚିବା ଏ ପୁର
ବିଶ୍ୱକର୍ମାକୁ ଚିନ୍ତିଲେ ହୃଦୟେ ତାଙ୍କର ।
ପାତାଳରେ ମହାତମ ମିଳିଲାକ ଯାଇ
ନମସ୍କାର କରି ଉଭା ଶିରେ କରଦେଇ ।
ବ୍ରହ୍ମା ବୋଇଲେ ଆସହୋ ରଚିବା ଭୁବନ
ବିଶ୍ୱକର୍ମାଙ୍କୁ ଘେନିଣ କଲେ ସେ ରଚନ ।
ତଳ ପୁରରୁ ଠାବରୁ ସାତପୁର ଯାଏ
ଆୟତନରେ କରିଲେ ସବୁ ପୁରମାନ ।
କଳ୍ପନାରେ ଭିଆଇଲେ ସବୁ ପୁରନର
ଦିଶନ୍ତି ଭବନମାନ ଯେସନ ତପନ
ତାହାଙ୍କ ଭିଆଣମାନ ନାରାୟଣ ଦେଖି
ତକ୍ଷଣେ ଜାତ କରିଲେ ପୁଣି ବାସୁକୀକି ।

ସହସ୍ର ଫଣା ସହିତ ହୋଇଲେ ସେ ଜାତ
ନାଗଲୋକ ନାରାୟଣ ଭ୍ୟାଇଲେ ବହୁତ ।
ଆଉ ପୁରମାନଙ୍କର ଅନ୍ୟରୂପ ଜନ
କିଏ କହିପାରେ ଯାହା କରିଲେ ଭିଆଣ ।
ତା ଦେଖି ସନ୍ତୋଷ ଚିତ୍ତ ହୋଇ ପ୍ରଜାପତି
ବାସୁକୀକି ଚାହିଁଣ ଯେ ବଚନ ବୋଲନ୍ତି ।
ଏହି ରତ୍ନମୟପୁରେ ତୁ ସର୍ବଦା ରହ
ଏହି ବସୁନ୍ଧରାକୁ ତୁ ସବୁଦିନେ ବହ ।
ବାସୁକୀ ବୋଲେ ମୋ ଶିର ପାଇବ ବା କାହିଁ
ଅନେକ ଦୂର ଛଡ଼ାରେ ମତେ ଅଛି ରହି ।
ଦୁର୍ଗାକୁ ଚାହିଁ ବୋଲନ୍ତି ପୁଣି ପିତାମହ
ମୂର୍ତ୍ତିଏ ହୋଇ ମାତା ଗୋ ତୁମ୍ଭେ ଏଠି ରହ
ବିଷ୍ଣୁଙ୍କୁ ବୋଇଲେ ତୁମ୍ଭେ ରୁହ ଦେବହରି
ସମ୍ଭାଳ ଏ ବସୁନ୍ଧରା କେଉଁ ବୁଦ୍ଧି କରି ।
ବ୍ରହ୍ମା ବଚନେ କହନ୍ତି ପ୍ରଭୁ ନାରାୟଣ
ମୋହର କଥାକୁ ଏବେ ପ୍ରଜାପତି ଶୁଣ ।
ତୋହର ସୃଜନ ସିନା ହୋଇଛି ସଂସାର
ତୁ ଏବେ ରଚନାକର ବୁଦ୍ଧିରେ ତୋହର ।
ତାହା ଶୁଣିଣ ସନ୍ତୋଷ ହେଲେ ପ୍ରଜାପତି
ଆଧାର ଶକତିକି ଯେ କଲେ ନେଇ ସ୍ଥିତି ।
ବ୍ରହ୍ମା କକ୍ଷଣେ କଳ୍ପନା କଲେ ନିଜ ଚିତ୍ତେ
ତାପରେ କର୍ମ ସ୍ଥାପିଲେ ନେଇ ବେଦମତେ
ତାହାର ଉପରେ ପୁଣି ରକ୍ତବେଙ୍ଗ ଥୋଇ
ତହିଁପରେ ବାସୁକୀକି ରଖିଲାକି ନେଇ ।
ବାସୁକୀ ଶିର ଉପରେ ରଖି ବସୁନ୍ଧରୀ
ସେହିକ୍ଷଣି ଅଷ୍ଟପୁତ୍ର ହୋଇଲେ ତାଙ୍କରି ।
ଅନନ୍ଦ ତକ୍ଷକ କକେଟକ ନାଗମାନ
ମୁଣ୍ଡାନ୍ତେ ସେ ବସୁନ୍ଧରା ହୋଇଲା ଶୋଭନ ।
ଗଲେ ବ୍ରହ୍ମା ବିଷ୍ଣୁ ରୁଦ୍ର ପ୍ରକୃତିକୁ ଘେନି
ପ୍ରବେଶ ହୋଇଲେ ମଧ୍ୟପୁରର ମେଦିନୀ ।
ମେରୁ ନିକଟକୁ ସର୍ବେ କରିଲେ ଗମନ
ସତ୍ୟବ୍ରତକୁ ଦେଖିଲେ କରଇ ସେ ଧ୍ୟାନ ।
ଶୁଣ ହେ ରାଜନ ସତ୍ୟବ୍ରତ ରାଜା କଥା
ପ୍ରଳୟ ଯାନ୍ତେ ବିଚାରେ ସେହି ମହାଜ୍ଞାତା ।
ବିଚାରେ ସଂସାରେ ପୁଣି ହୋଇଲା ସଂସ୍ଥିତ
ଏତେ ଜଳ ସଂହାରିଲା କେମନ୍ତେ ଜଗତ

Digitized by srujanika@gmail.com

ଚନ୍ଦ୍ରସୂର୍ଯ୍ୟ ଆତଯାତ ହେଲା ସେହିମତି
ଜନ ଜନ୍ତୁ ବୃକ୍ଷ ଗିରି ଏମାନେ ନାହାନ୍ତି ।
ନାରାୟଣ ପ୍ରସାଦେ ଦେଖିଲେ ପ୍ରଳୟ
ପୁଣି ଦେଖୁଛି ଯେଉରୂପେ ହେଉଛି ଉଦୟ ।
କେବଣ ଦିଗରୁ ଯିବି କାହିଁ ନାହିଁ କିଛି
ଜନଜନ୍ତୁ ନାହିଁ ମୋତେ ବଣା ଲାଗୁଅଛି ।
ପୂର୍ବ ପଶ୍ଚିମ ଉତ୍ତର ଦକ୍ଷିଣ ତ ନାହିଁ
ନଦୀ ପୋଖରୀକି ଆଉ ପାଇବା ବା କାହିଁ
ଶୂନ୍ୟ ଭୁବନକୁ ବୋଲି ଟେକିଥିଲା ପାଣି
ଆଉ ତ କିଛି ହିଁ ପୁଣି ନାହାନ୍ତି ଧରଣୀ ।
ପୂର୍ବର ପୃଥିବୀ ପ୍ରାୟେ ଦିଶୁଅଛି ମହୀ
ଯେମନ୍ତେ ନଈ ପନ୍ତାରି ମାଡ଼ି ଯାଇଥାଇ ।
ସେହିପରି ପଟାନ୍ତରେ ସବୁ ଦିଶେ ଓଦା
ଗଛ ଗିରି ଘାସ ନାହିଁ ସବୁ ଦିଶେ ପଦା ।
ଏହା ବିଚାରି ବସିଛି ସେହି ଭୂମି ଭାଗେ
ମନେ ଛନ ଛନ ହୋଇ ଚାହେଁ ଦଶଦିଗେ
ମନରେ ଭୟ କରିଣ ନ ଛାଡ଼ଇ ସ୍ଥାନ
କେଣେ ଯିବି ନ ଦିଶଇ କିଛି ଅନୁମାନ ।
କୃଷ୍ଣ ନାରାୟଣ ହରି ବୋଲୁଥାଇ ନିତି
ମୁନିଙ୍କ ମୁଖ ଚାହିଁଣ ବୋଇଲେ ନୃପତି ।
ଭୋ ମୁନି କଥାଏ କୁହ ଶୁଣିବଇଁ ମୁହିଁ
କଳ୍ପେ ରହିଲା କେମନ୍ତେ ଆହାର ନ ଖାଇ ।
ଯେବଣ ନାବରେ ଥିଲା ସେହି ନୃପବର
ତାହା କେଣେ ଗଲା କୁହ ବ୍ରହ୍ମାଙ୍କ କୁମର ।
ମୁନି ବୋଲେ ଖାଇଥିଲା ସେହୁ ପଦ୍ମସୁଧା
ତେଣୁ କରିଣ ବଞ୍ଚିଲା କ୍ଷୁଧା ତୃଷା ବାଧା ।
ଜଳ ଶୁଖନ୍ତେ ହୋଇଲା ପୁଣି ଭୂମିଗତ
ହରିଙ୍କ ଭଜନା ସେହୁ କରଇ ନିରତ ।
ଯାହାକୁ ରଖି ଅଛନ୍ତି ପ୍ରଭୁ ନାରାୟଣ
ତାହାଙ୍କ ଅଙ୍ଗେ କିମ୍ପାଇ ପଶିବ ମରଣ ।
ଯେ ପ୍ରଳୟ କରି ପୁଣି ସଂସାର ସାଜଇ
ସେହୁ ରଖିଲେ ତାହାକୁ କିଏ ସେ ମାରଇ ।
ରାଜା ବସିଅଛି ନାବେ ନାବ ଭୂମି ଗତ
ସେ ନାବ ଦେଖି ଜଗତେ ହୋଇଲା ବିଖ୍ୟାତ ।
ନଦୀ ସାଗରେ ଯେତେକ ଅଛି ନାବମାନ
ସତ୍ୟବ୍ରତ ରାଜା ସିନା କରିଲା ଭିଆଣ ।

ଶୁଣି ସନ୍ତୋଷ ହୋଇଣ ପୁଣିହିଁ ପୁଛଇ
ସତ୍ୟବ୍ରତକୁ ଭେଟିଲେ ଟିକି ବ୍ରହ୍ମା ଯାଇ ।
କେବଣ ବିଷୟମାନ ପଡ଼ିଲା ସେଠାରେ
ସେହି କଥା ମହାମୁନି ଶୁଣିବି କର୍ଣ୍ଣରେ ।
କହନ୍ତି ନାରଦ ଚିନ୍ତା କରେ ନାରାୟଣ
ଏମନ୍ତ କାଳେ ମିଳିଲେ ଯାଇଁ ପାଞ୍ଚଜଣ ।
ପଞ୍ଚ ସୂର୍ଯ୍ୟ ଉଦେ ପ୍ରାୟ ଦିଶେ ତେଜୋମୟ
ତାଙ୍କୁ ଦେଖିଣ ଉଠିଲା ମନେ କରି ଭୟ ।
ବିଚାରନ୍ତି ଅଇଲେ ଏ କାହୁଁ ପାଞ୍ଚ ଜଣ
ତେଜ ଦିଶଇ ଆଦିତ୍ୟ ପରାୟେ କିରଣ ।
ବହୁତ ବଦନ ଭୂଜ ଅପୂର୍ବ ମୁରତି
କିବା ଏହୁ ରୁଦ୍ର ବ୍ରହ୍ମା ଦୁର୍ଗା ପ୍ରଜାପତି ।
ରତ୍ନ ବସନେ ଦିଶନ୍ତି ଅତିଶୟ ଶୋଭା
ନୃପତିର ଆଗେ ଯାଇ ସର୍ବେ ହେବେ ଉଭା ।
ଶିରେ କରଯୋଡ଼ି ସତ୍ୟବ୍ରତ ନୃପବର
ପାଞ୍ଚ ଜଣଙ୍କ ଚରଣେ କରି ନମସ୍କାର ।
ପଚାରନ୍ତି ବେଦବ୍ରହ୍ମା ତୁ କେଉଁ ପୁରୁଷ
କେବଣଠାରୁ ଜନମ କାହାର ତୁ ଶିଷ୍ୟ ।
ସତ୍ୟବ୍ରତ ରାଜା ବୋଲେ ମୁହିଁ ନୃପବର
ପ୍ରଳୟ ଜଳେ ରହିଲେ ଏ ନାବ ଉପର ।
ଇଷ୍ଟ ଦେବତା ମୋର ପ୍ରଭୁ ନାରାୟଣ
ତାହାଙ୍କ କୃପାରୁ ମୋହର ହୋଇଲା ମରଣ ।
ବ୍ରହ୍ମା ବୋଇଲେ ଏ ନାବ ପାଇଲୁ ତୁ କାହିଁ
ରାଜା ବୋଲେ ଅଦଭୁତେ ଉଠ ଉପୁଜାଇ ।
ଜାଣିଲେ ରାଜାକୁ ରକ୍ଷା କଲେ ନାରାୟଣ
ଦେବତା ପରାୟେ ତାର ବିରାଜେ କିରଣ ।
ପୁଣି ବ୍ରହ୍ମା ପଚାରନ୍ତି ନାମ ତୋର କିସ
ସତ୍ୟବ୍ରତ ମୋର ନାମ କଳ୍ପ ରାଜା ଶିଷ୍ୟ ।
ବ୍ରହ୍ମା ବୋଇଲେ ଧନ୍ୟରେ ଜୀବନ ତୋହର
ଆହେ ନୃପ ଦେଖ ଦେଖ ଏହି ଚକ୍ରଧର ।
ସତ୍ୟବ୍ରତ ରାଜା ବୋଲେ ଜାଣିବି କେମନ୍ତେ
ଶଙ୍ଖ ଚକ୍ର ଚତୁର୍ଭୁଜ ହେଲେ ପଦ୍ମନେତ୍ରେ ।
ମଞ୍ଚେ ମୋ ଭକତ ଚିହ୍ନି ପାରିବ କି ନାହିଁ
ତେଣୁ ଭିନ୍ନ ମୂର୍ତ୍ତି ହୋଇଥିଲେ ଭାବଗ୍ରାହୀ ।
ଦେଖିଲା ନୃପତି କଲା କୋଟି ପ୍ରଦକ୍ଷିଣ
କୋଟିଏ ପ୍ରଣାମ କଲା ଶ୍ରୀ ପଦ୍ମ ପଦେଣ ।

Digitized by srujanika@gmail.com

ତାକୁ ଦେଖିଣ ସନ୍ତୋଷ ହେଲେ ପଦ୍ମଭୁଜ
ନିଜ ହସ୍ତରେ ତୋଳିଲେ ସେହି ନୃପରାଜ ।
ଉଠିଣ ନୃପତି ବୋଲେ ହେଲି ତ୍ରାହି ତ୍ରାହି
ସତ୍ୟବ୍ରତ ଶିରେ କର ଦେଲେ ଭାବଗ୍ରାହୀ ।
ବୋଲନ୍ତି ଶ୍ରୀ ନାରାୟଣ ତୁ ମୋ ପଞ୍ଚଭୂତ
ନବଖଣ୍ଡ ମେଦିନୀର ହେଲୁ ନୃପନାଥ ।
ବ୍ରହ୍ମା ରୁଦ୍ର ଭଗବତୀ ଏ ତିନିଙ୍କ ପ୍ରତି
ବିଷ୍ଣୁ ଭକ୍ତି ପ୍ରାୟ ଭକ୍ତି କରିଲା ନୃପତି ।
କହନ୍ତି ଶ୍ରୀ ନାରାୟଣ ନୃପତି ତୁ ଶୁଣ
ଏ ସ୍ଥାନରୁ ଅନ୍ୟକୁ ନ କରିବୁ ଗମନ ।
ଲେଉଟାଣିବେଳେ ଆମ୍ଭେ ଘେନିଯିବୁ ତୋତେ
ଏତକ କହି ସେଠାରୁ ଚଳିଲେ ସମସ୍ତେ ।
ସତ୍ୟବ୍ରତ ବିଚାରଇ ନିସ୍ତରିଲି ମୁହିଁ
ବ୍ରହ୍ମା ବିଷ୍ଣୁ ରୁଦ୍ରଙ୍କୁ ମୁଁ ନେତ୍ରେ ଦେଖିଲଇଁ ।
ପୁଣି ବ୍ରହ୍ମା ସୃଜିଲେ ଯେ ଚଉଦ ଭୁବନ
ପୁନରପି ଦେଖିଲି ମୁଁ ସକଳ ନବୀନ ।
ଏସବୁ ଦେଖିଲି ମୁହିଁ ଶ୍ରୀହରି କୃପାରୁ
ସେ ପ୍ରଭୁ ଜୀବନେ ମୋତେ ବଞ୍ଚାଇ ଥିବାରୁ ।
ଏହା କହି ନୃପବର ରହେ ସନ୍ତୋଷରେ
ବିଚାରେ ପ୍ରଳୟକୁ ତ ଦେଖିଲେ ନେତ୍ରରେ ।
ଏବେ ପୁଣିହିଁ ଦେଖିବି ନୂତନ ସୃଜନ
ଏତେ ବୋଲି କରିଲା ଯେ ଶ୍ରୀହରି କୀର୍ତ୍ତନ ।
ବ୍ରହ୍ମା ବିଚାରିଣ ଥିଲେ ଯାଉଁ ଯାଉଁ ପଥେ
ଆନ ବ୍ରହ୍ମା ପ୍ରାୟ ମଣି ଭୟ ଥିଲେ ଚିତ୍ତେ
ସେ ଭୟ ମନରୁ ଏବେ ହୋଇଲା ଅନ୍ତର
ଏହା ବିଚାରି ସନ୍ତୋଷ ହେଲେ ବେଦବର ।
ଏଥୁ ଅନନ୍ତରେ ତୁମ୍ଭେ ଶୁଣ ଦଣ୍ଡଧାରୀ
ଆଦିଶକ୍ତିରୁ ପରମ ଜାତକଲେ ନାରୀ ।
ପଞ୍ଚଦଶ ଗୋଟି କନ୍ୟା ତ୍ରୈଲୋକ୍ୟମୋହିନୀ
ଭୂଷଣେ ଭୂଷିତ ହୋଇ ଦିଶନ୍ତି ଶୋଭିନୀ ।
ଅନାଦି ନାରାୟଣଙ୍କ ଛାମୁରେ ମିଳିଲେ
ଯୋଗବଳେ ମହାପ୍ରଭୁ ସକଳ ଜାଣିଲେ ।
ଦକ୍ଷ ପ୍ରଜାପତିକି ଯେ ବୋଲନ୍ତି ଅନାଇ
ଏ କନ୍ୟାମାନଙ୍କୁ ଏବେ ସମ୍ଭାଳ ତୁ ନେଇ ।
ତୋତେ ବିବାହ ହେଉନ୍ତୁ ଏ ସକଳ ନାରୀ
ବହୁତ ଦୁହିତା ଜାତ ହୋଇବ ଯାଙ୍କରି ।
ଦେବତାଙ୍କୁ ସେହି କନ୍ୟା କରିବୁ ପ୍ରଦାନ
ଏଥିରେ କଦାଚ ଆଉ ନ ହୋଇବ ଆନ ।
କନ୍ୟାଙ୍କୁ ଚାହିଁ ଅନାଦି ବଚନ ବୋଲନ୍ତି
ଏ ଦକ୍ଷ ପ୍ରଜାପତିକି ବର ଗୋ ଯୁବତୀ ।
ତକ୍ଷଣେ ସେ ଯୁବତୀଏ ରତ୍ନମାଳା ଘେନି
ଦକ୍ଷକୁ ବରିଲେ ସର୍ବେ ପ୍ରଭୁ କଥା ମାନି ।
ଦେଖିଣ ଆନନ୍ଦ ହେଲା ଦକ୍ଷବ୍ରହ୍ମା ମନ
ଯୁବତୀମାନେ ରହିଲେ ତାଙ୍କ ସନ୍ନିଧାନ ।
ନରପତି ପଚାରିଲେ ଶୁଣ ବ୍ରହ୍ମା ମୁନି
ପୃଥ୍ୱୀକି ସୃଜି ବୁଲନ୍ତି ଆଦି ଗୋସାମଣି
ସେ ପଞ୍ଚଶତ କନ୍ୟାକୁ କିଏ କଲା ଜାତ
ଏହା ସଂକ୍ଷେପିଣ ମୋତେ କୁହ ବ୍ରହ୍ମାସୁତ
ମୁନି କହନ୍ତି ପରମଲୋକୁ ହେଲେ ଜନ୍ମ
ଯହିଁ ଲୀନ ହୋଇଛନ୍ତି ଏହି ତ୍ରିଭୁବନ ।
ମୁନି ବୋଲନ୍ତି ପରମ ଲୋକ ଅଟେ ଯେହୁ
ଆଦିଶକ୍ତି ଅର୍ଦ୍ଧ ମାତ୍ରା ଅଟନ୍ତି ଯେ ତହୁଁ ।
ତହୁଁ ମୂର୍ତ୍ତିମନ୍ତ ହୋଇ ଦୁର୍ଗା ହେବେ ଜାତ
ସେ ପରମ ଲୋକ ଶୂନ୍ୟ ନୁହେଁ ନରନାଥ ।
କୋଟିଏ କୋଟିଏ ନାରୀ ତହୁଁ ହେବେ ଜନ୍ମ
ଅସଂଖ୍ୟ ପୁରୁଷ ମଧ ହେବେ ଉତପନ୍ନ ।
ଆଦ୍ୟହୁଁ ଭିଆଣ ସିନା ସ୍ତ୍ରୀଲିଙ୍ଗ ପୁଲିଙ୍ଗ
ସେ ନିତ୍ୟସ୍ଥଳି କେଭେହେଁ ନ ହୁଅଇ ଭଙ୍ଗ
ପୁରୁଷ ଅଙ୍ଗୁ ପୁରୁଷ ଜାତ କରାଇଲା
ସ୍ତ୍ରୀ ଅଙ୍ଗରୁ ସ୍ତିରୀ ଜନ୍ମି ସଂସାର ସୃଜିଲା ।
ଏଥିକି ସଂଶୟ ଚିତ୍ତ ନୁହ ନୃପବର
ଯାହାଙ୍କର କଳେବର ପୁରିଛି ସଂସାର ।
ସମୁଦ୍ରପାଣି ବାହିଲେ ତାହା କି ଶୁଖଇ
ନଦୀମାନେ ପଶିଲେ କି ଉଛୁଳି ପଡ଼ଇ ।
ସେହି ପରକାରେ ପରା ନାରାୟଣ ଗତି
ସେ ନାଶେ ସାଜେ ପରମ ଲୋକ ଯାରସ୍ଥିତି
ତାହା ଶୁଣିଣ ସନ୍ତୋଷ ହେଲେ ନୃପବର
ମସ୍ତକ ଉପରେ ଯୋଡ଼େ ନେଇ ବେନିକର ।
ନାରାୟଣଙ୍କ ଅଭୟ ଚରଣ କମଳ
ଶରଣ ପଶଇ ନିତ୍ୟ ବିପ୍ର କାମପାଳ ।
ଇତି ଶ୍ରୀ ମତ୍ସ୍ୟପୁରାଣେ ନାରଦ ଇନ୍ଦ୍ରଦ୍ୟୁମ୍ନ
ସମ୍ବାଦେସୃଷ୍ଟିରଚନା ବର୍ଣ୍ଣନଂନାମଷଷ୍ଠୋଽଧ୍ୟାୟ

Digitized by srujanika@gmail.com

ସପ୍ତମ ଅଧ୍ୟାୟ

ନାରାୟଣ ଓ ଶେଷଦେବଙ୍କର ବାଦବିସମ୍ବାଦ ଓ ନାନାକଥା

ରାଜା କହିଲେ କହିଲ ସୃଷ୍ଟି ପ୍ରକରଣ
ବ୍ରହ୍ମା କେବଣ ଚରିତ କହିଲେ ଯେ ପୁଣ ।
କହ ଆହେ ବ୍ରହ୍ମ ମୁନି ଶୁଣିବି ଚରିତ
କେମନ୍ତ କରିଣ ସେହୁ ରଚିଲେ ଜଗତ ।
କହନ୍ତି ମୁନି ହେ ରାଜା ଶୁଣ ମନ ହେଜି
ବ୍ରହ୍ମା ବିଷ୍ଣୁ ରୁଦ୍ର ଦୁର୍ଗା ଗଲେ ସୃଷ୍ଟି ସୃଜି
ପ୍ରବେଶ ହେଲେ ସମସ୍ତେ ମେରୁ ସନ୍ନିଧାନ
ବିଶ୍ୱକର୍ମାଙ୍କୁ ବୋଇଲେ ଚତୁର ବଦନ ।
ଏକ ସ୍ୱର୍ଗପୁର ରଚ ଏହାର ଉପରେ
ରଚଇ ସେ ବିଶ୍ୱକର୍ମା ବ୍ରହ୍ମାଙ୍କ ଆଜ୍ଞାରେ ।
ଭୂବଲୋକ ଆଗକରି ରଚେ ବିଶ୍ୱକର୍ମା
ସ୍ୱର୍ଗଲୋକ ପୂର୍ବପରି ରଚିଲା ମହାତ୍ମା ।
ମହର୍ଲ୍ଲୋକ ଜନଲୋକ କଲାକ ନିର୍ମାଣ
ତପ ସତ୍ୟ ଗୋଲକକୁ କରିଲା ଭିଆଣ
ଧ୍ରୁବ ବିଷ୍ଣୁ ଶିବଲୋକ ବ୍ରହ୍ମାପୁର ଆଦି
ସମସ୍ତ ପୁରମାନଙ୍କୁ ଆଣିଲା ସମ୍ପାଦି ।
ପୂର୍ବରେ ଥିଲା ସମସ୍ତ ଯେମନ୍ତ ବିଧାନ
ସେ ଅନୁକ୍ରମେ ସୃଜିଲା ସେହି ପୁରମାନ ।
ଚନ୍ଦ୍ର ସୂର୍ଯ୍ୟ ପରକାରେ ବିରାଜନ୍ତି ତେଜ
ରତ୍ନମୟ ପୁରମାନ ଶୁଣ ମହାରାଜ ।
ଗତ ଭୁବନ ଅନାଦି ନିକଟକୁ ଗଲେ
ତକ୍ଷଣେ ଭେଟିଣ ତାଙ୍କୁ ନମସ୍କାର କଲେ ।
କର ଯୋଡ଼ିଣ କହନ୍ତି ନାରାୟଣ ଶୁଣ ।
ଚଉଦ ବ୍ରହ୍ମାଣ୍ଡ ଏବେ ହୋଇଲା ଭିଆଣ ।
ତାହା ଶୁଣି ନାରାୟଣ ସନ୍ତୋଷ ହୋଇଲେ
ବ୍ରହ୍ମାଙ୍କୁ ଅନେକମତେ ଗଉରବ କଲେ ।
ବିରାଟ ବୋଇଲେ ମୁହିଁ କରିଲି ସଂସାର
ଶୁଣି ବ୍ରହ୍ମାଙ୍କୁ ଗୌରବ କଲେ ଚକ୍ରଧର ।
ଶେଷ ବୋଇଲେ ତୋ ଦ୍ୱାରା କିଛି ନୁହେଁକରି
ବ୍ରହ୍ମାଣ୍ଡ ସୃଜିଛି ଜାଣ ଏକା କୁଶଧାରୀ ।
ବିରାଟ ବୋଲେ ନ ଜାଣୁ କିଛି ଶେଷଧର
ବ୍ରହ୍ମାଣ୍ଡ ତ ପୁରିଅଛି ମୋହର ଗର୍ଭର ।
ମନକଲେ କୋଟି ପୃଥ୍ୱୀ ପାରଇ ମୁଁ କରି
କାହିଁକି ନ ପାରି କଥା କହୁ ଆଗ ସରି ।
ଶେଷ ବୋଇଲେ ପେଟରେ ରଖିଅଛୁ ବହି
ଏକଥା ମନକୁ ମୋର କେଭେ ନ ଆସଇ ।
ଯେବେ ଅଛି ଦେଖିବି ମୁଁ ବିସ୍ତାର ତୋ ତୁଣ୍ଡ
ଦେଖିବା ଗର୍ଭରେ କେତେ ରଖିଛୁ ବ୍ରହ୍ମାଣ୍ଡ ।
ତୁଣ୍ଡ ମେଲାନ୍ତେ ଦେଖିଲେ ପୃଥ୍ୱୀ ଅଛି ରହି
ପୃଥ୍ୱୀ ଆପ ତେଜ ବାୟୁ ସର୍ବ ଆଦି ହୋଇ ।
ସାଗର ଅଷ୍ଟଗିରି ଯେ ମେରୁର ସହିତେ
ଚରାଚର ଆଦିକରି ଦେଖିଲେ ସେ ନେତ୍ରେ ।
ଚନ୍ଦ୍ରସୂର୍ଯ୍ୟ ଧନପତି ବରୁଣ ନୈରତ
ବ୍ରହ୍ମା ରୁଦ୍ର ବହ୍ନି ବେଦ ଆଦି ପଦ୍ମନେତ୍ର ।
ନିଜେ ଶେଷଦେବ ପୁଣି ରହିଛନ୍ତି ତହିଁ
ପରମଲୋକ ଦୁର୍ଗା ଯେ ଆଦିଶକ୍ତି ହୋଇ ।
ବାୟୁ ଆକାଶ ନକ୍ଷତ୍ର ସବୁ ଦେବଗଣ
ନାଗ ମନୁଷ୍ୟ ଆବର ଚଉଦ ଭୁବନ ।
ବନ ଗିରି ଲତା ତହିଁ ଅଛନ୍ତି ବହୁତ
ମୃଗଆଦି ନାନା ଜୀବ କ୍ରୀଡ଼ନ୍ତି ସମସ୍ତ ।
ଦେଖିଣ ଯେ ଶେଷଦେବ କୋପେ ପରଚଣ୍ଡ
ବୋଇଲେ ଗର୍ଭରେ ସିନା ଧରିଛ ବ୍ରହ୍ମାଣ୍ଡ ।
କର୍ଣ୍ଣରେ ପୃଥିବୀ ମୁହିଁ ପାରିବଇଁ ଧରି
ତାଙ୍କ ବଚନେ କହନ୍ତି ଦେବ ଗଦାଧାରୀ ।
ମୋର ଗର୍ଭରେ ପୃଥ୍ୱୀବୀ ଅଛି ସବୁକାଳେ
ସବୁକାଳେ ଧରିବୁ କି ତୋର କର୍ଣ୍ଣବିଳେ ।
ଭରିଦେଉ କାଢ଼ି ପୁଣି ଥୋଇବୁ ଯେମନ୍ତେ
ତେବେ ସିନା ଜାଣ ତୁହି ହେବୁ ସାମରଥ ।
ଶେଷ ବୋଇଲେ ମୋ କର୍ଣ୍ଣେ ଥିବ ସବୁକାଳ
ତୋ ଗର୍ଭରେ ଯେତେକାଳ ଥିବ ଆଦିମୂଳ ।
ତାହା ଶୁଣି ନାରାୟଣ ମଉନ ହୋଇଲେ
ଦେଖିବା ଦେଖି ଭାଇରେ ବୋଲିଣ କହିଲେ
ତାହାଙ୍କର ବଚନରେ ବିଶ୍ୱରୂପ ଧାରୀ
ପାଞ୍ଚଶତ କୋଟି ପୃଥ୍ୱୀ ଆଣିଲେ ଓଟାରି ।
ମହାଘୋର ବିଶ୍ୱରୂପ ଲୁଚିଲା ଗଗନ
ପୃଥ୍ୱୀକି ସବୁ ଦିଶିଲା ମୁଦ୍ରିକା ସମାନ ।
କୁଣ୍ଡଳ ପରାୟେ କରି ଭରିଲେ କର୍ଣ୍ଣରେ
ଶ୍ରୀ ନାରାୟଣ ଚକିତ ହୋଇଲେ ଅନ୍ତରେ ।

Digitized by srujanika@gmail.com

ଅନାଦି ବୋଇଲେ ତୁହି କଲୁ ଏଡ଼େ କର୍ମ
ବ୍ରାହ୍ମଣମାନଙ୍କୁ ନେଇ ଭରିଲୁ ତୁ କର୍ଣ୍ଣ ।
ପୁଣିହିଁ ବ୍ରହ୍ମାଣ୍ଡ ଆଉ ହୋଇବ କେମନ୍ତ
ତାହାଦେଖି ମହାଚିନ୍ତା କଲେ ଜଗନ୍ନାଥ ।
ଶୂନ୍ୟରେ କେବଳ ସର୍ବେ ଛନ୍ତି ଉଭାହୋଇ
ମହାଶୂନ୍ୟମୟ ଦିଶେ ପୃଥ୍ୱୀ ଆଉ ନାହିଁ ।
ରାଜା ପୁଚ୍ଛିଲେ କେମନ୍ତ କରିଲେ ସେ ପୃଥ୍ୱୀ
ଅଲୌକିକ କର୍ମ ମୁହିଁ ଶୁଣିଲଇଁ ଶ୍ରୁତି ।
ସତ୍ୟବ୍ରତ ରାଜା ତେବେ ଗଲା ପୁଣି କାହିଁ
ପୁଣି ପୃଥ୍ୱୀଜାତ କଥା କୁହ ହେ ଗୋସାଇଁ ।
ନାରଦ କହନ୍ତି ଶୁଣ ଆହେ ନୃପବର
ପୃଥ୍ୱୀ ଭରିଣ ସୁନ୍ଦର ଦିଶେ ଶେଷଧର ।
ସତ୍ୟବ୍ରତର ସହିତେ ଛନ୍ତି କର୍ଣ୍ଣବିଳେ
ପୁଣି ହିଁ ଅନ୍ୟ ସୃଷ୍ଟିକି ଭ୍ୟାଇଲେ ସକଳେ
ସତ୍ୟବ୍ରତକୁ ରଖିଲେ ନେଇ ତାର ସ୍ଥାନ
ସ୍ୱପ୍ନ ପରାୟେ ବିଚାର କରଇ ରାଜନ ।
ଶ୍ରୀହରି ବୋଲନ୍ତି ଦ୍ୱନ୍ଦେ ନାହିଁ ଅଭିଳାଷ
ପୁଣି ବ୍ରହ୍ମାଣ୍ଡ ହୋଇବ ପାଇବୁ ପରାସ ।
ଅନାଦି ବଚନ ଶୁଣି ସର୍ବେ ବୋଧ ହେଲେ
ପୁନରପି ବିଶ୍ୱକର୍ମା ବ୍ରହ୍ମାଣ୍ଡ ଗଢ଼ିଲେ ।
ରତ୍ନମୟ ପୁରମାନ ଦିଶଇ ଶୋଭନ
ସାବିତ୍ରୀ ଦେଖି ଭାଷନ୍ତି ପ୍ରଭୁ ଭଗବାନ ।
ସାବିତ୍ରୀ କନ୍ୟାକୁ ଦକ୍ଷ ପାଶେ ଦେଇଛନ୍ତି
ଦକ୍ଷକୁ ଚାହିଁଣ ତହୁଁ ଅନାଦି ବୋଲନ୍ତି ।
ଏହି କନ୍ୟାକୁ ଆମ୍ଭେଯେ ଦେଇଥିଲୁଁ ତୋତେ
ବେଦ ବ୍ରହ୍ମାକୁ ଏହାକୁ ପ୍ରଦାନ ନିମନ୍ତେ ।
ଏବେ ବ୍ରହ୍ମାଙ୍କୁ ବେଗରେ ପ୍ରଦାନ ତୁ କର
ଏହାର ତୁ ହେଲୁ ଜାଣ ଧରମ ପିଅର ।
ପ୍ରଭୁଙ୍କ ଆଜ୍ଞାରେ ଦକ୍ଷ ସନ୍ତୋଷ ହୋଇଲା
ତାହାଶୁଣି ବେଦବ୍ରହ୍ମା ବିଷ୍ଣୁଙ୍କୁ ପୁଚ୍ଛିଲା ।
ଆଗରୁ ସାବିତ୍ରୀ କନ୍ୟା ଥିଲା ମୋର ଠାଇଁ
କିମ୍ପାଇଁ ତାହାକୁ ନେଇ ଆହେ ଭାବଗ୍ରାହୀ ।
ଏବେ ଯେ କନ୍ୟା ଉପରେ ହେଲା ତାଙ୍କ ପଣ
ସେହୁ ଦେଲେ ଆମ୍ଭେ ସିନା କରିବୁ ଗ୍ରହଣ ।
ଅନାଦି ବୋଇଲେ କିଏ ଦେଲା ବେଦବର
ତୋ ସନ୍ନିଧେ ଥିବା ମାତ୍ର ହେଲା କି ତୋହର
ଏବେ ତୋର ଧର୍ମ ବାପ ଦକ୍ଷ ପ୍ରଜାପତି
ଧର୍ମ କରିଥିଲେ ପଛେ ପ୍ରବର୍ତ୍ତିବ ପୃଥ୍ୱୀ ।
ପଞ୍ଚଦଶ କନ୍ୟାକୁ ଯେ ସେହୁ ବିଭା ହେବେ
ଏ କନ୍ୟାକୁ ତୋତେ ସେହୁ ବିଭା କରିଦେବେ
ବ୍ରହ୍ମା ବୋଇଲେ ନିକଟେ ଅଛନ୍ତି ସେ ରହି
ସମସ୍ତ କନ୍ୟାମାନଙ୍କୁ ଆବୋରି ପକାଇ ।
କନ୍ୟା ଆବୋରିବାକୁ ଏ ଉତ୍ତମ ଜାଣନ୍ତି
ପୃଥ୍ୱୀ କରିବାକୁ ଆଉ ମନ ନ ବଳାନ୍ତି ।
ଦୁଇଗୋଟି ପୃଥ୍ୱୀକରି ପାଇଲଇଁ ପ୍ରାଣ
କନ୍ୟା ଦେଉଛନ୍ତି ଯାର କିଛି ନାହିଁ ଜାଣ ।
ଦକ୍ଷ ବୋଇଲେ ସୃଷ୍ଟି ମୁଁ ଭ୍ୟାଇଛି ବହୁତ
ତୋର ସଙ୍ଗେ ନ ଗଲାକୁ ନୋହିଲାକ ସତ ।
ସୃଷ୍ଟି ଜାତକୁ ଏହାଙ୍କୁ ଦେଲେ ପୀତବାସ
ମତେ ଅହଙ୍କାର କରି ତୁ କରିବୁ କିସ ।
ଅନାଦି ବୋଇଲେ ବୃଥା ଦ୍ୱନ୍ଦ କିମ୍ପା କଲ
ସେହି କନ୍ୟା ତୋହର ନୁହେଁ ବେଦବର ।
ଦକ୍ଷକୁ ବୋଇଲେ କନ୍ୟା ବ୍ରହ୍ମାଙ୍କୁ ଯେ ଦିଅ
ଆପଣେ ଆପଣେ କିମ୍ପା କଳହ ଲଗାଅ ।
ନାରାୟଣଙ୍କ ବଚନେ ଦକ୍ଷ ତୋଷ ହେଲେ
ସାବିତ୍ରୀର ହସ୍ତଧରି ବ୍ରହ୍ମାଙ୍କୁ ଅର୍ପିଲେ ।
ସରସ୍ୱତୀଙ୍କି ଅର୍ପିଲେ ନାରାୟଣ ପାଶ
ବୋଇଲେ ଏହାଙ୍କୁ ବିଭାକର ପୀତବାସ ।
ବ୍ରହ୍ମାଙ୍କୁ ବୋଇଲେ ଏହି ଗାୟତ୍ରୀକୁ ଜପ
ତ୍ରିପାଦ ଗାୟତ୍ରୀ ଏହୁ ଛାଡ଼େ ଘୋର ପାପ
ଚାରିବର୍ଣ୍ଣ ଜାତ ତୁମ୍ଭେ କର ଶିରୀପତି
ଏ କନ୍ୟାକୁ ବିଭାହେବେ ଦକ୍ଷ ପ୍ରଜାପତି ।
ବହୁ ନାରୀୟାଙ୍କଠାରୁ ହେବେ ଉତପନ୍ନ
ଦେବ କାଶ୍ୟପାଦିଙ୍କୁ ଏ କରିବ ପ୍ରଦାନ ।
ସଂସାର ପାଳିବ ବିଷ୍ଣୁ ଲାଗିଲାକ ତୋତେ
ଆଶା ରୂପରେ ରହିବୁ ସର୍ବ ହୃଦଗତେ ।
କ୍ଷୀର ସମୁଦ୍ରରେ ଯାଇ ରହ ଚକ୍ରଧର
ଚୌଦ ଭୁବନେ ବିହାର ହୋଇବ ତୋହର
ମୁହିଁ ଯେହୁ ତୁହି ଯେହୁ ଏଥେ ଭେଦ ନାହିଁ
କେହି କାହା ଅଗୋଚର ନୋହୁ ଯହିଁ ତହିଁ ।
ଏକରୂପ ଆମ୍ଭେମାନେ ଦୁହେଁ ନାରାୟଣ
ସଂସାର କରିବାକୁ ଯେ ନାନା ମୂର୍ତ୍ତି ଜାଣ ।

Digitized by srujanika@gmail.com

କହି ଅନାଦି ପ୍ରକୃତି ପରମକୁ ଗଲେ
ଇନ୍ଦ୍ରଦ୍ୟୁମ୍ନଙ୍କ ଆଗରେ ନାରଦ କହିଲେ ।
ପାଦ ପାଣି ଛାଡ଼ି ବିନ୍ଦୁ ରୂପରେ ରହିଲେ
ପୂର୍ବ ବିଧିରେ ଯେରୂପ ନିରଞ୍ଜନ ଥିଲେ ।
ରାଜା ପଚାରନ୍ତି ଆହେ ମୁନିବ୍ରହ୍ମା ଶୁଣ
ପରମ ଲୋକୁ ଗଲେ ଦୁର୍ଗା ନାରାୟଣ ।
ସେ ବଟପୁଟ ଗୋଟିକ ପୁଣି ଗଲା କାହିଁ
କିଅବା ସେହିଠାବରେ ସେହୁ ଅଛି ରହି ।
ବ୍ରହ୍ମା ବିଷ୍ଣୁ ପୁଣି ରୁଦ୍ର କରିଲେ କେମନ୍ତେ
ଏହି କଥା ଶୁଣିବାକୁ ଇଚ୍ଛା ତପୋବନ୍ତ
ଶୁଣି ନାରଦ ବୋଇଲେ ପୁଣି ଯିବ କାହିଁ
ପରମ ଲୋକର ବାଣୀ ତାହାଛନ୍ତି ଭ୍ୟାଇ ।
ନିତ୍ୟସ୍ଥଳର ସେ ବଟ ପୃଥ୍ୱୀରେ ପ୍ରକାଶ
ପ୍ରଳୟରେ ଥାଇ ସୃଷ୍ଟି ସୃଜେ ପୀତବାସ
ସେ ବଟପୁଟ ଗୋଟିକ କଳ୍ପେଯାଏ ଥିଲା
କର୍ମ ପ୍ରାୟ ହରି ନିଜ ସ୍ଥାନରେ ରହିଲା ।
ପରମ ଲୋକର ଗତି ପ୍ରାୟ ତାର ମତ
ସେ ବଟ ଗୋଟିକର କେ ଜାଣେ ଆଦିଅନ୍ତ
ସଂସାର ଜାତ କାଳରେ ସେ ଗୋପ୍ୟ ହୁଅଇ
ପ୍ରଳୟ ଜଳରେ ପୁଣି ପୁଟ ପ୍ରକାଶଇ ।
ସେ ପୁଟ ଗୋଟିକ ରାଜା ସ୍ୱୟଂ ନାରାୟଣ
ପରମ ସ୍ୱାମୀ ତାହା ମୁଁ କରିଛି ଭିଆଣ ।
ନାରାୟଣ ପ୍ରାୟେ ନାନା ମୂରତି ବହଇ
କୋଟି କୋଟି କରିଣ ସେ ଓହଳ ମେଲଇ ।
ପ୍ରଳୟ ଜଳରେ ସେହୁ ହୋଇଲା ପ୍ରକାଶ
ତହିଁ ପରେ ଥାଇ ସୃଷ୍ଟି କଲେ ପୀତବାସ
ସେହୁ ଏହାକୁ ଜାଣଇ ତାହାକୁ ନ ଜାଣି
ଜନ କଳି ନ ପାରଇ ଯେହ୍ନେ ସିନ୍ଧୁ ପାଣି
କିଏ ସେ କହି ପାରିବ ସେ ପୁଟ ମହିମା
ତାର ଚରିତକୁ ଜାଣି ନ ପାରିଲେ ବ୍ରହ୍ମା ।
ଅଷ୍ଟଗୋଟି ତରୁ ତହୁଁ ହୋଇଲାକ ପୁଣି
ପରମ ଲୋକର କଥା ଶୁଣ ନୃପମଣି ।
ରୁଦ୍ରଦେବ ଅବା ତାହା ଅଳପ ଜାଣଇ
ବ୍ରହ୍ମା ଗଲେ ସେ ପୁରକୁ ବଣା ଯେ ହୁଅଇ
ତାଙ୍କ ପୁତ୍ର ଯେବେ ସେହି ଭୁବନେ ଗମନ୍ତି
ଆଦି ଅନ୍ତ ମଧ କିଛି ଜାଣି ନ ପାରନ୍ତି ।

ପରମ ଲୋକର ଦ୍ୱାର କରନ୍ତି ଦର୍ଶନ
ବାହୁଡ଼ନ୍ତି ନ ଦେଖନ୍ତି ତାଙ୍କ ଚିହ୍ନବର୍ଣ୍ଣ ।
ଦ୍ୱାରେ ଥିବାର ଲୋକକୁ ଅନ୍ଧାର ଦିଶଇ
ଭିତରେ ଗୋଟିଏ ସୂର୍ଯ୍ୟ ତେଜ ପ୍ରକାଶଇ ।
ଉତ୍ତରେ ପଶିବା କେହି ନୁହନ୍ତି ଭାଜନ
ଅକ୍ଷୟ ନିରଞ୍ଜନ ସେ ନାହିଁ ରୂପବର୍ଣ୍ଣ ।
ସେହିଟି ମହାରାଜା ହେ ନିତ୍ୟ ବୋଲି କହି
ଆବର ତାହାର ନାମ ପରମ ବୋଲାଇ ।
ପୁର ତଳରେ ରହିଛି ସୈନ୍ୟ ପଦ୍ମଦଳ
ସହସ୍ରେ ପାଖୁଡ଼ା ତାର ଶୁଣ ମହୀପାଳ ।
ସହସ୍ର ଯୋଜନ ଅଟେ ସେହି ପଦ୍ମଗୋଟି
ନୀଳମଣ୍ଡଳ ପରାୟେ ଉର୍ଦ୍ଧ୍ୱେ ଅଛି ଘୋଟି ।
ନୀଳମଣ୍ଡଳ ଉର୍ଦ୍ଧ୍ୱେ ପରମ ଜ୍ୟୋତି ତନୁ
ନୀଳମେଘରେ ଯେସନେ ଶୋଭେ ଇନ୍ଦ୍ରଧନୁ ।
ତହିଁ ଉପରେ ପୁଣିହିଁ ଶୁକ୍ଳବର୍ଣ୍ଣ ତେଜ
ସୂର୍ଯ୍ୟମଣ୍ଡଳ ପରାୟେ ଶୋଭିତ ତା ଧ୍ୱଜ ।
ନିରାକାରରୂପୀ ସେହି ସାକ୍ଷୀରୂପେ ଥାଇ
ତାହାର ଶରୀର ଜାଣ ଶୂନ୍ୟ ଜନମଇ ।
ଏମନ୍ତ ମଣ୍ଡିଣ ହୋଇଛନ୍ତି ନାନାବର୍ଣ୍ଣ
ଅଖଣ୍ଡ ମଣ୍ଡଳରେ ଯେ ବିଜେ ନିରଞ୍ଜନ ।
ସେହି ପୁରୁଷଙ୍କୁ ରାଜା ଦେଖିବ ବା କେହୁ
ବ୍ରହ୍ମବିନ୍ଦୁ ମଣ୍ଡଳର ବ୍ରହ୍ମ ପୁଣି ସେହୁ ।
ଏହି ଚରିତ ଶୁଣିବ ଯେହୁ ନିତି ଶ୍ରୁତି
ସେହି ଏହି ମଣ୍ଡଳରେ କରିବାକ ସ୍ଥିତି ।
ବ୍ରହ୍ମହତ୍ୟା ଗୋରୁହତ୍ୟା ଅନ୍ୟ ପାପମାନ
ନିତିପ୍ରତି ଶୁଣୁଥିଲେ ହୋଇବ ଦହନ ।
ଏହାକୁ ବୁଝି ଭାବିଲେ ମୁକ୍ତି ଏଥେ ଅଛି
ନିନ୍ଦା କଲେ ନର୍କେ ଯିବ ନିଶ୍ଚୟ କହୁଛି ।
ତହିଁଅନ୍ତେ ପୁଣି ପଙ୍ଗୁରୂପେ ହେବ ଜାତ
ଯହିଁ ଜନ୍ମିବ ନ ଶୁଣ ତାହା କର୍ଣ୍ଣପଥ ।
ଏମନ୍ତେ ସାତଜନମ ହେବ ନର୍କଭୋଗ
ମରିବାକାଳେ ଭୋଗିବ ଏହି ପାପ ଯୋଗ ।
ଏ ବିଷ୍ଣୁ ପୁରାଣ ପଥେ ଗମିବେ ଭକତେ
ମୂଢ଼କୁ ଅନ୍ଧାର ଏହୁ ଜାଣିବ କେମନ୍ତେ ।
ମୁହିଁ ଅଟେ ମୂର୍ଖଲୋକ ନ ଜାଣଇ କିଛି
ହୃଦୟରେ ଯେହୁ ଅଛି ସେହୁତ କହୁଛି ।

Digitized by srujanika@gmail.com

ହେ ପଣ୍ଡିତ ଜନମାନେ ନ ଧରିବ ଦୋଷ
ନାରାୟଣଙ୍କ ଶରଣ କାମପାଳ ଦାସ ।
ଇତି ଶ୍ରୀ ମତ୍ସ୍ୟପୁରାଣେ ନାରଦ ଇନ୍ଦ୍ରଦ୍ୟୁମ୍ନ
ସମ୍ବାଦେ ନାରାୟଣ ଶେଷଦେବୟୋଃ
ପରସ୍ପର ମାହାତ୍ମ୍ୟ କୀର୍ତ୍ତନ
ନାମ ସପ୍ତମୋଽଧ୍ୟାୟଃ ।

ଅଷ୍ଟମ ଅଧ୍ୟାୟ

ଦକ୍ଷ ପ୍ରଜାପତିଙ୍କ ବିବରଣ

କହୁଛନ୍ତି ମହାମୁନି ଶୁଣ ଦଣ୍ଡଧାରୀ
ସାତଦ୍ୱୀପ କରି ବ୍ରହ୍ମା ବହେ ବସୁନ୍ଧରୀ ।
ସପତ ଦ୍ୱୀପକୁ ସାତ ସମୁଦ୍ର ବେଢ଼ିଲା
ଦ୍ୱୀପ ଗୋଟିକେ ସମୁଦ୍ର ଏକ ଏକ କଲା ।
ଦକ୍ଷିଣେ ରହିଲା ଲୁଣ ଯେ ସମୁଦ୍ର ଗୋଟି
ଦୁଇଲକ୍ଷ ଯୋଜନ ଯେ ରହିଅଛି ଘୋଟି ।
ଇକ୍ଷୁ ସିନ୍ଧୁ ଚାରିଲକ୍ଷ ଯୂଣ ଯହୁଁ ବଢ଼ା
ସୁର ସିନ୍ଧୁ ଆଠଲକ୍ଷ ଯୂଣ ଯହୁଁ ବଢ଼ା ।
ଘୃତ ସମୁଦ୍ର ଦ୍ୱାଦଶ ଲକ୍ଷ ଯେ ଯୋଜନ
ଦୁଗ୍ଧ ସମୁଦ୍ର ଯେ ଷୋଳଲକ୍ଷ ବିଦ୍ୟମାନ ।
ଜଳ ସମୁଦ୍ର ଉତ୍ତର ଦିଗରେ ଅଛଇ
ଚବିଶ ଲକ୍ଷ ଯୋଜନ ଆୟତନ ହୋଇ ।
ମଧୁ ସମୁଦ୍ର ଦିଶଇ ମଧୁପ୍ରାୟ ବର୍ଣ୍ଣ
ପୂର୍ବଦିଗେ ରହେ ଅଷ୍ଟାବିଂଶ ଯେ ଯୋଜନ ।
ବଳୟ ପ୍ରାୟ ପୃଥ୍ୱୀକି ରହିଛନ୍ତି ବେଢ଼ି
ସମୁଦ୍ରକୁ ସମୁଦ୍ର ଯେ ନାହିଁ ଛଡ଼ାଛଡ଼ି ।
ଜମ୍ବୁଦ୍ୱୀପ ଶାକଦ୍ୱୀପ କ୍ରୌଞ୍ଚଦ୍ୱୀପ ହୋଇ
କୁଞ୍ଜଦ୍ୱୀପ ଆବରହିଁ ଶୌଳଦ୍ୱୀପା ମହୀ ।
କରଞ୍ଜିକା ଦ୍ୱୀପ ପୁଣି କୁଶଦ୍ୱୀପା ମହୀ
ବେଢ଼ିଛି ଜଳ ଭାସନ୍ତି ସୋଲ ପ୍ରାୟ ହୋଇ
ଦ୍ୱୀପକେ ଅନେକ ଦେଶ ତହିଁରେ ଅଛଇ
ପାଞ୍ଚଶ କୋଟି ପୃଥିବୀ କେ ପାରିବ କହି ।
ଏଥୁ ଅନନ୍ତରେ ଶୁଣ ଆହେ ନରନାଥ
ବସନ୍ତ ଋତୁକୁ ଶୁଣ ବିଷ୍ଣୁ କଲେ ଜାତ ।
ଆବର ପାଞ୍ଚଋତୁକୁ କଲେ ଉତପନ୍ନ
ଅକାଶକୁ ଚାହିଁଦେଲେ ପୁଣି ନାରାୟଣ ।
ତକ୍ଷଣେ ଜାତ ହୋଇଲା ନକ୍ଷତ୍ରାଦି ଲୋକ
ଗଙ୍ଗାନଦୀ ଯାତକଲେ ତ୍ରିଲୋକନାୟକ ।
ବିଷ୍ଣୁପାଦ ନଖକୋଣୁ ଜାତ ଗଙ୍ଗାନଦୀ
ବହଇ ସେ ମହାଜଳ ମେରୁଗିରି ଭେଦି ।
ବ୍ରହ୍ମା କଳ୍ପନାରୁ ତରୁ ସର୍ବ ହେଲେ ଜାତ
ନାନା ପୁଷ୍ପମାନ ହେଲେ ତହିଁରୁ ସମ୍ଭୂତ ।
ଆମ୍ବ ପଣସ ନଡ଼ିଆ ବେଲ ବୃକ୍ଷମାନ
ପୃଥିବୀରେ ପରବତ କଲେ ଉତପନ୍ନ ।
ବନଗିରି ଲତାମାନ ହୋଇଲାକ ଜାତ
ତହୁଁ ନାନା ଫଳପୁଷ୍ପ ହେଲେ ବିକଶିତ ।
ଆବର ଅଷ୍ଟଗିରିକି କରିଛନ୍ତି ଜାତ
ପୂର୍ବରେ ଯେ ଲୋକାଲୋକ ଅସ୍ତଗିରି ସ୍ଥିତ ।
ଦକ୍ଷିଣରେ ନୀଳଗିରି ପଶ୍ଚିମେ ମନ୍ଦର
ରତ୍ନଗିରି ହେମବନ୍ତ ଅଟଇ ଉତ୍ତର ।
ଆବର ପଶ୍ଚିମେ ଗନ୍ଧମାର୍ଦ୍ଦନ ଅଛଇ
ବହୁଗିରି ମେରୁପାଶେ ପୁଣ ଛନ୍ତି ରହି ।
ଏମନ୍ତେ ଅନେକ ଗିରି କରିଲାକ ଜାତ
ତୃଣ ଆଦି ପୃଥିବୀରୁ ହୋଇଲା ସମ୍ଭୂତ ।
ତହୁଁ ଡ଼ିମ୍ୱେକ କଳ୍ପଣା କଲେ ପ୍ରଜାପତି
ଚୌଦକୋଟି ଉଡ଼ା ତହୁଁ ହେଲେ ଉତପତ୍ତି
ଜଳଚରମାନେ ତହୁଁ ଜନ୍ତୁ ହେଲେ ଯାତ
ମୃଗ ଶମ୍ବର ଗୟଳ ଗଣ୍ଡା ଯେ ବହୁତ ।
ସୃଷ୍ଟି ସୃଜିଣ ଚଳନ୍ତି ଦେବ ପ୍ରଜାପତି ।
ପୃଥିବୀରୁ ନାନାଯନ୍ତୁ ହେଲେ ଉତପତ୍ତି ।
ତାହା ଦେଖିଣ ହରଷ ହେଲେ କୁଶପାଣି
ନାନା ଜୀବଯନ୍ତୁ ଦ୍ୱାରା ପୁରିଲା ଧରଣି ।
ତହୁଁ ବିଷ୍ଣୁଙ୍କଠାରୁ ଚାରିବର୍ଣ୍ଣ ଯାତ
ତୁଣ୍ଡରୁ ବ୍ରାହ୍ମଣମାନେ ହୋଇଲେ ସମ୍ଭୂତ ।
ଭୁଜରୁ ଯାତ ହୋଇଲେ ନରପତିମାନ
ସୋମରାଜା ଭୃଙ୍ଗରାଜା ହେଲେ ଉତପନ୍ନ ।
ଧର୍ମାରାଜା ବେଙ୍ଗରାଜା ହୋଇଲେ ସମ୍ଭୂତ
ମହାଘୋର ତେଜୋମୟ ଦିଶେ ତାଙ୍କ ଗାତ୍ର ।
ଯାନୁର ଯେ ବୈଶ୍ୟମାନେ ହେଲେ ଉତପନ୍ନ
ପାଦରୁ ଜନ୍ମ ହୋଇଲେ ଶୂଦ୍ରମାନେ ଜାଣ
ଆମ୍ଭଙ୍କୁ ରାଇଣ ଆଜ୍ଞା ଦେଲେ ନାରାୟଣ.
ସେ ସତ୍ୟବ୍ରତ ରାଜାକୁ ଆଣ ଯା ବହନ ।

Digitized by srujanika@gmail.com

ତକ୍ଷଣେ ଯାଇଁ ତାହାଙ୍କୁ ଆଣିଲୁ ହକାରି
କୃତାଞ୍ଜଳି ହୋଇ ଆସି ମିଳେ ଦଣ୍ଡଧାରୀ ।
ସମସ୍ତଙ୍କ ଚରଣରେ କଲା ନମସ୍କାର
ଅନେକ ଗୌରବ ତାଙ୍କୁ କଲେ ଚକ୍ରଧର ।
ବ୍ରହ୍ମା ସହିତେ ଅଛନ୍ତି ପ୍ରଭୁ ନାରାୟଣ
ଆବର ଅଛନ୍ତି ଯେତେ ହୋଇଛନ୍ତି ଜନ୍ମ ।
ସ୍ୱର୍ଗ ଭୁବନକୁ ବୋଲ ସକଳେ ଚଳିଲେ
ସୁଧର୍ମା ସଭା ମଧରେ ଯାଇଣ ମିଳିଲେ ।
ଦେଖନ୍ତି ସୁଧର୍ମାସଭା ଦିଶେ ବଡ଼ ଶୋଭା
ପ୍ରଭାତେ ଦିଶଇ ଯେହ୍ନେ ସୂର୍ଯ୍ୟଙ୍କର ପ୍ରଭା ।
ଯୋଜନେକ ଆୟତନ ସେହି ସଭାଗୋଟି
ଅଷ୍ଟରତ୍ନ-ପୁତ୍ତଳୀ ଲାଗିଛି କୋଟି କୋଟି ।
ଶତେକ ଖମ୍ଭ ରଚିତ ନାନା ବର୍ଣ୍ଣ ରତ୍ନ
ରୂପା ସୁବର୍ଣ୍ଣରେ ସେହୁ ଦିଶେ ଅତି ଯତ୍ନ ।
ଉପରରେ କରିଅଛି ସୁବର୍ଣ୍ଣ ଛାଉଣି
ପୁଞ୍ଜ ମୁକତା ଝୁଲଇ ତାରାଗଣ ଜିଣି ।
ଉପରରେ ପଞ୍ଚମୁଖ କଳସ ସୁବର୍ଣ୍ଣ
ଶତେକ ପାବଛ ପୁଣି ତହିଁ ଶୋଭାବନ ।
ସୁବର୍ଣ୍ଣର ପହଣ୍ଡ ଯେ ବନ୍ଧା ଚଉକତି
ମଣିମୟ ଶୋରା ସେହି ବେଦିରତ୍ନ ଜ୍ୟୋତି ।
ସୁବର୍ଣ୍ଣର ରୁଅ ତହିଁ ସୁବର୍ଣ୍ଣର ଶ୍ରେଣୀ
ହୀରାର ପୁଞ୍ଜ ପିତୁଳା ହୋଇଛି ମଣ୍ଡଣି ।
ସଭା ଗୃହ ଦେଖି ସର୍ବେ ସନ୍ତୋଷ ହୁଅନ୍ତି
ସାଧୁ ବିଶ୍ୱକର୍ମା ବୋଲି ପ୍ରଶଂସା କରିନ୍ତି ।
ସେଠାରେ ବିଶ୍ରାମ କରି ଚଳିଲେ ତକ୍ଷଣ
ସ୍ୱର୍ଗସ୍ଥଳିଯାକ ସବୁ ଦେଖନ୍ତି ଭ୍ରମିଣ ।
ରତ୍ନମୟ ପୁରଯାକ ଦିଶେ ଜ୍ୟୋତିପୂର୍ଣ୍ଣ
ଦେଖନ୍ତି ଯେ ବ୍ରହ୍ମା ବିଷ୍ଣୁ ସର୍ବ ଋଷିଗଣ
କଳ୍ପଲତା କଳ୍ପତରୁ ଅଛି ସର୍ବ ବିଧି
ଗତାଗତ ଭିଆଣ ଯେ ତହିଁ ସର୍ବ ସିଦ୍ଧି ।
ବାହିକ ଲକ୍ଷେ ଯୋଜନ ଅଛି ପୁଷ୍କରିଣୀ
ସୁବର୍ଣ୍ଣର ହୁଡ଼ା ସେହୁ ହୀରାରେ ଭସାଣି ।
ଚାରି ବାହିର ପାବଛ ନାନା ବର୍ଣ୍ଣ ରତ୍ନେ
ଗତାଗତ ଭିଆଇଛି ବିଧାତା ତା ଯତ୍ନେ ।
ନନ୍ଦନବନ ଦିଶଇ ଅତି ଶୋଭାବନ
ଫଳ ପୁଷ୍ପେ ନତ ବହେ ବସନ୍ତ ପବନ ।
ମଣିମୟର ମଣ୍ଡପ ଅଛି ତହିଁ ମଧେ
ଶୋଭାପାଏ ସେହି ବନ ପକ୍ଷୀ ଜନ୍ତୁନାଦେ ।
ଦେବନାଶନ ବଟଯେ ଦକ୍ଷିଣର ପାଖ
ଉତ୍ତରବାହିନୀ ଗଙ୍ଗା ମେଖଳାର ରେଖ ।
ସହସ୍ରେକ ଶୃଙ୍ଗ ମେରୁଗିରିର ଅଟଇ
ନାନା ଦେବତାଙ୍କ ପୁର ତହିଁରେ ଅଛଇ ।
କାହାରି ପୁର ଜାଣ ଯେ ନ ଦିଶେ କାହାକୁ
ପୂର୍ବର ଭିଆଣେ କିଏ ଭିଆଇଛି ତାକୁ ।
ନାନାପୁର କରିଅଛି ମେରୁ ଛଡ଼ା କରି
ବିଚିତ୍ର ଘଟଣା ତାହିଁ ନ ହୁଅଇ ବାରି ।
ତାକୁ ଦେଖି ଦେବତାଏ ସନ୍ତୋଷ ହୋଇଲେ
ଦକ୍ଷ ପ୍ରଜାପତିକୁ ଯେ ପୁରେ ସମର୍ପିଲେ ।
ପୁଣି କାଶ୍ୟପକୁ ପୁରେ ଦେଲେ ବେଦବର
ଚନ୍ଦ୍ର ଦିବାକରେ ଦେଲେ ରତ୍ନମୟ ପୁର ।
ଆପଣେ ଯେ ଯଶୋବନ୍ତୀ ପୁର ଆବୋରିଲେ
ସପତ ଋଷିମାନଙ୍କୁ ପୁରେ ପୁରେ ଦେଲେ ।
ପବନକୁ ଏକପୁର ଦେବେ ବିଦ୍ୟମାନ
ବଇକୁଣ୍ଠରେ ରହିଲେ ପ୍ରଭୁ ଭଗବାନ ।
ବିଶ୍ୱକର୍ମାକୁ ପୁରେକ ପୁଣି ସମର୍ପିଲେ
ସ୍ୱୟମ୍ଭୁବ ମନୁ ଏକ ପୁରରେ ରହିଲେ ।
ଧ୍ରୁବମଣ୍ଡଳେ ରହିଲେ ଯାଇଁ ସଦାଶିବ
ସୋମ ସତ୍ୟବ୍ରତ ତାହିଁ ବୋଇଲେ ଦଇବ ।
ମଧଭୁବନେ ରହିବ ଏବେ ତୁମ୍ଭେ ସବୁ
ଦକ୍ଷର ବିଭା ସରିଲେ ମଞ୍ଜେଯିବା ବାବୁ ।
ଶୁଣି ସନ୍ତୋଷ ହୋଇଲେ ସେ ବେନି ରାଜନ
କ୍ଷୀର ସମୁଦ୍ରେ ରହିଲେ ଦେବ ଭଗବାନ ।
ସର୍ବଦା ଦିବସ ପ୍ରାୟ ଅଟେ ସେହି ପୁରୀ
ବିଷ୍ଣୁ ଭୁବନ ମହିମା କିଏ କହିପାରି ।
ଶୁଦ୍ଧ ସ୍ଫଟିକର ପୁର ମଣିମୟ ଜ୍ୟୋତି
ମୁକୁତାର ମାଳମାନ ଦ୍ରୋଣେ ଲମ୍ବିଛନ୍ତି ।
ନବରତନର ଜ୍ୟୋତି ହୀରାମୟ କଣ
ଯେବଣ ପୁରରେ ନିତି ମୁକ୍ତା ବରଷଣ ।
ଆବରହିଁ ଶେଶଦେବ ରହିଲେକ ତହିଁ
ଆଦି ନିରଞ୍ଜନ ସେହି ସର୍ପଫଣା ବହି ।
ଭୃଗୁ ଗଉତମ ପୁଣି ହୋଇଲେ ସମ୍ଭୁତ
ଅଙ୍ଗିରସ କାଳଋଷି ହୋଇଲେକ ଜାତ ।

Digitized by srujanika@gmail.com

ପୌଲସ୍ତ୍ୟ ହୋଇଲା ଜାଣ ବ୍ରହ୍ମଠାରୁ ଜାତ
ପୁଣି ଚାରି ଯୁଗ ଜାତ କଲେ ଚଉମାଥ ।
ପ୍ରଥମ ଯେ ସତ୍ୟଯୁଗ ତାହା କଥା ଶୁଣ
ହସ୍ତୀ ବାହନ ତାହାର ଦେହ ଶୁକ୍ଳବର୍ଣ୍ଣ ।
ଚତୁର୍ଭୁଜେ ଶଙ୍ଖ ଚକ୍ର ଗଦା ଅଛି ଧରି
କନ୍ଧରେ ପଇତା ଶିରେ ମୁକୁଟ ତାହାରି ।
ତ୍ରେତୟା ଯୁଗ ଏରୂପେ ହୋଇଲା ସମ୍ଭୂତ
ସିଂହବାହାନ ତାହାର ଧନୁ ଅସ୍ତ୍ର ହସ୍ତ ।
ଶିରରେ ମୁକୁଟ କର୍ଣ୍ଣେ କର୍ଣ୍ଣାଞ୍ଚଳ ଲୋଳେ
ବାହାକ ସୁବର୍ଣ୍ଣ ପ୍ରାୟ ଦେହ କାନ୍ତି ଝଳେ ।
ଦ୍ୱାପର ଯୁଗର ଏବେ ରୂପ ରେଖ ଶୁଣ
ଅଶ୍ୱବାହନ ତାହାର ଦେହ ତାମ୍ର ବର୍ଣ୍ଣ ।
ସପତ ଶିଖା ମୁକୁଟ ଶୋଭା ତାର ଶିରେ
ଥରହର ନିଶ କରେ କରେ ଗଦା ଧରେ ।
କଳିଯୁଗ ଜାତ ହେଲା ହୋଇ କୃଷ୍ଣବର୍ଣ୍ଣ
କରରେ କୃପାଣ ପୁଣି ବ୍ୟାଘ୍ର ତା ବାହନ ।
ରକ୍ତ ବସନରେ ସେହୁ ହୋଇଛି ଭୂଷଣ
ଅସତ୍ୟ ପୁରୁଷ ଗୋଟି ହୋଇଲା ଭିଆଣ ।
ଏହି ରୂପେ ଚାରିଯୁଗ ହୋଇଲେକ ଜାତ
କାଳେ କାଳେ ଏହି ରୂପେ ହୁଅନ୍ତି ସମ୍ଭୂତ ।
ଏହିରୂପରେ ବିଧାତା ତାଙ୍କୁ ଜାତ କଲେ
ପୁରମାନ ଦେଇ ତାଙ୍କୁ ସ୍ୱର୍ଗରେ ରଖିଲେ ।
କପିଳାରୁ କାମଧେନୁ ହୋଇଲା ସମ୍ଭୂତ
ଆବର ବୃଷଭ ଏକ ପୁଣି ହେଲା ଜାତ ।
ସେହି ବୃଷଭକୁ ନେଇ ରୁଦ୍ରଙ୍କୁ ଅର୍ପିଲେ
ଧରିନେଇ ସଦାନନ୍ଦ ସନ୍ନିଧେ ରଖିଲେ ।
କହନ୍ତି ନାରଦ ମୁନି ଶୁଣି ମହୀପତି
କପିଳା ନନ୍ଦନ ହେଲା ଅତି ଦୁଷ୍ଟମତି ।
ସୁଧର୍ମାସଭା ତଳରେ ସଦା ଶୋଇଥାଏ
ଦେବତାଙ୍କୁ ଦେଖିଲେ ସେ ଖେଦି ଘେନିଯାଏ
ତାର କୋପ ଦେଖିକରି ପଳାବନ୍ତି ଡ଼ରେ
ଭୟକରି ଗତାଗତ ନୋହିଲେ ପଥରେ ।
ସଭାକୁ ସକଳ ଦେବେ ନ ପାରିଲେ ଯାଇ
ଦୂରୁ ଦେଖନ୍ତେ ତାହାକୁ ସର୍ବେ ଭୟ ପାଇ ।
ହୁଂକାର ଶବଦ କରି ଅତି ମହାଘୋର
ରତ୍ନମୟ ପୁରମାନ କରିଲା ସେ ଚୁର ।
କଳ୍ପଲତା ବୃକ୍ଷମାନ କଲା ଉତ୍ପାଟନ
ଆଉ ନାନା ବୃକ୍ଷଙ୍କୁ ସେ କରିଲା ମର୍ଦ୍ଦନ ।
ତାହାଦେଖି ବେଦବର ଚକିତ ହୋଇଲେ
ଗୋଲୋକେ ଯାଇ କପିଳା ଗାଈକି କହିଲେ
ବୋଲନ୍ତି କପିଳା ତୁହି ଶୁଣ ଆଗୋ ମାତ
ସ୍ୱର୍ଗରେ ତୋହର ପୁତ୍ର କଲା ଉତପାତ ।
ଦେବତାମାନଙ୍କୁ ଦେଖି ଖେଦିଣ ମାରଇ
ସ୍ୱର୍ଗପୁରଯାକ ସେହୁ କୋପେ ବିନାଶଇ ।
ତାହାକୁ ତିଆରି କରି କହ ଗୋ ଜନନୀ
ତୋ ପୁତ୍ର ନିଶ୍ଚୟ ନାଶ କରିବ ଅବନୀ ।
ବ୍ରହ୍ମାଙ୍କ ବଚନ ଶୁଣି କପିଳା ବୋଲନ୍ତି
ମହାଦେବଙ୍କୁ ଯାଇଣ କହ ପ୍ରଜାପତି ।
ତାଙ୍କୁ ଦେଖିଲେ ତାହାର କୋପହେବ ଶାନ୍ତି
ଯାଅ ପ୍ରଜାପତି ବେଗେ ନ ଥାଅ ମୋ କତି
ତାହାଙ୍କୁ ଦେଖିଲେ ତାର ଭାଜିଯିବ ରାଗ
ଯାଅ ପ୍ରଜାପତି ତାଙ୍କ କତିକୁ ତୁ ବେଗ ।
କପିଳାଙ୍କ ଆଜ୍ଞା ପାଇ ଗଲେ ବେଦବର
ସେହିକ୍ଷଣି ଭେଟିଲେ ସେ ଦେବ ଦେବ ହର
ସନ୍ନିଧରେ ଉଭା ହୋଇ କହନ୍ତି ବଚନ
ଦୁଷ୍ଟପଣ କଲା ଦେବ କପିଳ ନନ୍ଦନ ।
ତୁ ଯାଇ ପ୍ରବୋଧି ତାକୁ ଆଣ ସଦାଶିବ
ଆଜିଠାରୁ ତୋହର ସେ ବାହନ ହୋଇବ ।
ବ୍ରହ୍ମା ବଚନେ ଉଠିଲେ ତହୁଁ ପଶୁପତି
ତକ୍ଷଣେ ମିଳିଲେ ଯାଇ ବୃଷଭର କତି ।
କଳ୍ପଲତାର ତଳରେ ବୀର ଅଛି ଶୋଇ
ରୁଦ୍ରଙ୍କୁ ଦେଖି ଉଠିଲା କାନ ଟେକି ଦେଇ ।
ରୁଦ୍ର ବୋଇଲେ ରହରେ କପିଳା ନନ୍ଦନ
ମୁହିଁ ସଦାନନ୍ଦ ଅଟେ ଜଗତ ବନ୍ଦନ ।
ଜନ୍ମେ ଜନ୍ମେ ଅଟୁ ତୁହି ବାହନ ମୋହର
ଆସ ଆସ ବାବୁ ଏବେ କ୍ରୋଧ ଶାନ୍ତିକର ।
ଶୁଣି କପିଳା ନନ୍ଦନ ସନ୍ତୋଷ ହୋଇଲା
ରୁଦ୍ରଙ୍କର ଚରଣରେ ଶିର ନୁଆଇଁଲା ।
ବୋଇଲା ଆହେ ଭୋଦେବ ନିସ୍ତରିଲି ମୁହିଁ
ମୋର ପୃଷ୍ଠେ ବସ ତୁମ୍ଭେ ଜଗତ ଗୋସାଇଁ
ଯହୁଁ ସେ କପିଳା ସୁତ ବୋଇଲା ଏମନ୍ତ
ତହୁଁ ପିଠିରେ ବସିଲେ ଯାଇ ଶୂଳହସ୍ତ ।

Digitized by srujanika@gmail.com

ତା ଦେଖିଣ ଦେବତାଏ ସାଧୁ ସାଧୁ କଲେ
ବୃଷଭ ଚଢ଼ିଣ ଦେବ ନିଜପୁରେ ଗଲେ ।
ଏହିରୂପେ ରୁଦ୍ରଙ୍କର ବୃଷଭ ବାହନ
ଏବେ ସାବଧାନେ ତୁମ୍ଭେ ଶୁଣ ହେ ରାଜନ ।
ଯେ ଯାହା ପୁରେ ରହିଲେ ସର୍ବ ଦେବମାନ
ଜ୍ୟୋତିପୁରରେ ରହିଲେ ଯାଇ ହୁତାଶନ
ଅସ୍ତୁକାର ପୁରୁଷ ଯେ ବ୍ରହ୍ମାଙ୍କ ସହିତେ
ନିଜ ପୁରରେ ରଖିଲେ ବ୍ରହ୍ମା ତୋଷଚିତ୍ତେ ।
ଏମନ୍ତେ ଦେବେ ରହିଲେ ଯାଇ ସ୍ୱର୍ଗପୁରୀ
ଦକ୍ଷକୁ ଚାହିଁ ବୋଲନ୍ତି ଦେବ କୁଶଧାରୀ ।
ଏହି ଯେ କନ୍ୟାମାନଙ୍କୁ ବିଭା ହୁଅ ତୁମ୍ଭେ
ଦେବାସୁର ଜାତ ହେବ ଅତି ଅବିଳମ୍ବେ ।
ଦକ୍ଷପ୍ରଜାପତି ବୋଲେ ବିଭାର ବିଧାନ
କେମନ୍ତେ ହୋଇବ କହ କମଳ ଆସନ ।
ବ୍ରହ୍ମା ବୋଇଲେ ସୁଧର୍ମା ସଭା ତେବେ ଯିବା
ବିଭା ବିଧାନ କେମନ୍ତେ ସେଠାରେ ବୁଝିବା ।
ଏତେ ବିଚାରି ସମସ୍ତେ ଗଲେ ସେ ସଭାକୁ
କର୍ମ ଧର୍ମମାନ ଯାହା ସବୁ ବୁଝିବାକୁ ।
ସମସ୍ତେ ରୁଣ୍ଡ ହୋଇଣ ବସିଲେକ ଯାଇ
କର୍ମ ବାହାର କରିଲେ ବେଦ ପୋଥି ଚାହିଁ
ଯେତେଗୋଟି ଅଛି ପୁଣି ଯଜ୍ଞର ବିଧାନ
ଜନମାନଙ୍କ ମଙ୍ଗଳଯୁକ୍ତ କର୍ମମାନ ।
ସନ୍ଧ୍ୟା ଜପ ହୋମ ଆଦି ବ୍ରାହ୍ମଣଙ୍କ କର୍ମ
ବେଦ ପୁରାଣ ପଠନ ଯଜ୍ଞ କର୍ମ ଧର୍ମ ।
ପତିଗ୍ରହ କରିଣ ସେ ଦ୍ୱିଜ ହସ୍ତେ ଦେବା
ସନ୍ନ୍ୟାସୀ ବ୍ରହ୍ମଚାରୀଙ୍କି କରିବାକୁ ସେବା ।
ବିପ୍ରଜନମାନଙ୍କୁ ଯେ କରିବାକୁ ପୂଜା ।
ଦେବତାଙ୍କୁ ଭୋଗ ଦେବ ନ କରିବ ତେଜ୍ୟା
ଭୂମି ଶାଳଗ୍ରାମ ଅନ୍ନ ପୁଣି ଧେନୁମାନେ
ବିପ୍ରହସ୍ତେ ଦେବ ଏହି ଧର୍ମ ଚାରିବର୍ଣ୍ଣେ ।
କି ଦେଇ ନିର୍ଦ୍ଦୟ ଭାବ ତାହାଙ୍କୁ କହିଲେ
ଏ ପାପ ଦୋଷରୁ ଜାଣ ନର୍କେଯିବେ ଭଲେ ।
ବ୍ରାହ୍ମଣ ଚିତ୍ତ ଆବର ଦେବତା ପଦାର୍ଥ
ଏହାକୁ ହରିଲେ ନର ଜୀବନ ବିଅର୍ଥ ।
ବିପ୍ରଙ୍କୁ ଦଣ୍ଡ ନ ଦେବା ନୃପତିଙ୍କ ଧର୍ମ
ଦୂରରୁ ଆସନ ତେଜି କରୁଥିବ ମାନ୍ୟ ।

ଦେବତା ବ୍ରାହ୍ମଣଙ୍କୁ ଯେ କରୁଥିବ ପୂଜା
ମୃତ୍ୟୁକାଳେ ପୁଣ୍ୟମାର୍ଗେ ଯିବ ଆହେ ରାଜା
ଏହା ନ ବିଚାରି ଚିନ୍ତେ ଯେହୁ ଦ୍ରୋହମାନ
କାଳେ ସେହୁ ନର୍କେ ପୁଣ ହୁଅଇ ପତନ ।
ଦେବତା ବ୍ରାହ୍ମଣଙ୍କୁ ଯେ ଅନ୍ନ ଦେଉଥିବ
ଯଜ୍ଞ କର୍ମକରି ଆଉ କି ଫଳ ପାଇବ ।
ହୃଦୟ ନିର୍ମଳ କରି କରୁଥିବ କର୍ମ
କାଳେ ତା ପରମଗତି ପ୍ରାପ୍ତ ହୁଏ ଧର୍ମ ।
ଗୋରୁହତ୍ୟା ବ୍ରହ୍ମହତ୍ୟା କେହି ନ କରିବ
ସୁରାପାନ ମାତୃହତ୍ୟା କରି ନର୍କେ ଯିବ ।
ସ୍ତିରୀବଧ ଶିଶୁବଧ ଜନ୍ତୁ ବଧମାନ
ନ କରିବ ପରନାରୀ ହରଣରେ ମନ ।
ପ୍ରାଣୀ ନାଶ ନ କରିବ କରି ଅହଙ୍କାର
ମାତା ପିତାଙ୍କୁ ସେବିବ ହୋଇ ପରିଚାର ।
ଶାସ୍ତ୍ର ବିପ୍ର ନିନ୍ଦା କେଭେ ନ ମରିବ ଜାଣ
ନୃପ ନିନ୍ଦା ନ କରିବ ସେବ ନାରାୟଣ ।
ଚାରିବର୍ଣ୍ଣ ଧର୍ମ ଏହି ବେଦରୁ ସମ୍ଭୁତ
ପାପ ପୁଣ୍ୟ ଏହିରୂପେ କହିଲେ ସମସ୍ତ ।
ତହୁଁ ଦକ୍ଷଭୁବନକୁ କରିଲେ ଗମନ
ବ୍ରହ୍ମା ବିଷ୍ଣୁ ରୁଦ୍ର ପୁଣି ସର୍ବ ଋଷିଗଣ ।
ବିଶ୍ୱକର୍ମା ରଚେ ଛାୟା ମଣ୍ଡପ ଯେ ବିଧି
ସୁବର୍ଣ୍ଣରେ ନିର୍ମାଣିଲା ତଳେ ରତ୍ନବେଦୀ ।
ବେଶ ହୋଇଣ ବସିଲେ ଦକ୍ଷ ପ୍ରଜାପତି
ସୁବର୍ଣ୍ଣ ମୁକୁଟ ତାର ଶିରେ ବାନ୍ଧିଛନ୍ତି ।
ବରୁଣର ପୂଜାବିଧ କଲେ ବେଦବ୍ରହ୍ମା
ନିକଟେ ବସିଲେ ପୁଣି ଆସି ସର୍ବବାମା ।
ଚାରିବେଦ ସେହିଠାରେ କଲେ ଉଚ୍ଚାରଣ
ମହାବାକ୍ୟକୁ କହିଲେ ବେଦବ୍ରହ୍ମା ପୁଣ ।
କୁଶଗ୍ରନ୍ଥିକୁ ବାନ୍ଧିଣ ଅଗ୍ନିକୁ ସ୍ଥାପିଲେ
କପିଳାକ୍ଷୀରରୁ ଘୃତ ଆଣି ସମ୍ପାଦିଲେ ।
କନ୍ୟାଙ୍କ ଶିରେ ମୁକୁଟ ବାନ୍ଧିଲେ ଯେ ନେଇ
ପାଟବସ୍ତ୍ର ଗଇଣ୍ଠାଳ ପକାଇଲେ ତହିଁ ।
ଅଗ୍ନିରେ ଆହୁତି ପୁଣି କଲେ ସମର୍ପଣ
ବିଭାର ବିଧାନମାନ ସାରିଲେ ତକ୍ଷଣ ।
ବ୍ରହ୍ମାଙ୍କର ବିଭା ହେଲା ଏହି ପରକାରେ
ସାବିତ୍ରୀ ପାଇ ଆନନ୍ଦ ହୋଇଲେ ମନରେ ।

Digitized by srujanika@gmail.com

ସରସ୍ୱତୀଙ୍କୁ ବିବାହ ହେଲେ ଭଗବାନ
ଏମନ୍ତ ସରିଲା ସବୁ ମଙ୍ଗଳ ବିଧାନ ।
ବ୍ରହ୍ମାଠାରୁ ବୃହସ୍ପତି ଜନ୍ମ ହୋଇଥିଲେ
ସନକର ଦୁହିତାକୁ ବିଭା କରିଦେଲେ ।
ଏଥୁଅନନ୍ତରେ ତୁମ୍ଭେ ଶୁଣ ନୃପବର
ଏରୂପେ ଅତୀତ ହେଲା ବହୁ ସମ୍ବତ୍ସର ।
ଦକ୍ଷଙ୍କର ହୋଇଲେକ ଷାଠିଏ କୁମାରୀ
ସତୀ ପତିବ୍ରତା ସେହୁ ପରମା ସୁନ୍ଦରୀ ।
ଚନ୍ଦ୍ରକୁ ରୋହିଣୀ ଦେଲେ ଆଦିତ୍ୟଙ୍କୁ ଛାୟା
ଅଗ୍ନିକି ସ୍ୱାହା ଧର୍ମକୁ ସ୍ମୃତି ଯେ ତନୟା ।
ମହେଶଙ୍କୁ ସମର୍ପଣ କରିଲେ ପାର୍ବତୀ
ଭୃଗୁଙ୍କୁ ଦୁହିତା ଏକ ଦେଲେ ପ୍ରଜାପତି ।
କାଳଋଷିଙ୍କୁ ସେ ପୁଣି ଦେଲେ ଦୁହିତାଏ
ଏରୂପେ ଦେବଋଷିଙ୍କି ଗୋଟିଏ ଗୋଟିଏ ।
ଦାନ କରିଲେ ସବୁଙ୍କୁ ବିନୟୀ ହୋଇଣ
ଏଥୁ ଅନନ୍ତରେ ତୁମ୍ଭେ ଶୁଣ ନୃପରାଣ ।
ବିଷ୍ଣୁଙ୍କୁ ଆଣିଣ ସେହୁ ଜୁଆଇଁ କରିଲେ
ତାଙ୍କୁ ତୋଷେ ପ୍ରଜାପତି ବେନି ଝିଅ ଦେଲେ
ଦିତି ଅଦିତିଙ୍କଠାରୁ ସର୍ବେ ହେଲେ ଜାତ
କଶ୍ୟପବୀର୍ଯ୍ୟରୁ ସେହୁ ପୁତ୍ର କଲେ ଜାତ ।
ଜ୍ୟେଷ୍ଠପୁତ୍ର ତାହାଙ୍କର ହେଲେ ସୁରରାଣ
ଦ୍ୱାଦଶ ବିଶ୍ୱଦେବା ଯେ ବିଷ୍ଣୁଠାରୁ ସାନ ।
ଏଗାର ସୂର୍ଯ୍ୟ କଶ୍ୟପକୁଳେ ଉତପତି
ଚଉଦ ଚନ୍ଦ୍ର ଗର୍ଭୁଜାତ କରିଲେ ଆଦିତି ।
ବରୁଣ କୁବେର ପୁଣି ହୋଇଲେ ସମ୍ଭୁତ
ଯକ୍ଷ ବିଦ୍ୟାଧର ଜନ୍ମ ହୋଇଲେ ବହୁତ ।
ଦିତିର ଗର୍ଭରୁ ଦୈତ୍ୟ ହେଲା ଉତପତି
ବଳି ନାମରେ ବିଖ୍ୟାତ କଶ୍ୟପ ସନ୍ତତି ।
ରାହୁନାମେ ଏକଦୈତ୍ୟ ସିଂହିକାର ସୁତ
ଏରୂପେ ଅସୁରଜନ୍ମ ହୋଇଲେ ବହୁତ ।
ସିଂହିକା ଦକ୍ଷଙ୍କଠାରୁ ହୋଇଥିଲା ଜାତ
ସନ୍ଧ୍ୟାକାଳରେ ସେ ପୁଣି ହୋଇଲା ସମ୍ଭୁତ
ଦକ୍ଷବ୍ରହ୍ମାଙ୍କୁ ସେ ଯାଇ ମାଗିଲାକ ରତି
ପୁଣି କୋପେ ଶାପ ତାକୁ ଦେଲେ ପ୍ରଜାପତି
ବୋଇଲେ ମୋଠାରୁ ତୁହି ହୋଇଲେ ସମ୍ଭୁତ
ଲୋ ପାମରି ଝିଅ ହୋଇ ଯା କହୁ କେମନ୍ତ ।

ସିଂହିକାନାମ ତୋହର ହେଉ ଭବେ ଖ୍ୟାତି
ମୋଠାରୁ ଜନ୍ମି ମୋ ସଙ୍ଗେ ଇଚ୍ଛାକରୁ ରତି
କୁମର୍ଗଭ୍ରଷ୍ଟା କହିଲୁ ଯେ ରୂପେ ନ ଜାଣି
ଯାଅ ଯା ପାପିଷ୍ଠା ତୁହି ହୁଅ ରାକ୍ଷାସୁଣୀ ।
ଦକ୍ଷକୋପେ ସେ ସୁନ୍ଦରୀ ମହାଭୟ କଲା
ତତକ୍ଷଣେ ସେ ଯୁବତୀ ରାକ୍ଷାସୁଣୀ ହେଲା ।
ଦକ୍ଷ ବୋଇଲେ ତୋହର ରତିରେ ସେନେହ
ଯାଅ ଲୋ କଶ୍ୟପଠାରୁ ରତିସୁଖ ପାଅ ।
ଏହିପରି ଶାପ ଦେଇ ଦକ୍ଷବ୍ରହ୍ମା ଗଲେ
ରାକ୍ଷାସୁଣୀ ଯାଇ ମିଳେ କଶ୍ୟପଙ୍କ ତୁଲେ ।
କଶ୍ୟପଙ୍କ ପାଶେ ମିଳି ହେଲା ପ୍ରଣମିତା
ପଚାରିଲେ କଶ୍ୟପ ତୁ କାହାର ଦୁହିତା ।
ରାକ୍ଷାସୁଣୀ ପ୍ରାୟ ମୋତେ ଦିଶୁଅଛି ତୁହି
କଶ୍ୟପପୁଚ୍ଛୁଁ ସିଂହିକା ଏମନ୍ତ କହଇ ।
ଦକ୍ଷ ପ୍ରଜାପତିଠାରୁ ହେଲି ମୁଁ ଉତ୍ପତ୍ତି
ଚିତ୍ତଭ୍ରମେ ତାହାଙ୍କୁ ମୁଁ ମାଗିଲଇଁ ରତି ।
ଏହା ଶୁଣିକରି ଦକ୍ଷ ମୋତେ ଶାପ ଦେଲେ
ଯାଅ ତୁଲୋ ରାକ୍ଷାସୁଣୀ ହୁଅସି ବୋଇଲେ ।
ଜନ୍ମ ତୋହର ରମଣେ ଏତେ ଚିତ୍ତବୃତ୍ତି
ସିଂହିକା ତୋହର ନାମ ହେଉଲୋ ଦୁର୍ମତି ।
ଏହାଶୁଣିଣ ଅଇଲି ଭୟେ ଅପସରି
ତୁମ୍ଭ ଚରଣେ ରହିବି ଏବେ ସେବା କରି ।
ଏମନ୍ତ ଶୁଣି କଶ୍ୟପ ସନ୍ତୋଷ ହୋଇଲେ
ଯେ ତୋହର ଇଚ୍ଛା ତାହା କରସି ବୋଇଲେ
କଶ୍ୟପକୁ ସେବାକରି ରହିଲା ଯୁବତୀ
ଋତୁକାଳରେ କଶ୍ୟପ ତାକୁ କଲେ ରତି ।
ସେହି ଗର୍ଭରେ ସିଂହିକା ରାହୁ କଲା ଜାତ
ମହା ବିକଟାଳ ସେହି କଶ୍ୟପର ସୁତ ।
ଶୁଣ ମହାରାଜ ଏବେ ବିନତାର ଗତି
ଡ଼ିମ୍ବ ଦୁଇଗୋଟି ଜାତକଲା ମହାସତୀ ।
ତାହା ଦେଖିଣ ବିନତା ଦୁଃଖ କଲା ମନ
ଲଜ୍ଜାରେ ସପତଣୀଙ୍କ ନ ଚାହେଁ ବଦନ ।
ବୋଲେ ଧିକ ମୋର ଗର୍ଭୁ ଡ଼ିମ୍ବ ହେଲା ଜାତ
ହସିବେ ସପତଣୀଏ ନିନ୍ଦିବେ ବହୁତ ।
ଅଭିନବ ସୁକୁମାର ସର୍ବେ ଜାତ କଲେ
ମୋ ମନ୍ଦକର୍ମକୁ ଛାର ଡ଼ିମ୍ବ ଗର୍ଭ ଥିଲେ ।

Digitized by srujanika@gmail.com

କଶ୍ୟପଙ୍କ ମୁଖକୁ ମୁଁ ଚାହିଁବି କେମନ୍ତେ
ଏହାକୁ ଦେଖିଣ ସେହୁ କି ବୋଲିବେ ମୋତେ
ସମସ୍ତ ଯୁବତୀଙ୍କି ସେ କରିବେ ସୌଭାଗୀ
ଏ ଗର୍ଭ ସକାଶୁ ମୁହିଁ ହେଲି ଦୁଃଖଭାଗୀ ।
ପତି ମୋହର ସୁଦୟା କି କରିବେ ମୋତେ
ଏହା ବିଚାରୁ କଶ୍ୟପ ମିଳିଲେ ସାକ୍ଷାତେ ।
ପୁଛିଲେ କଶ୍ୟପ କେଉଁ ପୁତ୍ର କଲ ଜାତ
ଲାଜେ ବିନତା ନ କହି ଶିର କଲା ନତ ।
ସପତଣୀମାନେ ଆସି କହନ୍ତି ବୁଝାଇ
ବିନତା ଜାତ କରିଛି ଦେଖ ଡ଼ିମ୍ବ ଦୁଇ ।
ତେଣୁ ନାଥ ତୁମ୍ଭଙ୍କୁ ସେ ନ କହଇ କଥା
ସଲଜ୍ଜିତ ଭାବେ ବାମା ପୋତିଅଛି ମଥା
ଶୁଣିଣ ମନେ ସନ୍ତୋଷ ହେଲେ ମୁନିବର
ଧ୍ୟାନେ ଜାଣିଲେ ଡ଼ିମ୍ବରେ ଅଛନ୍ତି କୁମାର ।
କଶ୍ୟପ ବୋଇଲେ ତହୁଁ ବିନତାକୁ ଚାହିଁ
ନ ବୁଝିଣ ମନ ଦୁଃଖ କର କାହିଁପାଇଁ ।
ଏ ଡ଼ିମ୍ବ ଦୁଇ ସାଇତି ଯତ୍ନେ ଥୋଇଥାଅ
ଏଥିରୁ ଜାତ ହୋଇବେ ନିଶ୍ଚେ ବେନିପୁଅ ।
ବିଷ୍ଣୁ ଭକତ ହେବ ସେ ବିଷ୍ଣୁଙ୍କ ବାହନ
ଗରୁଡ଼ ନାମ ବୋହିବ ଏ ତୋର ନନ୍ଦନ ।
ପୃଷ୍ଠଦେଶରେ ପକ୍ଷ ସେ ହୋଇବ ଏହାର
ବେନିପାଦ ବେନିକର ଦେବ କଳେବର ।
ସୁଦୀର୍ଘ ନାସିକା ହେବ ସୁନ୍ଦର ମୁଖଟି
ଦେହେ ବ୍ରଜ ଚୂନ ହେବ ପଡ଼ି ନଅକୋଟି ।
ଶସ୍ତ୍ର ନ ଭେଦିବ ଅଙ୍ଗ ହେବ ବ୍ରଜ ସମ
ବିଷ୍ଣୁସମ ଏ ପୁତ୍ରର ହେବ ପରାକ୍ରମ ।
ଚିରଜୀବୀ ହୋଇଣ ଏହୁ ବିଷ୍ଣୁ ସଙ୍ଗେ ଥିବ
ଶତେ ବରଷେ ଏ ପୁତ୍ର ଡ଼ିମ୍ବର ଜନ୍ମିବ ।
ଏ ଭାର ଦେଲେ ପୃଥିବୀ ନ ପାରିବ ସହି
ପକ୍ଷ ବଞ୍ଚିଲେ ପର୍ବତ ଦେବ ଏ ଉଡ଼ାଇ ।
ବିଷ୍ଣୁଙ୍କ ଭୁବନେ ଏହୁ କରିବେ ବିଶ୍ରାମ
ସବୁଦିନେ ବିଷ୍ଣୁଙ୍କ ଏ ହୋଇବ ବାହାନ ।
ଆରେକ ଡ଼ିମ୍ବରୁ ଯେଉଁ ପୁତ୍ର ହେବ ଜାତ
ରକତବରନ ପ୍ରାୟ ଦିଶିବ ତା ଗାତ୍ର ।
ସୂର୍ଯ୍ୟ ବିମାନେ ବସିବ ହୋଇଣ ସାରଥି
ସୂର୍ଯ୍ୟଥିବା ଯାଏ ଏହୁ ରହିଥିବ ବର୍ତ୍ତି ।
ବେନିଗୋଟି ପୁତ୍ର ଏଥୁ ହେବେ ଉତପତ୍ତି
କିପାଇଁ ମନରେ ଚନ୍ତା କରୁଅଛୁ ସତୀ ।
ଦ୍ୱିତୀୟରେ ଜାତ ହେବ ଯେବଣ ପୁତ୍ରଟି
ତା ପକ୍ଷ ପତନେ କମ୍ପିଯିବ ନବବୃଷ୍ଟି ।
ତିନି ବ୍ରହ୍ମାଣ୍ଡରେ ସେହୁ ହେବ ଏକ ବୀର
ଏଥିକି କିପାଇଁ ଶୋକ ତୋର ଗୁରୁତର ।
ଯହୁଁ କଶ୍ୟପ କହିଲେ ଏସନ ବଚନ
ଶୁଣିଣ ସନ୍ତୋଷ ହେଲା ବିନତାର ମନ ।
ଡ଼ିମ୍ବ ଦୁଇ ସାଇତିଲେ ଦକ୍ଷର ଦୁହିତା
ସୁବର୍ଣ୍ଣରଭାଣ୍ଡେ ପୁରାଇ ଯତ୍ନେ ରଖିଲେ ତା ।
ଉପରେ ଢ଼ାଙ୍କୁଣୀଟିଏ ଦେଲେକ ଘୋଡ଼ାଇ
କଶ୍ୟପ ପୁତ୍ରେ ବୋଇଲେ ବଢ଼ ଏଥିପାଇଁ ।
ଏତେ କହିଣ କଶ୍ୟପ ଦେବସଭା ଗଲେ
ପତି ବଚନେ ବିନତା ଚିନ୍ତା ଉପେକ୍ଷିଲେ ।
ଇନ୍ଦ୍ରଦ୍ୟୁମ୍ନକୁ ଏହା କହିଲେକ ମୁନି
ମତ୍ସ୍ୟପୁରାଣର ଏହି ଅଟେ ପୁଣ୍ୟଧ୍ୱନି ।
ଶ୍ରୀ ମତ୍ସ୍ୟନାରାୟଣଙ୍କ ଚରଣ କମଳ
ଚିନ୍ତାକରି ଏହା ବୋଲେ ବିପ୍ର କାମପାଳ ।
ଇତି ଶ୍ରୀ ମତ୍ସ୍ୟପୁରାଣେ ନାରଦ ଇନ୍ଦ୍ରଦ୍ୟୁମ୍ନ-
ସମ୍ବାଦେ ଦକ୍ଷପ୍ରଜାପତେ ବୃତ୍ତାନ୍ତ ବର୍ଣ୍ଣନଂ
ନାମ ଅଷ୍ଟମୋଽଧ୍ୟାୟଃ ।

ନବମ ଅଧ୍ୟାୟ

ମନୁଷ୍ୟାଦିମାନଙ୍କର ଜନ୍ମ ଓ ଇନ୍ଦ୍ରଙ୍କର ବିବରଣ

ରାଜା ପଚାରିଲେ ପୁଣି କହ ମୁନିବର
କେତେଦିନେ ପୃଥିବୀରେ ଜାତ ହେଲେ ନର
ଏହା ବିସ୍ତାରିଣ ମୋତେ କହ ବ୍ରହ୍ମାସୁତ
ମତ୍ସ୍ୟ ପୁରାଣକୁ ଶୁଣି ହୋଇବି କୃତାର୍ଥ ।
ନାରଦ ବୋଇଲେ ତାହା ଶୁଣ ନୃପରାଣ
ସ୍ୱର୍ଗରେ ବିହାର କଲେ ଯହୁଁ ସୁରଗଣ ।
ସେମାନଙ୍କ ବିହାରରୁ ହେଲେ ପୁଣି ଜାତ
ଚନ୍ଦ୍ରଙ୍କଠାରୁ ସେ ବୁଧ ହୋଇଲେ ସମ୍ଭୁତ ।

Digitized by srujanika@gmail.com

ଭୂମିର ମଙ୍ଗଳ ଜାଣ ହେଲେ ଉତପତି
ଶୁକ୍ରାଚାର୍ଯ୍ୟ ହୋଇଲେକ ଭୃଗୁଙ୍କ ସନ୍ତତି ।
ଏହିରୂପେ ନବଗ୍ରହ ହୋଇଲେକ ଜାତ
ଶନିଶ୍ଚର ଧର୍ମଠାରୁ ହୋଇଲେ ସମ୍ଭୂତ ।
କଶ୍ୟପଙ୍କଠାରୁ ପୁଣି ହେଲେ ଉତପନ୍ନ
ସତାଇଶ ନକ୍ଷତ୍ର ସେ ବୁଝ ହେ ରାଜନ ।
ଏହିରୂପେ ଦେବଗଣ ଜାତ ମହୀପତି
ସୋମରାଜାଙ୍କୁ ଘେନିଣ ଦିନେ ବେଦପତି ।
ଆବର ସତ୍ୟବ୍ରତ ଯେ ଭୃଙ୍ଗରାଜା ସହ
କଶ୍ୟପଙ୍କ ବଳୀ ନାମେ ଯେବଣ ତନୟ ।
ଅସୁରବଳ ଘେନିଣ ବ୍ରହ୍ମାଙ୍କ ସଙ୍ଗତେ
ପୃଥିବୀରେ ମିଳିଲେ ସେ କଶ୍ୟପ ସହିତେ ।
ଦେଖିଲେ ଏହି ପୃଥ୍ୱୀରେ ଜନପ୍ରଜା ନାହିଁ
ଶୂନ୍ୟ ବସୁନ୍ଧରୀ ଗୋଟି ଅଶୋଭା ଦିଶଇ ।
ସୋମରାଜାକୁ ବୋଇଲେ ଦେବ ବେଦପତି ।
କୁଶଳ ଦେଶରେ ତୁହି ହୁଅ ନରପତି ।
ସତ୍ୟବ୍ରତ ନରେଶକୁ ବୋଇଲେ ତୁ ଯାଅ
ଜମ୍ବୁ ଦ୍ୱୀପ ମଧରେ ତୁ ରାଜା ହୋଇଥାଅ ।
ଆବର ତିନିରାଜାକୁ ଦେଲେ ତିନି ଦ୍ୱୀପ
ବାଲ୍ମୀକି ବୋଇଲେ ହୁଅ ଶୈଳଦ୍ୱୀପେ ନୃପ
ବ୍ରହ୍ମା ବଚନେ ରାଜା ସନ୍ତୋଷରେ ଗଲେ
ବିଶ୍ୱକର୍ମା ଯାଇ ତହିଁ ପୁର ନିର୍ମାଣିଲେ ।
ତହିଁରେ ବାସ କରିଲେ ସର୍ବ ଦୈତ୍ୟଗଣ
ବ୍ରହ୍ମାଙ୍କୁ ଚାହିଁ ବୋଲନ୍ତି ରାଜାମାନେ ପୁଣ ।
ରଥ ଗଜ ପଦାତିକ ଜନବଳ ନାହିଁ
ତୁଚ୍ଛା କେମନ୍ତେ ନୃପତି ହୋଇବୁ ଗୋସାଇଁ
ବ୍ରହ୍ମା ବୋଇଲେ ତୁମ୍ଭଙ୍କୁ ମିଳିବ ସମସ୍ତ
ମୁହିଁ ତୁମ୍ଭପାଇଁ ତାହା କରାଇବି ଜାତ ।
ଏମନ୍ତ କହିଣ ବ୍ରହ୍ମା ମନେ ଧ୍ୟାନ କଲେ
ଅସଂଖ୍ୟ ଜନ କ୍ଷଣକେ ସଂସାରେ ବ୍ୟାପିଲେ ।
ଅଶ୍ୱ ଗଜମାନେ ପୁଣି ହୋଇଲେକ ଜାତ
ଅକାରଣେ ମାଳ ମାଳ ବୁଲିଲେ ସମସ୍ତ ।
ବ୍ରହ୍ମା ବୋଇଲେ ଏହାକୁ ଘେନି ରାଜ୍ୟକର
ନୃପତି ବୋଇଲେ କାହୁଁ ଆଣିବୁଁ ଆଧାର
ତାହା ଯୋଗାଇବା କହି ଦେବ ବେଦପତି
ତତକ୍ଷଣେ ଭିଆଇଲେ ଅଷ୍ଟାଦଶ ଜାତି ।

ପୃଥିବୀ ମୃତ୍ତିକା କିଛି ନେଇ ବେଦ ବ୍ରହ୍ମା
ଗଢ଼ି କନ୍ୟା ଜୀବନ୍ୟାସ ଦେଲେ ମହାତମା ।
ତହିଁରୁ ଜାତ ହୋଇଲା ଅପୂର୍ବ ଯୁବତୀ
ଚିତ୍ରତମା ନାମ ତାକୁ ଦେଲେ ବେଦପତି ।
ସୋମରାଜା ସନ୍ନିଧିରେ ଯେହି କନ୍ୟା ଦେଲେ
ଏହାକୁ ତୁ ବିଭାହୁଅ ବୋଲିଣ ବୋଇଲେ ।
ଏହାର ଗର୍ଭରୁ ଯେଉଁ ଝିଅ ହେବ ଜାତ
ସତ୍ୟବ୍ରତକୁ ବିବାହ ହେବ ନରନାଥ ।
ଆବର ଅନେକ ତୋର ହୋଇବ ଦୁହିତା
ଅନ୍ୟ ରାଜାକୁ ତା ଦେଇ କରିବୁ ଜାମାତା ।
ଏହା ଶୁଣି ନରପତି କଷ୍ଟ କଲା ମନ
ବ୍ରହ୍ମାଙ୍କୁ ଚାହିଁଣ ପୁଣି କହଇ ବଚନ ।
ମୋର ବିଭାକାର୍ଯ୍ୟ ଶେଷ କର ବେଦବର
ଏମନ୍ତ ଶୁଣି ସନ୍ତୋଷ ହେଲେ କୁଶଧର ।
କୁଶଳ ଦେଶକୁ ସେହିଠାରୁ ଚଳିଗଲେ
ବିଶ୍ୱକର୍ମା ତହିଁ ଯାଇ ପୁର ବସାଇଲେ ।
ଯେ ବିଧି ବିଧାନ ବ୍ରହ୍ମା ବିଭା ଶେଷକଲେ
ଆବର ରାଜାଙ୍କୁ ଯେ ପୁର ଦେଇଥିଲେ ।
କନ୍ଦଣାରୁ ଏକ ଏକ କନ୍ୟାକରି ଜାତ
ଏକ ଏକ ରାଜାକୁ ତା ଦେଲେ ଚଉମାଥ ।
ହଂସ ବାହନରେ ବ୍ରହ୍ମା ତହୁଁ ବିଜେକରି
ଗୋବର୍ଦ୍ଧ ବେଶେ ମିଳିଲେ ଯାଇ କୁଶଧାରୀ ।
ବ୍ରାହ୍ମଣମାନଙ୍କୁ ତହିଁ ରଖିଲେକ ନେଇ
ବିଶ୍ୱକର୍ମା ପୁରମାନ ନିର୍ମାଣିଲା ତହିଁ ।
କାଚଢ଼ାଳ ପୁର ସ୍ଫଟିକରେ ନିର୍ଭାକଲା
ଦାରୁଗ୍ରହ ଲୋକ ଅନୁମାନ ଦୃଷ୍ଟି ହେଲା ।
ରହିଲେ ବ୍ରାହ୍ମଣେ ସେହି ଗୋବର୍ଦ୍ଧିକା ପୁରୀ
ଜପ ମନ୍ତ୍ରଧାରୀ ବେଦ ଅଧ୍ୟୟନ କରି ।
କହିଲେ ବ୍ରାହ୍ମଣମାନେ ତହିଁ ଅପ୍ରମିତ
ତାହାକୁ ଯେଉଁ ବୃତ୍ତିରେ ରଖିଲେ ସମସ୍ତ ।
ଗ୍ରାମମାନ ରାଜଘୋଷ ହେଲା ପୂର୍ବଜାଣି
ଦେଖିକରି ଆନନ୍ଦିତ ହେଲେ କୁଶପାଣି
ବିଚାରିଲେ ଅନ୍ନ ଏବେ କରିବଇଁ ଜାତ
କାମଧେନୁ କ୍ଷୀରକୁ ଯେ ବ୍ରହ୍ମା କଲେ ଘୃତ
ବ୍ରାହ୍ମଣ ଋଷି ଇତ୍ୟାଦି ରାଜା ଏ ସମସ୍ତେ
ଗମନ କରି ଚଳନ୍ତି ବ୍ରହ୍ମାଙ୍କ ସହିତେ ।

Digitized by srujanika@gmail.com

ହଂସ ବିମାନୁ ଉତୁରି ଦେବ ପ୍ରଜାପତି
ଗୋ କର୍ଣ୍ଣିକା ତୀର୍ଥେ ବ୍ରହ୍ମା ଯୋଗ ଆରମ୍ଭନ୍ତି
ଯାଗତୁଣ୍ଡ ଏକ ତହିଁ ନିର୍ମାଣିଲେ ବିଧି
ବେଦାନୁକ୍ରମେ ଆରମ୍ଭ କଲେ ଯଜ୍ଞବିଧି ।
ଅଗ୍ନି ଥାପିଣ ସେଠାରେ କରିଲେକ ହୋମ
ବେଦମନ୍ତ୍ର ଉଚ୍ଚାରିଣ ଆରମ୍ଭିଲେ କର୍ମ ।
ପୃଥ୍ୱୀକି ଯୁବତୀରୂପେ ଆଗ ପୂଜା କରି
ଶ୍ରୁବରେ ଘୃତ ଦିଅନ୍ତି ବୈଶ୍ୱାନରେ ବରି ।
ଯଜ୍ଞକର୍ମ ସମାପତ କରିଲେକ ବ୍ରହ୍ମା
ପୂର୍ଣ୍ଣାହୁତିରେ ଅଗ୍ନିଙ୍କୁ ତୋଷିଲେ ମହାତ୍ମା ।
ତତକ୍ଷଣେ କୁଣ୍ଡୁ ଅନ୍ନ ହୋଇଲେକ ଜାତ
ସହସ୍ରେକ ବୀଜଶାଖା ପୃଥିବୀ ସମ୍ଭୂତ ।
ସହସ୍ର ଜାତି ବୀଜର ନାମ ଭିନ୍ନ ଭିନ୍ନ
କାଳିଆ ଶୁକଳ ରଙ୍ଗ ଏହି ତିନିବର୍ଣ୍ଣ ।
ତାହା ଦେଖିଣ ସମସ୍ତେ ହୋଇଲେ ଆନନ୍ଦ
ବ୍ରହ୍ମା ସହିତରେ ଯେତେ ରାଜା ଋଷିବୃନ୍ଦ ।
ତତକ୍ଷଣେ ସେ ବୃକ୍ଷକୁ ଛେଦି ବେଗକରି
ସବୁ ରାଜାଙ୍କୁ ବାଣ୍ଟିଣ ଦେଲେ କୁଶଧାରୀ ।
ବିଧାତା ବୋଇଲେ ତହୁଁ ସମସ୍ତଙ୍କୁ ଚାହିଁ
ଅଭୁତେ ଅନ୍ନ ବ୍ୟାପିବ ଜାଣ ସବୁଠାଇଁ ।
ଜମ୍ବୁଦ୍ୱୀପ ଲକ୍ଷେ ପାଞ୍ଚ ସହସ୍ର ଯୋଜନ
ଏଡ଼େବଡ଼ ସ୍ଥାନକୁ ସେ ବ୍ୟାପିଗଲା ଅନ୍ନ ।
ଦେଶ ଦେଶ କରେ ଜାଣ ଭିନ୍ନ ଭିନ୍ନ ମତ
ନାନା ମତରେ ସେ ଅନ୍ନ ବ୍ୟାପିଲା ଜଗତ ।
ସାତଦ୍ୱୀପେ ଶସ୍ୟ ଜାତ ହେଲା ନାନାବର୍ଣ୍ଣ
ସମଗ୍ର ପୃଥ୍ୱୀରେ ହୋଇଗଲା ଅନ୍ନପୂର୍ଣ୍ଣ
ଅନ୍ନ ନ ଭୁଞ୍ଜିଲେ ଯହୁଁ ପ୍ରାଣ ହେଲା ହତ
ତେଣୁ ପ୍ରାଣୀଙ୍କି ବୋଲନ୍ତି ଅନ୍ନରୁ ସମ୍ଭୁତ ।
ହେ ରାଜା ପୃଥ୍ୱୀରୁ ଏହିରୂପେ ସବୁ ଜାତ
ପୃଥିବୀରୁ ଜାତ ନାନା ରତନ ପଦାର୍ଥ ।
ପୃଥିବୀକି ହେ ରାଜନ ରତ୍ନ ବୋଲି କହି
ଜଗତ ମନରେ ନାମ ମେଦିନୀ ବୋଲାଇ ।
ଆବର ଭିଆଣ ଯାହା କିଛି ନୋହିଥିଲା
ଫଳପୁଷ୍ପ ମୂଳ କରି ଧାତା ବାହୁଡ଼ିଲା
ରାଜାମାନେ ଛନ୍ତି ସଙ୍ଗେ ଅଶ୍ୱ ଆରୋହିଣ
ଆବର ସଙ୍ଗେ ଅଛନ୍ତି ଋଷି ବିପ୍ରଗଣ ।
ଅନେକ ଦେବ ସର୍ଜନା କରି ଦେବବର
ହଂସ ବାହନରେ ବସି ହୋଇଲେ ବାହାର ।
ବ୍ରାହ୍ମଣ ରାଜା ଋଷିଙ୍କୁ ସଙ୍ଗତରେ ଘେନି
ଆବର ଜନ୍ମିଣ ଥିଲେ ଯେତେକ ମେଦିନୀ ।
ବ୍ରହ୍ମାଙ୍କ ସଙ୍ଗରେ ସର୍ବେ କରିନ୍ତି ଗମନ
ପ୍ରବେଶ ହୋଇଲେ ଯାଇ ଅମର ଭୁବନ ।
ସୁଧର୍ମା ସଭାରେ ଆସି ହେଲେ ଏକମେଳ
ବସିଲେ କଶ୍ୟପ ସଙ୍ଗେ ଘେନି ଲୋକପାଳ ।
ବିଷ୍ଣୁରୁଦ୍ର ଅଇଲେ ଯେ ଦକ୍ଷ ପ୍ରଜାପତି
ବଳୀ ଦଇତ୍ୟ ସଭାରେ ହେଲା ଉପସ୍ଥିତି ।
ସକଳ ଦେବତାବୃନ୍ଦ ସଭାରେ ବସିଲେ
ବିଷ୍ଣୁଙ୍କୁ ଚାହିଁ ବିଧାତା ଏମନ ବୋଇଲେ ।
ଇନ୍ଦ୍ର କାହାକୁ କରିବୁ କହ ନାରାୟଣ
ଜଗତଯାକ ତ ସବୁ ହୋଇଲା ଭିଆଣ ।
ଜଳ ବରଷିଲେ ହେବ ସୁସ୍ଥ ବସୁନ୍ଧରୀ
ନୋହିଲେ ଏସବୁ ବ୍ୟଥା ହେବ ଚକ୍ରଧାରୀ ।
ବିଷ୍ଣୁ ବୋଇଲେକ ଯାହା ବୋଇଲୁ ତୁ ସତ
ଇନ୍ଦ୍ର ନୋହିଲେ କେମନ୍ତେ ରହିବ ଜଗତ ।
କଶ୍ୟପ ଚାହିଁ ବୋଇଲେ ଦେବ ନାରାୟଣ
ତୁମ୍ଭ ପୁତ୍ର ବିଦିତକୁ ବେଗେ ଯାଇ ଆଣ ।
ଶୁଣି କଶ୍ୟପ ପେଶିଲେ ଏକ ବିଦ୍ୟାଧରେ
ସେ ଯାଇଣ ଜଣାଇଲା ବିଦିତ ଛାମୁରେ ।
ପିତା ଆଜ୍ଞା ତବ ଆସ ସୁଧର୍ମାକୁ ଯିବ
ଇନ୍ଦ୍ର ପଦରେ ଆଜହୁଁ ସେଠାରେ ବସିବ ।
ଶୁଣିଣ କଶ୍ୟପ ସୁନୁ ହେଲା ତତପର
ବିଦ୍ୟାଧର ସଙ୍ଗେ ତହୁଁ ଆସିଲା କୁମର ।
ସୁଧର୍ମା ସଭାରେ ଆସି ତକ୍ଷଣେ ମିଳିଲା
ପିତାଙ୍କର ଚରଣରେ ନମସ୍କାର କଲା ।
ବ୍ରହ୍ମା ବିଷ୍ଣୁଙ୍କ ଚରଣେ କଲା ନମସ୍କାର
ଧାତା ବସାଇଲେ ତାକୁ ଧରି ତାର କର ।
ବିଧାତା ବୋଇଲେ ତହୁଁ କଶ୍ୟପଙ୍କୁ ଚାହିଁ
ଇନ୍ଦ୍ର ପଦରେ ପୁତ୍ରକୁ ବସାଅନ୍ତୁ ନେଇ ।
ସହଜରେ ପୁତ୍ରଟିର ବିଦିତଟି ନାମ
ଇନ୍ଦ୍ରପଦରେ ବସିବ ହୋଇଲା ଉତ୍ତମ ।
ରୁଦ୍ର ବୋଇଲେ କଶ୍ୟପ ଜାଣି ଏ ବିଷୟ
ଜନ୍ମ କରାଇ ଅଛନ୍ତି ବିଦିତ ତନୟ ।

Digitized by srujanika@gmail.com

ସେ ହେତୁ ପୁତ୍ର ଇନ୍ଦ୍ରଙ୍କ ପଦରେ ବସିଲା
ବିହିତକୁ ଇନ୍ଦ୍ରପଦ ସୁନ୍ଦର ସାଜିଲା ।
ଶଙ୍କରଙ୍କ ବଚନରେ ହେଲେ ସର୍ବେ ତୋଷ
ଶୁଣିକରି କଶ୍ୟପ ଯେ ହେଲେ ହସ ହସ ।
କଶ୍ୟପ ବୋଇଲେ ବ୍ରହ୍ମା ବିଷ୍ଣୁ ରୁଦ୍ରେ ଚାହିଁ
ମୋ ପୁତ୍ରକୁ ଇନ୍ଦ୍ରପଦେ ବସାଇଛ ନେଇ ।
ତୁମ୍ଭେ ସବୁ ସମୟରେ ହୋଇଥିବ ସଖା
କାଳେ ମୋ ପୁତ୍ରକୁ ପୁଣି ନ କର ନା ରକ୍ଷା ।
ଦୋଷାଦୋଷ ସବୁ ଯେତେ ତାହାର ସହିବ
ଇନ୍ଦ୍ର ପଦକୁ ତାହାର କାଟ ନ କରିବ ।
ତୁମ୍ଭେ ପଦ୍ମନାଭ ଏକା ଶୁଣ ମୋର ବାଣୀ
ପୁତ୍ରକୁ ମୋ ସଖା ତୁମ୍ଭେ ଥିବ ଚକ୍ରପାଣି ।
କଶ୍ୟପ କହନ୍ତେ ସର୍ବେ ହୋଇଲେକ ତୋଷ
ଦକ୍ଷ କର ଟେକି ବିଷ୍ଣୁ କହିଲେ ଏ ଭାଷ ।
ତୋହର ପୁତ୍ରକୁ ମୁହିଁ ସଖା ସବୁକାଳେ
ଶତ୍ରୁ ଉପଗତ ହେଲେ ସଂହାରିବି ବଳେ ।
ଏଥିକି ବିଚାର କିଛି ନ କର ମନରେ
ଶୁଣି କଶ୍ୟପ କହନ୍ତି ତାଙ୍କୁ ବିନୟରେ ।
ଯେଉଁ ବିଷୟ ତୁମ୍ଭଙ୍କୁ କରିଲି ଜ୍ଞାପନ
ଆପଣ କି ସେ କଥା ନ ଜାଣ ଭଗବାନ ।
ଏହୁ ଇନ୍ଦ୍ର ପଦ ଗୋଟି ବଡ଼ାଇ ସମ୍ପଦ
କାଳେ ଆସି ଦୁଷ୍ଟଲୋକ କରିବେ ପ୍ରମାଦ ।
ଇନ୍ଦ୍ରପଦେ ବସିବାକୁ ସମସ୍ତଙ୍କ ମନ
ଉପଦ୍ରବ କରିବେକ ଦୁଷ୍ଟ ମୂର୍ଖଜନ ।
ଆବର ଜନେ କରନ୍ତି ବସି ଜପ ତପ
ଏରୂପେ ସୁର ପୁରରେ ହୋଇବାକୁ ନୃପ ।
ତେଣୁକରି ଦୃଢ଼କଥା କହୁଅଛି ଏଥେ
ଦେବତା ସହ ଆପଣ ଶୁଣନ୍ତୁ ସମସ୍ତେ ।
ଏହାକୁ ଇନ୍ଦ୍ରପଦରେ ବସାଉଛ ତୁମ୍ଭେ
ତୁମ୍ଭର ବଚନ ଭାଙ୍ଗି ନ ପାରେ ମୁଁ କେଭେ
ତୁମ୍ଭେ ସ୍ୱୟଂ ନାରାୟଣ ଜଗତର ତାତ
ବସୁ ଇନ୍ଦ୍ରପଦେ ଯେବେ ଦୟାକଲୁ ନାଥ ।
ଶୁଣିକରି ନାରାୟଣ ସନ୍ତୋଷ ହୋଇଲେ
ଇନ୍ଦ୍ର ମୁଖକୁ ଚାହିଁଣ ଏମନ୍ତ ବୋଇଲେ ।
ଏ ସ୍ୱର୍ଗପୁରରେ ସୁଖେ ବସ ହୋଇ ରାଜା
ଗନ୍ଧର୍ବ କିନ୍ନର ତୋତେ କରନ୍ତୁ ଯେ ପୂଜା ।

ଚାରିମେଘେ ତୋ ଆଜ୍ଞାରେ ସଦା ରହିଥିବେ
ଯେମନ୍ତେ ବୋଲିବୁ ଦୃଷ୍ଟି ତେମନ୍ତେ କରିବେ
ତିନି ଭୁବନରେ ତୁହି ହେଲୁ ଏବେ ରାଜା
ତିନିପୁର ଲୋକ ତୋତେ କରିବେକ ପୂଜା ।
ଏମନ୍ତ ଶୁଣିଣ ଇନ୍ଦ୍ର କଲେ ସନମତ
ତତକ୍ଷଣେ ନାରାୟଣ ରାଇଲେ ମେଘାନ୍ତ ।
ଆବର୍ତ୍ତକ ସମ୍ବର୍ତ୍ତକ ପୁଷ୍କର ଯେ ଦ୍ରୋଣ
ଦେବ ସଭାରେ ବସିଣଥିଲେ ଚାରିଜଣ ।
ମେଘଙ୍କୁ ଚାହିଁ ବୋଇଲେ ଦେବ ଚକ୍ରଧର
ଆଜ୍ଞାକାରୀ ହୋଇ ଏବେ ରହ ଇନ୍ଦ୍ରଙ୍କର ।
କଶ୍ୟପଙ୍କ କୁମାରଙ୍କୁ ଇନ୍ଦ୍ର କଲୁ ଆମ୍ଭେ
ୟାଙ୍କ ଆଜ୍ଞାକାରୀ ସଦା ହୋଇଥିବ ତୁମ୍ଭେ ।
ବେଳକାଳ ଜାଣି ଜଳ ପୃଥ୍ୱୀରେ ବର୍ଷିବ
ଯେମନ୍ତେ ଜଗତେ ଶସ୍ୟ ଉତ୍ପନ୍ନ ହୋଇବ ।
ଅନାବୃଷ୍ଟିରେ ଶସ୍ୟକୁ ନ କରିବ ନାଶ
ଯେଉଁରୂପେ ଜୀବଗଣେ ନୋହିବେ ହତାଶ ।
ବରଷକେ ରୀତିମତେ ମେଘ ବରଷିବ
ସମ୍ବତ୍ସରେ ଇନ୍ଦ୍ରଠାରୁ ଶାଢ଼ୀକି ଘେନିବ ।
ସମୁଦ୍ରରେ ଜଳବୃଷ୍ଟି କରୁଥିବ ଆଣି
ଯେଉଁ ସିନ୍ଧୁର ଯେ ବର୍ଷା ନେବ ବେଦଭଣି
ଯେଉଁ ଦେଶରେ ଯେମନ୍ତ କୃଷିର ସ୍ୱଭାବ
ଯେମନ୍ତ ହେବ ସେ ତହିଁ ତେମନ୍ତ ବର୍ଷିବ ।
ଗୋରୁ ବ୍ରାହ୍ମଣ ଜନ୍ତୁଏ ନ ପାଇବେ ଦୁଃଖ
ପ୍ରଜାମାନଙ୍କ ଯେମନ୍ତ ସଦାହେବ ସୁଖ ।
ମିଥୁନ ମାସରୁ ଜାଣ କାର୍ତ୍ତିକ ପର୍ଯ୍ୟନ୍ତେ
ଋତୁରେ ବର୍ଷିଲେ ଶସ୍ୟ ପୂରିବି ଜଗତେ ।
ବିଷ୍ଣୁଙ୍କ ବାକ୍ୟେ ସନ୍ତୋଷ ହେଲେ ମେଘଗଣ
ତୁମ୍ଭର ଆଜ୍ଞା ଭୋଦେବ ଆମ୍ଭର ପ୍ରମାଣ ।
ରହିଲୁ ଇନ୍ଦ୍ର ଅଧୀନେ ସେ ଆମ୍ଭ ଈଶ୍ୱର
ଶୁଣି ସନ୍ତୋଷ ହୋଇଲେ ଦେବ ଚକ୍ରଧର
ଆପଣ ଆଜ୍ଞା ଆମ୍ଭଙ୍କୁ କଲେ ଯେଉଁ ମତେ
ଇନ୍ଦ୍ର ଆଜ୍ଞାରେ ପୃଥ୍ୱୀକି ପାଳିବୁ ସେ ମତେ
ଆବର କଥାଏ ଅଛି ଆମ୍ଭରି ଗୁହାରି
ଭୋଦେବ ଶୁଣିମା ହେଉ ତ୍ରୈଲୋକ୍ୟାଧିକାରୀ
ପାଳିବାବେଳେ ସଙ୍ଗତେ ଘେନି ଆମ୍ଭ ସୈନ୍ୟ
ବରଷା କରିବୁ ଆମ୍ଭେ ଏ ମଧ୍ୟ ଭୁବନ ।

Digitized by srujanika@gmail.com

ସେବେଳେ ଚଡ଼କ ବଜ୍ରବାଣ ପ୍ରହାରିବୁ
ଅକସ୍ମାତେ ଗୋ ବ୍ରାହ୍ମଣ ମଲେ କି କରିବୁଁ
ସେକାଳେ ଦୋଷ ଯଦ୍ୟପି ଦେବଟି ଆମ୍ଭଙ୍କୁ
ଏଥିକି କି ହେବ ଦେବ ପଚାରୁ ତୁମ୍ଭଙ୍କୁ
ଶ୍ରୀହରି ବୋଇଲେ ତୁମ୍ଭେ ପୁଚ୍ଛିଲ ଯା ସତ
ସେ କଥାକୁ ଯେବେ ତୁମ୍ଭେ କରୁଅଛ ଭୀତ ।
ନର ଜନ୍ତୁଙ୍କୁ କଦାପି ଘାତ ନ କରିବ
ଅକସ୍ମାତେ ବାଜିଲେଟି ଦୋଷ ନ ଆସିବ ।
ଜାଣିକରି ତୁମ୍ଭେମାନେ ମାରିବଟି ଯେବେ
ଦୋଷ ଲାଗିବ ନିଶ୍ଚୟ କହୁଅଛୁ ଆମ୍ଭେ ।
ଏମନ୍ତ ଶୁଣି ସନ୍ତୋଷ ହୋବଲେ ସମସ୍ତେ
ଜନଙ୍କୁ ମାରିବୁ ନାହିଁ ଆମ୍ଭେ କଦାଚିତେ ।
ଅନାୟତ୍ତେ ବାଜେଯେବେ ଆମ୍ଭ ଦୋଷ ନାହିଁ
ଶୁଣି ସମ୍ମତ କରିଲେ ଦେବ ଭାବଗ୍ରାହୀ ।
ତକ୍ଷଣେ ଉଠିଲେ ସଭା ମଧ୍ୟୁ ନାରାୟଣ
ବ୍ରହ୍ମା ରୁଦ୍ର ସହ ଉଠିଲେକ ଦେବଗଣ ।
ଋଷି ଅସୁର ମନୁଷ୍ୟ ଯେତେ ଥିଲେ ତହିଁ
ଅମରାବତୀକି ସର୍ବେ ଗଲେ ମେଳ ହୋଇ ।
ଅମରାବତୀପୁରରେ ହୋଇଲେ ପ୍ରବେଶ
ସଙ୍ଗତେ ଘେନିଅଛନ୍ତି କଶ୍ୟପର ଶିଷ୍ୟ ।
ଇନ୍ଦ୍ରଙ୍କ ଭୁବନ ସେହି ଅମର ନଗରୀ
ରତ୍ନେ ନିର୍ମିତ ତା ଶୋଭା କେହୁ କହିପାରି ।
ସୁବର୍ଣ୍ଣର ଖମ୍ଭ ସବୁ ସୁବର୍ଣ୍ଣର ଶ୍ରେଣୀ
ନୀଳାର ଗୁରୁଜ ତହିଁ ସୁବର୍ଣ୍ଣ ଛାଉଣୀ ।
ସୁବର୍ଣ୍ଣର ନଇଗଣ୍ଠି ସୁବର୍ଣ୍ଣର ବତା
କାଛ ସୁବର୍ଣ୍ଣରେ ଝଳି ପିତୁଳି ମୁକତା ।
ମାଣିକ୍ୟ ବସିଛି ପୁଞ୍ଜ ପୁଞ୍ଜ ତାରା ଜିଣି
ସୁବର୍ଣ୍ଣ ଗଡ଼ା ସୁବର୍ଣ୍ଣେ ହୋଇଛି ଛାଉଣି ।
ସୁବର୍ଣ୍ଣେ ନାନାରକମେ ଗଢ଼ିଛି ବିନ୍ଧାଣି
ହୀରା ନୀଳା ମୋତି ମାଣିକ୍ୟରେ ଜଡ଼ି ପୁଣି
ସୁନା ସୁତାରେ ଓହଳେ ମୋତି ଝୁମ୍ପାମାନ
ସୁବର୍ଣ୍ଣ ଜଗତୀ ଅତି ଦିଶେ ଶୋଭାବନ ।
ନାନାବର୍ଣ୍ଣ ରତ୍ନଖମ୍ଭେ ଶୋଭା ଦିଶେ ସେହୁ
ହୀରାମାଣିକ୍ୟ ଜ୍ୟୋତିରେ ଦିଶେ ଦାଉ ଦାଉ
ରତ୍ନ ଜ୍ୟୋତିରେ ସେ ପୁର ଦିଶେ ଦିବାପ୍ରାୟ
ପାଚେରୀ ବୁଲିଛି ତାର ସବୁ ସ୍ୱର୍ଣ୍ଣମୟ ।

ବିଶ୍ୱକର୍ମା ଗଢ଼ିଅଛି ନିଜେ ଯେଉଁ ନାରୀ
ସେ ଇନ୍ଦ୍ର ଭୁବନ ଆଉ କାହିଁ ନାହିଁ ସରି ।
ଦେଖିଣ ସବୁ ଦେବତା ପ୍ରଶଂସା କରନ୍ତି
ଧନ୍ୟ ଧନ୍ୟ ଏହିପୁର ମନେ ବିଚାରନ୍ତି ।
ବଢ଼ାଇ ସମ୍ପଦ ଏତ ଅଟେ ଇନ୍ଦ୍ର ଭୋଗ
କଶ୍ୟପ ପୁତ୍ରକୁ ଥିଲା ଏସନକ ଯୋଗ ।
ବିଷ୍ଣୁଙ୍କୁ ଚାହିଁ ବୋଲନ୍ତି ତହିଁ ବେଦବର
ଇନ୍ଦ୍ରପଦେ ଅଭିଷେକ କର ଚକ୍ରଧର ।
ନାରାୟଣ ବୋଇଲେକ ଶୁଣ ଚଉମାଥ
ପତ୍ନୀ ନାହିଁ ଅଭିଷେକ ହୋଇବ କେମନ୍ତ ।
ଯୁବତୀ ସିନା ଗୃହକୁ ଅଟଇ ଭୂଷଣ
ପୁରୁଷମାନଙ୍କ ସ୍ତିରୀ ଅର୍ଦ୍ଧଅଙ୍ଗ ଜାଣ ।
ଯୁବତୀ ତାଙ୍କର ନାହିଁ ହେଉଅଛି କିସ
କେମନ୍ତେ ଇନ୍ଦ୍ର ପଦରେ ହୋଇବ ନରେଶ
ନାରାୟଣଙ୍କ ଆଜ୍ଞାରେ ଦେବ ଦେବ ହର
ପୁଲୋମାକୁ ସନ୍ନିଧକୁ ଡାଇଲେ ସତ୍ୱର ।
ବୋଇଲେ ତୋ ଦୁହିତାକୁ ଆଣ ଯା ଝଟତି
ଆଜ୍ଞାମାତ୍ରେ ଦୁହିତାକୁ ଘେନି ମିଳେ ଧାତି ।
ରାଜା ପୁଚ୍ଛିଲେ ପୁଲୋମା କାହୁଁ ହେଲା ଜାତ
ନାରଦ ବୋଇଲେ ବ୍ରହ୍ମା ପୂଜାରୁ ସମ୍ଭୂତ ।
ତେଣୁ ହେ ରାଜା ପୁଲୋମା ନାମ ଦେଇଥିଲେ
କନ୍ୟା ଏକ ଦେଇ ତାକୁ ସ୍ୱର୍ଗରେ ରଖିଲେ ।
ଲକ୍ଷ୍ମୀପ୍ରାୟେ ସେ କନ୍ୟାର ପ୍ରକାଶଇ ଜ୍ୟୋତି
ନିର୍ଦ୍ଧୂମ ଅନଳ ପ୍ରାୟ ଦିଶେ ଦେହକାନ୍ତି ।
ଅପୂର୍ବ ସୁନ୍ଦରୀ ତାକୁ ନାହିଁ ପଟାନ୍ତର
ବର୍ଷେକେ ଲକ୍ଷଣ ବର୍ଣ୍ଣି ନୋହିବଟି ତାର ।
ବସ୍ତ୍ର ଅଳଙ୍କାରେ ସେହୁ ହୋଇଛି ଭୂଷଣ
ଶରୀର ବିକାଶେ କି ତା ସୁବର୍ଣ୍ଣେ ରସାଣ ।
ନୟନ ଦୁଇଟି ତାର ପିଙ୍ଗଳ ବରନ
ଚିର ଇନ୍ଦ୍ରକେ ନଥିବ ଇନ୍ଦ୍ର ଆନ ଆନ ।
ଜାଣିଣ ବ୍ରହ୍ମା ତାହାକୁ କିଛି ନ କହିଲେ
ସଭା ନିକଟରେ ଏକ ବେଦି କରାଇଲେ ।
ଦେଖିକରି ଦେବତାଏ ହେଲେ ଆନନ୍ଦିତ
ଏ ଉତ୍ତାରୁ ଯାହା ହେଲା ଶୁଣ ନରନାଥ ।
ଶଚୀକନ୍ୟା କର ଧରି ନିଜେ ପ୍ରଜାପତି
ବାସବଙ୍କ ସମୀପରେ ତାହାଙ୍କୁ ଅର୍ପନ୍ତି ।

Digitized by srujanika@gmail.com

ଇନ୍ଦ୍ରଙ୍କ କତିରେ ତାଙ୍କୁ ସମର୍ପିଲେ ନେଇ
କିରୀଟ କୁଣ୍ଡଳ ଦେଲେ ବିଶ୍ୱକର୍ମା ଯାଇ ।
ହସ୍ତଗ୍ରନ୍ଥି ବାନ୍ଧି ଅନଳରେ ହୋମ କଲେ
ରତ୍ନବସ୍ତ୍ରମାନ ଗଇଣ୍ଠାଳ ବନ୍ଧାଇଲେ ।
ବିବାହ ବିଧାନ ଶେଷ କରିରେ ସକଳ
ଅଭିଷେକରେ ଆଶିଷ ଦ୍ୟନ୍ତି ଲୋକପାଳ ।
ନିଜେ ନାରାୟଣ ଶାଢ଼ୀ ଘେନି ସ୍ୱହସ୍ତରେ
ଦେବାଙ୍ଗ ବସ୍ତ୍ର ଭରିଲେ ଇନ୍ଦ୍ରଙ୍କ ଗଳାରେ ।
ଛତ୍ର ଧରାଇଣ ପ୍ରଭୁ କଲେ ଶଙ୍ଖଧ୍ୱନି
ବେଦ ପଠନ କରନ୍ତି ନିଜେ ପଦ୍ମଯୋନି ।
ଇନ୍ଦ୍ର ଦେବ ନିଜେ ଶାଢ଼ୀ ଘେନିଣ ରଥରେ
ବାନ୍ଧିଲେ ସନ୍ତୋଷେ ଚାରିମେଘଙ୍କ ଶିରରେ ।
ଇନ୍ଦ୍ରେ ନମସ୍କାର ଆଗ କଲେ ନାରାୟଣ
ଆବର କର ଯୋଡ଼ିଲେ ଥିବା ସୁରଗଣ ।
ସ୍ୱର୍ଗରେ ଇନ୍ଦ୍ର କରିଣ ସୁଧର୍ମାକୁ ଗଲେ
ବିଶ୍ୱକର୍ମା ଇନ୍ଦ୍ର କରେ ବଜ୍ର ସମର୍ପିଲେ ।
ଆଗରୁ ଭିଆଇ ତାହା ଥିଲେ ନାରାୟଣ
ବିଶ୍ୱକର୍ମା କରିଥିଲା ତାହାକୁ ନିର୍ମାଣ ।
ସେ ବଜ୍ରକୁ ପାଇ ତୋଷ ହେଲେ ପୁରନ୍ଦର
ବିଶ୍ୱକର୍ମା ତାଙ୍କ ନାମ ଦେଲେ ବଜ୍ରଧର ।
ନାରାୟଣ ଶର ବିଷ୍ଣୁ ନିକଟରୁ ଜାତ
ବ୍ରହ୍ମଶର ବ୍ରହ୍ମଠାରୁ ହୋଇଛି ସମ୍ଭୂତ ।
ନାନା ଶସ୍ତ୍ରମାନ ବିଶ୍ୱକର୍ମା ଯତ୍ନ କଲେ
ସେ ଆୟୁଧମାନନେଇ ଦେବତାଙ୍କୁ ଦେଲେ ।
ପୁଣି ବିଶ୍ୱକର୍ମା କଲେ ନାନା ବାଦ୍ୟମାନ
ଦୁନ୍ଦୁଭି ମର୍ଦ୍ଦଳ ଆଉ ମୃଦଙ୍ଗ ଭିଆଣ ।
ଧନୁର୍ବେଦ ଗନ୍ଧର୍ବାଦି ଦଣ୍ଡ ବେଦମାନ
ଶିଶୁଦେବ ସହ କାଳେ କରିବେ ଭିଆଣ ।
ଇନ୍ଦ୍ରଦ୍ୟୁମ୍ନଙ୍କୁ କହନ୍ତି ସେ ନାରଦ ମୁନି
ମତ୍ସ୍ୟପୁରାଣର ଏହି ପବିତ୍ର କାହାଣୀ ।
ଶ୍ରୀ ମତ୍ସ୍ୟନାରାୟଣଙ୍କ ଚରଣ କମଳ
ଶତସହସ୍ର ପ୍ରଣମି ଭଜେ କାମପାଳ ।
ଇତି ଶ୍ରୀ ମତ୍ସ୍ୟପୁରାଣେ ନାରଦ ଇନ୍ଦ୍ରଦ୍ୟୁମ୍ନ
ସମ୍ବାଦେ ଇନ୍ଦ୍ର ବୃତ୍ତାନ୍ତ ବର୍ଣ୍ଣନଂ
ନାମ ନବମୋଽଧ୍ୟାୟଃ ।

ଦଶମ ଅଧ୍ୟାୟ
ଗରୁଡ଼ ଜନ୍ମ ଓ ତାହାର ବିବରଣ

ରାଜା ପଚାରନ୍ତି ପୁଣି ଶୁଣ ତପୋବନ୍ତ
ଗରୁଡ଼ ଯେ କେତେକାଳ ହୋଇଲେକ ଜାତ
ଭୋ ମୁନି ଏକଥା ମୋତେ ସଂକ୍ଷେପିଣ କହ
ମତ୍ସ୍ୟ ପୁରାଣକୁ ଶୁଣି ଯାଉ ମାୟାମୋହ ।
ଯା ଶୁଣି କହିଲେ ମୁନି ଶୁଣ ନୃପବର
ଯେଉଁ ରୂପରେ ଜନମ ହେଲେ ଖଗେଶ୍ୱର ।
ଆଦ୍ୟରେ ଅରୁଣ ଜାତ ହେଲେ ନରନାଥ
କହୁଅଛି ଶୁଣ ଏବେ ତହିଁର ତଦନ୍ତ ।
ବହୁଦିନ ଗତ ହେଲା ନୁହନ୍ତେ କେ ଜନ୍ମ
ଗୋଟିଏ ଡିମ୍ବ ଭାଙ୍ଗିଲେ ବିନତା ବହନ ।
ତତକ୍ଷଣେ ତହୁଁ ପୁତ୍ରେ ହୋଇଲାକ ଜାତ
ପାଦ ପାଣି ନାହିଁ ଦେହ ରକତର ମତ ।
ଦେଖି ହାହାକାର କରି କାନ୍ଦେ ତା ଜନନୀ
କିକର୍ମ କଲ କହିଲେ ସେ କଶ୍ୟପ ମୁନି ।
ସମୟରେ ତାର ସୁଖେ ହୋଇଥାନ୍ତା ଜାତ
ଜାଣୁ ଜାଣୁ ଏବେ ତୁମ୍ଭେ କଲ ମନ୍ଦ କୃତ୍ୟ ।
ବିନତା ବୋଇଲେ ଯହୁଁ ନୋହିଲା ଜନମ
ଦେଖିବି ବୋଲି ତାହାକୁ କରିଲି ଭଗନ ।
ଗଲା କଥାକୁ ଶୋଚନା କରିଲେ କି ହେବ
ଯାହା ସେ ଭିଆଣ କରିଅଛନ୍ତି ଦଇବ ।
ଏବେ ଏ ପୁତ୍ର ଗୋଟିକୁ ପାଳ ଯତ୍ନ କରି
ବୁଢ଼ା ହୋଇଥାଉ ଘରେ ପୁତ୍ର ଏହିପରି ।
ରକତ ବରନ ପରି ଦିଶଇ କିରଣ
ତେଣୁ କଶ୍ୟପ ତା ନାମ ଦେଲେକ ଅରୁଣ ।
ସେ ପୁତ୍ର ଗୋଟିକି ଯତ୍ନେ ବିନତା ପାଳିଲେ
ସୁରଭିର କ୍ଷୀର ଖାଇ ସେ ପୁତ୍ର ବଢ଼ିଲେ ।
ଭୟକରି ନ ଭାଙ୍ଗିଲେ ଅନ୍ୟ ଡିମ୍ବ ଗୋଟି
ବିନତା ବୋଇଲେ ଜନ୍ମୁ ତା ଇଚ୍ଛାରେ ଫଟି
ଏହି ରୂପେ ଗତ ହେଲା ତହୁଁ କେତେଦିନ
ଆଦିତ୍ୟ କହିଲେ ଦିନେ କଶ୍ୟପେ ଚାହିଁଣ ।
ଭୋ ପିତା କଥାଏ ମୁହିଁ ମାଗିବି ତୁମ୍ଭଙ୍କୁ ।
ମୋ ରଥେ ଥିବ ଅରୁଣ ଦିଅନ୍ତୁ ଆମ୍ଭଙ୍କୁ ।
ରଥ ମୁଁ ବାହିଣ ନିତି ଉଦୟ ହୁଅଇ
ଏ ରୂପେ ବହୁତ କଷ୍ଟ ପାଉଅଛି ମୁହିଁ ।

Digitized by srujanika@gmail.com

ସହଜରେ ପାଦପାଣି ନାହିଁ କୁମରର
ଆଜ୍ଞା ଦିଅ ରଥେ ବସି ବହୁ ରହୁବର ।
ବାରମାସେ ବାର ସୂର୍ଯ୍ୟ ଆମ୍ଭେ ହେଉଁ ଉଦେ
ସନ୍ନୁ ସୂର୍ଯ୍ୟ ସଙ୍ଗେ ରଥ ଚଳାଇବ ହାଦେ ।
ସୂର୍ଯ୍ୟ ବଚନେ କଶ୍ୟପ ସନମତ କଲେ
ଅରୁଣକୁ ନେଇ ସୂର୍ଯ୍ୟ ପାଶେ ସମର୍ପିଲେ ।
ତାଙ୍କ ରଥରେ ସେ ଦିନୁ ବସିଲା ଅରୁଣ
ବାହିଲା ସେ ରହୁବର ବିଚିତ୍ର କରିଣ ।
ରାଜା ପୁଚ୍ଛିଲେ ତାର ତ ନାହିଁ ପାଦ ପାଣି
ସୂର୍ଯ୍ୟଙ୍କ ରଥ କିପରି ବାହିଲାକ ପୁଣି ।
ଋଷି କହିଲେ କଶ୍ୟପ ଦେବା ମନ୍ତ୍ରବଳେ
ରହୁବରକୁ ଉଡାଏ ଗଗନ ମଣ୍ଡଳେ ।
କଶ୍ୟପ ତାହାକୁ ଦେଇଛନ୍ତି ମନ୍ତ୍ରବିଦ୍ୟା
ସେ ମନ୍ତ୍ରେ ଗଗନେ ରଥ ଚାଲୁଥାଏ ସିଧା ।
ଶୁଣିକରି ନରପତି ସନ୍ତୋଷ ହୋଇଲେ
ଗୁରୁଡ଼ଙ୍କ ଜନ୍ମ କଥା ଋଷିଙ୍କୁ ପୁଚ୍ଛିଲେ ।
ନାରଦ ବୋଇଲେ ରାଜା ଶତବର୍ଷ ପରେ
ଫାଟି ଡିମ୍ବଗୋଟି ଜାତ ହୋଇଲା କୁମରେ ।
ସୁବର୍ଣ୍ଣ ବର୍ଣ୍ଣ ଶରୀର ଦିଶେ ସେ ଦୁଲାଳ
ପାଦ ପକାନ୍ତେ ସ୍ୱରଗ ହେଲା ଟଳମଳ ।
କଶ୍ୟପ ଚକିତ ହେଲେ ଏ ଘଟଣା ଦେଖି
ସେ ପୁତ୍ରର ବଦନକୁ ଚାହାନ୍ତି ନିରେଖି ।
ଆଣ୍ଟେ ପାଦ ପକାଅନ୍ତେ କମ୍ପେ ମେରୁସ୍ଥଳୀ
କି ହୁଏ ଏହି ଘଟଣା ଦିଗପାଳେ ଭାଳି ।
ବୁଝିଣ ଜାଣିଲେ ହେଲା କଶ୍ୟପର ସୁତ
ସେ ପାଦ ପକାନ୍ତେ ସ୍ୱର୍ଗ ହୁଅଇ କମ୍ପିତ ।
ସକଳ ଦେବତା ତହିଁ ମିଳିଲେକ ଯାଇଁ
କଶ୍ୟପଙ୍କ ବଦନକୁ ବୋଲୁଛନ୍ତି ଚାହିଁ ।
ତୋହର ସକାଶେ ସବୁ ବୁଡ଼ିବ ସଂସାର
ଜାତ କରିଛୁ କାହିଁକି ଏ ଦୁଷ୍ଟ କୁମର ।
ଏହା ପଦାଘାତେ ପୃଥ୍ୱୀ ହେବ ନିଶ୍ଚେ ହତ
ପୁତ୍ରକୁ ତୋର ତିଆରି ରଖ ତପୋବନ୍ତ ।
କଶ୍ୟପ ବୋଇଲେ କିମ୍ପା ଭାଳ ସୁରଗଣ
ପୁତ୍ରକୁ ରଖିବି ମୁହିଁ ମୋର ସମ୍ଭାଳିଣ ।
ଶୁଣିକରି ଦେବତାଏ ସନ୍ତୋଷ ହୋଇଲେ
ଗୁରୁଡ଼ର ସମ୍ମୁଖରେ କଶ୍ୟପ ମିଳିଲେ ।

ପିତାଙ୍କୁ ଦେଖି ଗରୁଡ଼ କଲା ନମସ୍କାର
କଲ୍ୟାଣ କରିଣ ପିତା ବୋଲନ୍ତି ଏ ଗିର ।
ତୋର ପଦାଘାତ ବାବୁ ନ ସହଇ ମହୀ
ଶତେକ ବର୍ଷ ଗଗନେ ଥାଅ ତୁହି ରହି ।
ଶଏବର୍ଷ ଯାଏ ତୁହି ଗଗନେ ଉଡିବୁ
ତହିଁ ଉତ୍ତାରୁ ଯାଇଣ ବିଶ୍ରାମ ପାଇବୁ ।
ଗରୁଡ଼ ନାମ ତୋହର ହୋଇଲା କୁମର
ଯାଅ ତୁ ବିଶ୍ରାମ ଦେବେ ତୋତେ ଚକ୍ରଧର
ଯା କହି ରତ୍ନମୁକୁଟ ଶିରେ ବାନ୍ଧିଦେଲେ
ଦେବାଙ୍ଗ ବସ୍ତ୍ର ପୁତ୍ରକୁ ଆଣି ପିନ୍ଧାଇଲେ ।
ଗରୁଡ଼ ମାଗେ ଆଧାର ଦିଅ ତାତ ମୋତେ
ସମ୍ଭାଳି ପାରିବୁ ନାହିଁ ଯେବେ ଗୃହଗତେ ।
କଶ୍ୟପ ବୋଇଲେ ମାଗ ମାତାକୁ ଆଧାର
ମାତାକୁ ଯାଇ ବୋଲଇ ତହୁଁ ଖଗବର ।
ଭୋ ଜନନୀ କି ଖାଇବି ଆଧାର ତୁ ଦିଅ
କ୍ଷୁଧାରେ ଆତୁର ହେଉଅଛି ମୋରଦେହ ।
ଏମନ୍ତ ଶୁଣି ବିନତା ହୋଇଲେ ଚକିତ
ଗରୁଡ଼ ମୁଖକୁ ଚାହିଁ ବୋଇଲେ ଯେ କାତ ।
ଅଳପ ଆହାର ବାବୁ ନ ଅଣ୍ଟିବ ତୋତେ
ବହୁତ ଆହାର କାହୁଁ ଯୋଗାଇବି ତୋତେ
ଏତେ ବୋଲି ସୁଧାମୟ କ୍ଷୀର ଫଳ ଦେଲେ
ତାହା ଖାଇଣ ଗରୁଡ଼ ଆଉ ଦେ ମାଗିଲେ ।
ଜନନୀ ବୋଇଲେ ଆଉ କିଛି ନାହିଁ ସୁତେ
ତୁ ଏବେ ଭ୍ରମିଣ ଫଳ ଖାଅ ଯା ଜଗତେ ।
ସର୍ପ ସମୁଦ୍ରେ ଅଛନ୍ତି ବହୁ ସର୍ପମାନେ
ତାହାଙ୍କୁ ଭକ୍ଷି ଉଦର ଭର ତୁଷ୍ଟମନେ ।
ଅନ୍ୟକିଛି ଦେଇକରି ନ ପାରିବି ତୋଷ
ମାତା ବଚନେ ଉଡିଲା କଶ୍ୟପର ଶିଷ ।
କମ୍ପିଲା ଭୁବନ ଗୋଟି ପକ୍ଷର ପବନେ
ଭୟେ ଗୃହରେ ପଶିଲେ ଯାଇ ମାତାମାନେ ।
ଗଗନମାର୍ଗେ ଉଡଇ ବିନତାର ସୁତ
ପକ୍ଷପବନେ ଉଡିଲା ପାଦପ ପର୍ବତ ।
ପୁଣ ପୁଣ ପକ୍ଷ ବିଞ୍ଚେ ଯୋରେ ଖଗମଣି
ଆନ୍ଦୋଳି ଉଚ୍ଛୁଳି ଉଠେ ସାତସିନ୍ଧୁ ପାଣି ।
ଆକାଶରେ ଦେବେ ଏହା ଦେଖି ଭୟକରି
ବନ ଜନ୍ତୁଏ ଉଡନ୍ତି କମ୍ପେ ବସୁନ୍ଧରୀ ।

Digitized by srujanika@gmail.com

ତା ଦେଖି ଦେବେ ଡାକିଲେ ଖଗବର ଶୁଣ
ଅର୍ଦ୍ଧ ଆକାଶରେ ରହ ନ କାଟୁ ପବନ ।
ନ ରହି ସର୍ପ ସମୁଦ୍ରେ ମିଳିଲାକ ଯାଇ
ପବନ ଦେଖିଣ ସର୍ପେ ଫଣା ଟେକି ଚାହିଁ ।
ସର୍ପଙ୍କୁ ଦେଖି ଗରୁଡ଼ ଝାମ୍ପିଲାକ ରାଗେ
ଗୋଟିଏ ସର୍ପ ନେଇଣ ଉଡେ ସ୍ୱର୍ଗ ମାର୍ଗେ ।
ଆଉ ଅବା କେତେ ସର୍ପ ସେହିଠାରେ ଥିଲେ
ମାତା ଭୟରେ ଯାଇଣ ପାତାଳେ ପଶିଲେ ।
ବାସୁକି ଆଗରେ ଯାଇଁ କହିଲେ ସମସ୍ତ
ଅନେକ ନାଗ ଭକ୍ଷିଲା ବିନତାର ସୁତ ।
ଜଳ କ୍ରୀଡ଼ା ଆମ୍ଭେ ସୁଖେ କରୁଥିଲୁ ରହି
ଅଦ୍ଭୁତେ ଆସି ନାଗଙ୍କୁ କଦ୍ରୁ ଦେଲା ଖାଇ ।
ବାସୁକୀ ବୋଇଲା ତୁମ୍ଭେ ତହିଁ କିମ୍ପା ଯାଅ
ନାଗଗଣଙ୍କ ସଙ୍ଗରେ ପାତାଳରେ ଥାଅ ।
ବାସୁକୀ ବାକ୍ୟେ ରହିଲେ ତହିଁ ନାଗଗଣ
ନ ଗଲେ କାହିଁ ଭୟରେ ନ ଘଟେ ମରଣ ।
ରାଜା ପୁଚ୍ଛିଲେ ବିନତା ନାଗେ କିପାଁ ରୋଷ
ମୁନି ବୋଇଲେ ଭୁଜଙ୍ଗେ କଶ୍ୟପଙ୍କ ଶିଷ୍ୟ ।
କଦ୍ରୁଙ୍କଠାରୁ ସେମାନେ ହୋଇଛନ୍ତି ଜନ୍ମ
ବୈମାତୃ ଗୁଣରେ ଜାଣ ଥାଇ ଅପମାନ ।
ବିନତାକୁ ଗୌରବେ ସେ ନ କରନ୍ତି ମାନ୍ୟ
ଏହେତୁ ବିନତା ପୁତ୍ର କହିଲେ ଏସନ ।
ମାତା ବଚନେ ସର୍ପ ତା ଅମୃତ ଭୋଜନ
ଏଥୁ ଅନନ୍ତରେ ପୁଣି ବିନତାନନ୍ଦନ ।
ଯେ ଆଧାର ଧରିଥିଲା ହୋଇଲାକ ଗରୁ
ବସିବାକୁ ବିଚାର ସେ କରେ ହନ୍ତକାରୁ ।
ପର୍ବତେ ବସନ୍ତେ ସେହି ନ ପାରିଲେ ସହି
ମେରୁରେ ବସନ୍ତେ ସେହୁ କମ୍ପମାନ ହୋଇ ।
ଭୂମିରେ ବସନ୍ତେ ପୃଥ୍ୱୀ ହେଲା ଟଳମଳ
ପୁଣି ଉଡ଼ିଲା ଆକାଶେ ଖଗ ମହାବଳ ।
ବସିବା ପାଇଁକି ଠାବ ନ ପାଇଲା କାହିଁ
ଉଡୁଅଛି ଗଗନେ ସେ ମହାଶ୍ରମ ପାଇ ।
କହୁଛନ୍ତି ମହାମୁନି ଶୁଣ ମହୀପାଳ
ନ୍ୟଗ୍ରୋଧନ ବୃକ୍ଷଭ ଯେ ଶତ ଗୁଣ ତାଳ ।
ଭ୍ରମଣ କରିଣ ଯହୁଁ ନ ପାଇଲା ସ୍ଥାନ
ସେ ବୃକ୍ଷେ ବସିଲା ଯାଇ ବିନତା ନନ୍ଦନ ।
ବସିକରି ସେ ସର୍ପକୁ ଖାଇଲା ତତ୍ପର
ମହାଭାର ପାଇ ଭାଙ୍ଗିଗଲା ତରୁବର ।
ନିର୍ଘାତ ପଡ଼ିଲା ପରି ଶବଦ ଶୁଭିଲା
ଦେବେ ବିଚାରିଲେ ନ୍ୟାଗ୍ରୋଧନହିଁ ଭାଙ୍ଗିଲା ।
କଶ୍ୟପପୁତ୍ର ଗରୁଡ଼ ବଳେ ମହାବୀର।
କୋଟି ବଜ୍ରତୁଲ୍ୟ ବୃକ୍ଷ ନ ସହିଲା ଭର।
ଆଗରୁ ସେ ବୃକ୍ଷ ଯହୁଁ ହୋଇଥିଲା ଜାତ
ନଗ୍ରୋଧନ ନାମ ତାର ଦେଲେ ଚଉମାଥ ।
ଶତେକ ମେରୁ ସମାନ ଯେଉଁ ବୃକ୍ଷ ଗରୁ
ବସିଲା ମାତ୍ରେ ଭାଙ୍ଗିଲା ଏଡ଼େ ହନ୍ତକାରୁ ।
ସେ ବୃକ୍ଷର ଚେର ଯାଇ ମେରୁରେ ଜନ୍ତିତ
ସେ ଅଷ୍ଟ ଡାଳରୁ ଡାଳେ ହୋଇଲାକ ନତ
ଯାହା ବାଞ୍ଛିବେ ସେ ବୃକ୍ଷମୂଳେ ସିଦ୍ଧ ହୋଇ
କୋଟି ପ୍ରଳୟ ଗଲେ ସେ ବୃକ୍ଷ ନାଶ ନୋହି
ଦେବେ ବିଚାରନ୍ତି ନାଶ ଯିବ ବସୁନ୍ଧରୀ
ଏଡ଼େ ବୃକ୍ଷଭରା ପୃଥ୍ୱୀ ସହିବ କି ପାରି ।
ଦେବେ ଡାକି ବୋଇଲେକ ଶୁଣ ଖଗବର
ଏ ବୃକ୍ଷ ପଡ଼ିଲେ ନା ଯିବଟି ସଂସାର ।
ଦେବତାଙ୍କ ଡାକ ଶୁଣି ଗରୁଡ଼ କର୍ଣ୍ଣରେ
ଧାତିକାରେ ବୃକ୍ଷଡାଳ ଧଇଲା ଥଣ୍ଟରେ ।
ଦୀର୍ଘପତି ଦେଢ଼ଶତ ଯୋଜନ ଯେ ଡାଳ
ଗଗନ ଘେନି ଉଡିଲା କଶ୍ୟପର ବାଳ ।
ସ୍ୱର୍ଗର ଦେବତା ଦେଖି କଲେ ଧନ୍ୟ ଧନ୍ୟ
ସେ ବୃକ୍ଷ ଘେନି ଘଡ଼ିକେ ବୁଲେ ତ୍ରିଭୁବନ ।
ଏମନ୍ତେ ଉଡିଲା ସେହୁ ଶତବର୍ଷ ଯାଏ
ଝର ଝର ଶରୀରରୁ ଶ୍ରମଝାଳ ବହେ ।
ଯହୁଁ ଖଗବର ବୁଲି ନ ପାଇଲା ଥାନ
ବୈକୁଣ୍ଠେ ଥାଇ ଜାଣିଲେ ତାହା ଭଗବାନ
ବ୍ରାହ୍ମଣ ସ୍ୱରୂପ ଏକ ଧରି ଚକ୍ରଧର
ଯାଇଣ ଗରୁଡ଼ ଆଗେ ମିଳିଲା ସତ୍ୱର ।
ଦେଖିଲେ ଅତ୍ୟନ୍ତ ତାର ବିସ୍ତାରିତ କାୟେ
ଭୁଜକୁ ବିସ୍ତାରି ଦେଲେ ତହୁଁ ଦେବରାୟେ
ଡାକିଲେ ଶ୍ରଦ୍ଧାରେ ଆସ କଶ୍ୟପ କୁମର
ଭୁଜରେ ମୋ ବସି ତୋର ଶ୍ରମ କର ଦୂର
ଗରୁଡ଼ ବୋଇଲା ତୁମ୍ଭେ ନ ପାରିବ ସହି
ମୋହର ଭାରା ବସୁଧା ନ ପାରିଲା ସହି ।

Digitized by srujanika@gmail.com

ଶତେ ବରଷ ହେଲାଣି ଉଡୁଛି ଗଗନ
କାହିଁ ବସିବାକୁ ମୁହିଁ ନ ପାଇଲି ସ୍ଥାନ ।
ତୋହର ହସ୍ତରେ ଯେବେ ବସିବି ମୁଁ ଯାଇ
ଅକାରଣେ ମରିଯିବୁ ପ୍ରୟୋଜନ ନାହିଁ ।
ବୋଇଲେକ ନାରାୟଣ ଆସ ଆସ ବସ
ମୁହିଁ ନାଶଗଲେ ଯିବି ତୋର ନାହିଁ ଦୋଷ
କେହି ନ ପାରିଲେ ସହି ବସନ୍ତେ ତୁ ସିନା
ଦେଖେ ଆସ ବସିଲୁ ତୁ ମୋ ଭୁଜରେ କିନା
ଗରୁଡ଼ ଶୁଣି ବିଚାରେ ଏକେଉଁ ଦେବତା
ଚିତୋଇଲା ପୂର୍ବେ ଯାହା କହିଥିଲା ପିତା ।
ବିଚାରଇ ନିଶ୍ଚେ ଏହୁ ହେବେ ନାରାୟଣ
ଆନ କେହୁ ଏଡ଼େ ଭୁଜ ଦ୍ୟନ୍ତା ବିସ୍ତାରିଣ ।
ଦେଖି ବିଶ୍ରାମ କରିବା ଭୁଜେ ଦଣ୍ଡେ ଯାଇ
କେତେ ବଳ ବହିଛି ଏ ପରଖିବ ମୁହିଁ ।
ଯା ଭାଳି ସ୍ୱର୍ଗୁ ଖସିଲା କଶ୍ୟପର ସୁତ
ସାତ ଦ୍ୱୀପ କମ୍ପିଲେକ କମ୍ପିଲେ ପର୍ବତ ।
ନାରାୟଣଙ୍କ ଭୁଜରେ ବସିଲାକ ଯାଇ
ଭାଜିଲାକ ମହଶ୍ରମ ବସେ ସୁଖ ପାଇ ।
ନ ସହିବ ଭାଗ ବୋଲି ଭାଳେ ଖଗବର
ନାରାୟଣ ବୋଇଲେ ତୁ ସେଥିକି ନ ଡ଼ର ।
ପଡ଼ି ଯିବୁକି ବାବୁ ତୁ ବିଚାରିଛୁ ମନ
ପାଦକୁ ଚାହିଁ ନ କର ଚିତ୍ତ ଛନ୍ନ ଛନ୍ନ ।
ଗରୁଡ଼ ବୋଲେ ଏଥିକି ଭାଳୁଅଛି ମୁହିଁ
ନ ଶୁଣ ମହାତ୍ମା ଯେବେ ନ ପାରିବ ସହି ।
ତାହା ବଚନେ ହସିଲେ ଦେବ ନାରାୟଣ
ବୋଇଲେ ନ କର ଭୟ ବସତୁ ସୁଖେଣ ।
ଗରୁଡ଼ ପୁଚ୍ଛେ କି ନାମ ତୁ କେଉଁ ପୁରୁଷ
ମୋହର ଛାମୁରେ କାହୁ ହୋଇଲୁ ପ୍ରକାଶ ।
ପରଦୁଃଖେ ଦୁଃଖୀ ତୁ ଉତ୍ତମ ବିପ୍ରବର
ବହୁ କଷ୍ଟ ପାଉଥିଲି ସଖା ହେଲୁ ମୋର ।
ଧନ୍ୟ ତୋହର ଜୀବନ ଧନ୍ୟ ବଳ ତୋର
କଶ୍ୟପ ତୁଲ୍ୟ ହୋଇଲ ମୋ ଧର୍ମ ପିଅର ।
ମେରୁ ପୃଥ୍ୱୀ ପର୍ବତରୁ ଭୁଜ ତାର ଟାଣ
ମୋଭାରା ସହିଲୁ ତୋର ସାମାନ୍ୟ କି ପ୍ରାଣ
ମାଗ ଏବେ ବର ମୋତେ ଦେବି ତୋତେ ମୁହିଁ
ଶତେକ ବର୍ଷ ଉତ୍ତାରେ ସଖା ହେଲୁ ତୁହି ।

ଯାହା ମାଗି ପାରିବୁ ମୁଁ ଦେବି ନିଶ୍ଚେ ତୋତେ
ଯା ଶୁଣି ବୋଇଲେ ବିଷ୍ଣୁ ଗରୁଡ଼ ଅଗ୍ରତେ ।
ମୁହିଁ ସେହି ନାରାୟଣ ଜଗଦାଧିକାରୀ
ମୋହର ନାମ ଘୋଷନ୍ତି ହୃଦେ ବ୍ରହ୍ମଚାରୀ ।
ଏ ଚଉଦ ବ୍ରହ୍ମାଣ୍ଡ ଯେମୋର ଠହୁଁ ଜାତ
ମୁଁ ତୋତେ ଜାଣିଛି ତୁହି କଶ୍ୟପର ସୁତ ।
ବରଦେବୁ ଯେବେ ମୁହିଁ ମାଗୁଅଛି ତୋତେ
ହେ ଗରୁଡ଼ ମୋ ବାହାନ ହେବୁ ତୁ ନିରତେ
ଶୁଣି ବୈନତେୟ ମନେ ହୋଇଲା ସନ୍ତୋଷ
ନିଶ୍ଚୟ ତୋର ବାହାନ ହେଲି ପୀତବାସ ।
ନିଜ ସ୍ୱରୂପ ତୁମ୍ଭର ଧରି ଚକ୍ରଧର
ସଂଶୟ ମନରୁ ମୋର ତୁଟୁ ଦାମୋଦର ।
ତକ୍ଷଣେ ନିଜରୂପ ଧଇଲେ ଦେବରାଜ
ଶଙ୍ଖ ଚକ୍ର ଗଦାପଦ୍ମ ଶୋହେ ଚତୁର୍ଭୁଜ ।
ଦେଖିକରି ଖଗବର ସନ୍ତୋଷ ହୋଇଲା
ପ୍ରଭୁ ପାଦେ ପଡ଼ି କୋଟି ନମସ୍କାର କଲା ।
ବୋଇଲା ଜୀବନ ମୋର ହୋଇଲା ସୁଫଳ
ମୋହର ପିଠିରେ ଏବେ ବସ ଆଦିମୂଳ ।
ସର୍ବଦାକାଳେ ତୋହର ହେଲି ମୁହିଁ ଦାସ
ନିଜପୁରକୁ ତୁମ୍ଭର ଚାଲ ପୀତବାସ ।
ଶୁଣିକରି ନାରାୟଣ ସନ୍ତୋଷ ହୋଇଲେ
ପକ୍ଷୀରାଜ ହେଲୁ ବୋଲି ଶାଢ଼ୀ ବାନ୍ଧିଦେଲେ
ଦେଖିକରି ଦେବତାଏ ସାଧୁ ସାଧୁ କଲେ
ବୈନତେୟ ପୃଷ୍ଠେ ହରି ବିଜୟ କରିଲେ ।
ବିଷ୍ଣୁଙ୍କୁ ପୃଷ୍ଠେ ବସାଇ ଉଡିଲା ଗଗନ
ବେନିକୋଟି ସୂର୍ଯ୍ୟପ୍ରାୟେ ବିରାଜେ କିରଣ ।
ରମ୍ୟକଦ୍ୱୀପରେ ଯାଇ ପ୍ରବେଶ ହୋଇଲେ
ନାରାୟଣଙ୍କ ସନ୍ନିଧେ ଗରୁଡ଼ ରହିଲେ ।
ଦେଖିଲେ ସେ ପୁର ଗୋଟି ରତ୍ନରେ ନିର୍ମିତ
ଦେଖିଣ ପରମତୋଷ ସେ କଶ୍ୟପ ସୁତ ।
ରମ୍ୟକଦ୍ୱୀପେ ସେ ନ୍ୟାଗ୍ରୋଧ ନ ଡ଼ାଳ ଥୋଇ
କ୍ଷୀର ସମୁଦ୍ରେ ରହିଲା ସେ ଗୁପତ ହୋଇ ।
ସେ ଡାଳଟି ପାରିଜାତ ବୃକ୍ଷ ପାଲଟିଲା
କ୍ଷୀରସିନ୍ଧୁ ମନ୍ଥନରୁ ସେ ଜାତ ହୋଇଲା ।
ଅନନ୍ତ ଶେଯେ ଶୟନ କଲେ ଭଗବାନ
ସ୍ୱର୍ଣ୍ଣାସନେ କରଯୋଡ଼ି ବସିଲେ ସୁବର୍ଣ୍ଣ ।

Digitized by srujanika@gmail.com

ରାଜା ପୁଚ୍ଛିଲେ କେମନ୍ତେ ସହିଲା ତା ଭାର
ବିନତା ସୁତ ଦୁର୍ଭାର ଅଟେ ମହାବୀର ।
ନାରଦ ବୋଇଲେ ସେହି ଶ୍ରୀହରିଙ୍କ ସ୍ଥାନ
ଗରୁଡ଼ ଭରା ସହିଲା ତେଣୁ ହେ ରାଜନ ।
ଆନପୁର ବହିବାକୁ ତାକୁ କି ସାମର୍ଥ
ସେ ପୁର ବହିଲା ତହିଁଛନ୍ତି ପଦ୍ମନେତ୍ର ।
ଆବର ଶାନ୍ତ ମୁରତି ଧରି ଖଗସାଇଁ
ନିଶ୍ଚଳେ ନାରାୟଣଙ୍କୁ ବସିଲାକ ଧ୍ୟାୟୀ ।
କହୁଛନ୍ତି ସେ ନାରଦ ଶୁଣ ନୃପବର
କହିଲା ଗୁରୁତର ଏ ଜନ୍ମ ସମାଚାର ।
ଶୁଣିକରି ସନ୍ତୋଷ ଯେ ହେଲେ ମହୀପାଳ
ଗରୁଡ଼ ପାଦ ନମଇଁ ବିପ୍ର କାମପାଳ
ଇତି ଶ୍ରୀ ମତ୍ସ୍ୟପୁରାଣେ ନାରଦ ଇନ୍ଦ୍ରଦ୍ୟୁମ୍ନ
ସମ୍ବାଦେ ଗରୁଡ଼ପ୍ରୋକ୍ତି ନାମ
ଦଶମୋଽଧ୍ୟାୟଃ ।

ଏକାଦଶ ଅଧ୍ୟାୟ
ସତ୍ୟବ୍ରତ ବିବାହ

ରାଜା ପଚାରନ୍ତି ପୁଣି ଶୁଣ ମୁନିବ୍ରହ୍ମ
କହ ସତ୍ୟବ୍ରତ ରାଜା ବିବାହ ବିଧାନ ।
ବିଭା ହେଲେଟିକି ସତ୍ୟବ୍ରତ ଦଣ୍ଡଧାରୀ
ଶୁଣିବି ତାଙ୍କ ଚରିତ କହ ବ୍ରହ୍ମଚାରୀ ।
କହିଲେକ ମହାମୁନି ଶୁଣ ନୃପନାଥ
କାଳେ ସୋମ ନରେଶଙ୍କ ଝିଅ ହେଲା ଜାତ
ଅତି ସୁଲକ୍ଷଣୀ ସେହୁ ଚଞ୍ଚଳା ସମାନ
ସୁପ୍ରଭା ବୋଲି ତାହାର ପିତା ଦେଲା ନାମ ।
କାଳେ ନବଯୁବା ପ୍ରାପ୍ତ ସେ ଯୁବତୀ ହେଲା
ସତ୍ୟବ୍ରତେ ସୋମରାଜା ବରିଣ ଆଣିଲା ।
ବୈଶାଖେ ମାସ ଶୁକଳ ତ୍ରୟୋଦଶୀ ଦିନ
ବିବାହାର୍ଥେ ସତ୍ୟବ୍ରତ କରନ୍ତି ଗମନ ।
ପାଞ୍ଚଯତ ଅଶ୍ୱ ତୁଲେ ଚଳନ୍ତି ତାଙ୍କର
ରଥ ଭିଆଣ ନୋହିଛି ନାହିଁ ମର୍ତ୍ତ୍ୟପୁର ।
ସ୍ୱଭାବରେ ନବତନ ହୋଇ ବସୁନ୍ଧରୀ
ତେଣୁଅଳ୍ପ ଜନପଦ ସଙ୍ଗେ ତାହାଙ୍କରି ।
ବ୍ରାହ୍ମଣ ଜନମାନେ ଯେ ସଙ୍ଗତରେ ଛନ୍ତି
ସୋମରାଜା ନିକଟରେ ମିଳିଲେ ନୃପତି ।
ବାକ୍ୟକାର ନାହିଁ ପତ୍ର କାହାଳୀ ବାଜଇ
ସୋମରାଜା ଆସି ତାକୁ ବରିଗଲେ ନେଇ ।
ବେଦି ଛାମୁଣ୍ଡିଆ ଯତ୍ନେ କରିଲେ ନିର୍ମାଣ
ବିଷ୍ଣୁବଂଶୀ ରାଜା ସେ ପବିତ୍ର ବିଦ୍ୟମାନ ।
ମଙ୍ଗଳ ଗୀତ ଗାଇଣ ହୁଳହୁଳି ଦେଲେ
ବରବେଶ ହୋଇ ସତ୍ୟବ୍ରତ ଯେ ବସିଲେ
ସୋମରାଜା ବସି କଲେ ବରୁଣର ପୂଜା
ବରୁଣ ପୂଜା ସାରିଲେ ସତ୍ୟବ୍ରତ ରାଜା ।
ସତ୍ୟବାକ୍ୟ ଉଚ୍ଚାରିଣ ଗନ୍ଧବାସ କଲେ
କୌତୁକ ସୂତ୍ରରେ ଦୁର୍ବା ଗୁଡ଼ିଏ ବାନ୍ଧିଲେ ।
ବର ମୁଣ୍ଡରେ ମୁକୁଟ ବାନ୍ଧିଲେକ ନେଇ
ସୁବର୍ଣ୍ଣ ମୁକୁଟ ସପ୍ତଶାଖା ସେ ଅଟଇ ।
ଲବଣ ଚାମର ସାରି ମହାବାପେ୍ୟାଚାରି
କନ୍ୟାକୁ ଘେନି ଅଇଲେ ବେଶଭୂଷା କରି ।
କୁଶ ଗ୍ରନ୍ଥି ବାନ୍ଧି ଶିରେ ମୁକୁଟ ବାନ୍ଧିଲେ
ଅଗ୍ନିରେ ହୋମ କରିଣ ବିବାହ ସାରିଲେ ।
ଯଉତୁକ ଭିଆଣାଦି ଦେଲେ ପୁରୋହିତ
ଯେସନକ ପୂର୍ବବିଧି ଅଛି ବେଦମତ ।
ସୋମରାଜା ରତ୍ନ ଯଉତୁକ ସମର୍ପିଲେ
ବରକନ୍ୟାଙ୍କୁ ବନ୍ଦାଇ ଗୃହେ ଘେନିଗଲେ ।
ଜୁଆ ଖେଳିଲେ ସୁବର୍ଣ୍ଣ କୌଡ଼ି କରେ ଘେନି
ଶୀତଳକୁଣ୍ଡୀ କରିଲେ ବରକନ୍ୟା ବେନି ।
ଆଚମନ ସାରି ଆସି ଆସ୍ଥାନେ ବସିଲେ
ଏସନକ ସମୟରେ ରବି ଅସ୍ତ ଗଲେ ।
ମଧୁଶଯ୍ୟାରେ ଶୟନ କରିଲେକ ବେନି
ବିବିଧ କଉତୁକରେ ବଞ୍ଚିଲେ ରଜନୀ ।
ପ୍ରଭାତ ହୁଅନ୍ତେ ଉଠିଲେ ବେଗେ ନୃପବର
ଗୃହକୁ ଯିବା ପାଇଁକି ହେଲେ ତତପର ।
କନ୍ୟାକୁ ମତ୍ତମାତଙ୍ଗ ପରେ ବସାଇଲେ
ସୋମନୃପତି ତାହାକୁ ପାଛୋଟି ଅଇଲେ ।
ଦୁହିତାକୁ ସମର୍ପିଣ ଦେଇ ନୃପବର
ବାହୁଡ଼ି ଆସି ମିଳିଲେ ରାଜା ନିଜପୁର ।
ତାହାଙ୍କର ସୈନ୍ୟବଳ ସଙ୍ଗତରେ ଘେନି
ନିଜପୁରେ ଗଲେ ସତ୍ୟବ୍ରତ ନୃପମଣି
ଚତୁର୍ଥୀଶ୍ରାଦ୍ଧ ସପ୍ତାହ ମଙ୍ଗଳା ସାରିଲେ
କେତେକ ଦିନେ ଗୃହରେ ପ୍ରବେଶ ହୋଇଲେ

Digitized by srujanika@gmail.com

କାଳେ କୁମର ଦୁହିତା ହେଲା ତାଙ୍କ ଜାତ
ପୃଥୁ ଆଦି ରାଜାଙ୍କୁ ତା ଦେଲା ନରନାଥ ।
ବ୍ରହ୍ମା ଅନେକ କନ୍ୟାଙ୍କୁ ଆଣି ଯୋଗାଇଲେ
ନୃପତିମାନେ ତାହାଙ୍କୁ ବାଣ୍ଟି ବିଭା ହେଲେ
ପୁତ୍ରମାନେ ତାଙ୍କଠାରୁ ହୋଇଲେକ ଜାତ
ରାଜ୍ୟେ ୨ ସେହି ମାନେ ହେଲେ ନରନାଥ ।
ଦୁହିତାମାନେ ପୁନଶ୍ଚ ବହୁ ହେଲେ ଜାତ
ସ୍ତିରୀ ପୁରୁଷ ଜନମ ହେଲେ ଅପ୍ରମିତ ।
ଶତେ ପଞ୍ଚାଶ ରାଜାଙ୍କଠାରୁ ଜାତ ହେଲେ
ସହସ୍ର ବରଷେ ସର୍ବେ ପୃଥ୍ୱୀରେ ବ୍ୟାପିଲେ ।
ଚାରି ଉଣା ଏକଲକ୍ଷ ନୃପକାଳେ ହେଲେ
ପୃଥିବୀ ମଧ୍ୟରେ ସର୍ବେ ବ୍ୟାପିଣ ରହିଲେ ।
ବାଣ୍ଟିକରି ସର୍ବେ ଭୋଗ କଲେ ବସୁନ୍ଧରୀ
ନାନାଜାତି ଜନପଦ କହିତ କେ ପାରି ।
ସୁରଭିହୁଁ ଗୋରୁ ଜନ୍ମି ପୁରିଲେ ଜଗତ
ବରଷନ୍ତି ମେଘ ଶସ୍ୟ ଫଳି କଲା ସୁସ୍ଥ ।
ସୁଧର୍ମା ସଭାରେ ଯାଇ ସକଳେ ବସନ୍ତି
ସୁରଭି ପୁରେ ବ୍ରହ୍ମାଙ୍କ ଭୁବନେ ଗମନ୍ତି ।
କ୍ଷୁଧା ତୃଷା ନାହିଁ ନିରିମଳ ଦେହମାନ
ମନଇଚ୍ଛା ହେଲେ ତହିଁ କରନ୍ତି ଭୋଜନ ।
ସ୍ୱର୍ଗ ମର୍ତ୍ତ୍ୟ ପାତାଳରେ ଆଚାର ଏକତ
ଅହଙ୍କାର ନାହିଁ ସ୍ଥାନେ ବସନ୍ତି ସମସ୍ତ ।
ନୃପତିମାନଙ୍କୁ ବ୍ରହ୍ମା ଧନୁର୍ବିଦ୍ୟା ଦେଲେ
ସହସ୍ର ମନ୍ତ୍ରମାନାଦି ସବୁ ସମର୍ପିଲେ ।
ପ୍ରଳୟ ଜଳରୁ ଯେବେ ବେଣୁବୃକ୍ଷ ଜାତ
ତହୁଁ ବିଶ୍ୱକର୍ମା ଧନୁ ଭ୍ୟାଇଲା ବହୁତ ।
ବିଷ୍ଣୁ ରୁଦ୍ର ବରୁଣ ଯେ କୁବେରକୁ ଦେଲା
ଆବର ଦେବତା ଯେତେ ସବୁଙ୍କୁ ଅର୍ପିଲା ।
ନୃପତିଗଣଙ୍କୁ ସେହୁ ଥୋକେ ଧନୁ ଦେଇ
ଆବର ଦେବ ଭଣ୍ଡାରେ ଥୋଇଲାକ ନେଇ
କଶ୍ୟପଙ୍କ ସାନପୁତ୍ର ନାମ ରତ୍ନାକର
ତାହାଙ୍କୁ ଶ୍ରୀ ନାରାୟଣ କରିଲେ କୁବେର ।
ବାଆନକୋଟି ଭଣ୍ଡାର ରହିଲା ତା ହାତେ
ଏବେ ଏକମନ ହୋଇ ଶୁଣ ନରପତେ ।
କାଳେ ପୁଣି ବେଣୁବୃକ୍ଷ ମେଦିନୀରୁ ଜାତ
ସବୁରିଙ୍କଠାରେ ଧନୁ ବ୍ୟାପେ ଅପ୍ରମିତ ।

ତିନିପୁରେ ବ୍ୟାପ୍ତ ହେଲା ସେହି ଧନୁର୍ବାଣ
ସକଳ ସହି ବିଧାତା କରିଲା ଭିଆଣ ।
ରତ୍ନଜାତ ବୋଲିକରି ଅଛି ଏକ ଗିରି
ତମ୍ବା କଂସା ପିତଳାଦି ଲୌହ ଜାତକରି ।
ବିଶ୍ୱକର୍ମା ତହୁଁ ଶସ୍ତ୍ର ଗଢ଼ିଲା ଯତ୍ନରେ
ଗଦା ଭୁଷଣ୍ଡି ମୁଦ୍‌ଗର ସଂଖ୍ୟା କେହୁ କରେ
ବିଧାତା ଆଜ୍ଞାରେ ସେହୁ ସମସ୍ତଙ୍କୁ ଦେଲା
ଅସୁର ଦେବନରଙ୍କୁ ତା ପ୍ରାପତହେଲା ।
ଥୋକେ ଦେବ ଭଣ୍ଡାରେ ଥୋଇଲା ବିଶ୍ୱକର୍ମା
କହୁଅଛନ୍ତି ନାରଦ ଶୁଣ ହେ ମହାତ୍ମା ।
ଏମନ୍ତେ ନାନା ବିଧିରେ ଜଗତ ହେଲା ଜାତ
ଏରୂପେ ସୃଷ୍ଟି ସୃଜିଲେ ବ୍ରହ୍ମା ଦଇବତ ।
ମେଘମାନେ ଜଳଆଣି ସମୁଦ୍ରେ ବର୍ଷନ୍ତି
ଇନ୍ଦ୍ରଙ୍କ ଆଜ୍ଞାରେ ସେହୁ ଜଗତ ପାଳନ୍ତି ।
ନଦୀମାନେ କାଳେ ପୁଣି ସମ୍ଭୂତ ହୋଇଲେ
ମେଦିନୀରୁ କେହୁ ପର୍ବତରୁ ବୋହିଗଲେ ।
ଆତ୍ମାରୂପେ ନାରାୟଣ ପୂରେ ସର୍ବଦେହ
ପ୍ରକୃତି ଘେନି ବିହରି ଲାଗେ ମାୟା ମୋହ ।
ଆଦ୍ୟାଶକ୍ତିଠାରୁ ନାରୀମାନେ ଜନ୍ମ ହେଲେ
ପରମବୀଜରୁ ପୁଣି ପୁରୁଷ ଜନ୍ମିଲେ ।
ପୂର୍ବରୁ ଭିଆଣ ହେଲା ବେଦ ଅନୁମତେ
କାଳ ବିଶ୍ରାମିଲା ପୁଣି ଜନଙ୍କର ଗାତ୍ରେ ।
ଈଶ୍ୱର ଦେହରୁ ଜାଣ ଜନମିଲା କାଳ
ବିଷ୍ଣୁ ନେତ୍ରୁ ଚିତ୍ରଗୁପ୍ତ ସେ ତାଙ୍କର ବାଳ ।
ବିଷ୍ଣୁଙ୍କ ପୁତ୍ରକୁ ଯମପଣେ ଶାଢ଼ୀ ଦେଲେ
ଏହୁ ତିନି ଜଣ ତାଙ୍କ ସନ୍ନିଧେ ରହିଲେ ।
ତାହାଙ୍କ ପୁର ଦେଖିଲେ ସଞ୍ଜିବନୀ ନାମ
ସେପୁରେ ପଡ଼ଇ ନାହିଁ ସୂର୍ଯ୍ୟଙ୍କ କିରଣ ।
ଥୋକେ ଦିନେ ଯମପଣ ଛାଡ଼ିଲେକ ଋଷି
ପୁନରପି ଜନ୍ମହେଲେ ସୂର୍ଯ୍ୟଙ୍କର ବଂଶୀ ।
ବେଦ ଅନୁକ୍ରମେ ଆତଯାତ ସେ କରନ୍ତି
ପାପପୁଣ୍ୟ ବୁଝି ପ୍ରାଣୀମାନଙ୍କୁ ଦଣ୍ଡନ୍ତି ।
କର୍ମାନୁସାରେ ନାନାଦି ଯୋନିଜନ୍ମାକରି
ସ୍ତ୍ରୀ ପୁରୁଷଙ୍କୁ କରନ୍ତି ଏତେ ଏତେ ସରି ।
କହିଲି ହେ ରାଜା ସଂସାରର ସ୍ଥିତିକଥା
ଯେସନ ପ୍ରକାରେ ସୃଷ୍ଟି ଭ୍ୟାଇଲେ ବିଧତା

Digitized by srujanika@gmail.com

ବିଶ୍ୱକର୍ମା ରଥମାନ ଭିଆଇଲେ ଜଗତେ
ଦେବତା ମନୁଷ୍ୟ ଆଦି ଚଢ଼ି ସେହି ରଥେ ।
କାଳେ ଦକ୍ଷ ପ୍ରଜାପତି ଯାଗ ଆରମ୍ଭିଲେ
ରୁଦ୍ରଙ୍କୁ ନ ବରିଲାରୁ ଯାଗ ନାଶକଲେ ।
ଶୁଣ ଆହେ ନାରାୟଣ ବଦନ୍ତି ନାରଦ
ମତ୍ସ୍ୟ ପୁରାଣ ପଢ଼ନ୍ତେ ହରିବ ପ୍ରମାଦ ।
ଶ୍ରୀ ମତ୍ସ୍ୟପୁରାଣ ଏ ଯେ ସୁଧାମୟ ରସ
ଜ୍ଞାନୀ ଅଜ୍ଞାନୀ ସବୁଠି ଚନ୍ତି ପୀତବାସ ।
ଇନ୍ଦ୍ରଦ୍ୟୁମ୍ନ ପଚାରନ୍ତି ଅଳ୍ପ ହସି କରି
ଚନ୍ଦ୍ର ସୂର୍ଯ୍ୟବଂଶ କାହୁଁ ଜନ୍ମିଲେ କିପରି ।
ନାରଦ କହନ୍ତି ସୂର୍ଯ୍ୟଠାରୁ ମନୁ ଜାତ
ତହୁଁ ସୂର୍ଯ୍ୟବଂଶୀ ରାଜା ହୋଇଲେ ସମ୍ଭୂତ ।
ଚନ୍ଦ୍ରଙ୍କ ନନ୍ଦନ ଜାଣ ବୁଧ ଗ୍ରହ ହେଲା
ପୁରୋରବା ତାହାଙ୍କଠାରୁ ଜନମିଲା ।
କାଳେ ପୃଥିବୀରେ ସେଯେ ହୋଇଲେ ନୃପତି
ତହିଁରୁ ଚନ୍ଦ୍ରବଂଶୀ ଯେ ଜନ୍ମିଲେ ପୃଥ୍ୱୀ ।
ଭୃଗୁଙ୍କର ନନ୍ଦନ ଯେ ଶୁକ୍ର ହେଲେ ଜାତ
କଶ୍ୟପଙ୍କର ସପତ ଯେ ଅଟନ୍ତି ଦଇତ୍ୟ ।
ଗୁରୁ କରିଣ ଅସୁରେ ତାଙ୍କୁ ପୂଜା କଲେ
ବ୍ରହ୍ମାସୁତ ଦେବଗୁରୁ ବୃହସ୍ପତି ହେଲେ ।
ସନ୍ତୋଷରେ ରାଜା ବୋଲେ ଶୁଣିଲି ସମସ୍ତ
ଆବର କଥାଏ ମୋତେ କହ ତପୋବନ୍ତ ।
ମତ୍ସ୍ୟପୁରାଣ ଚରିତ ଶୁଣିଲି କର୍ଣ୍ଣରେ
କିମ୍ପା କାଳ ବିଶ୍ରାମିଲା ପ୍ରାଣୀଙ୍କ ଅଙ୍ଗରେ ।
ମୁନି ବୋଇଲେ ଏହାର ନାମ ମୃତ୍ୟୁପୁର
ପ୍ରଥମ ସୃଷ୍ଟିକାଳେ ଯା ଭିଆଇଲେ ଶ୍ରୀଧର ।
ଏ ସୃଷ୍ଟିକାଳେ କି ଏକା ହୋଇଲା ଏସନ
ଗକାଗତ ଭିଆଣ ତା କେ କରିବ ଆନ ।
ବେଦଯାକ ହୋଇଲେ ଯେ ଦୈବ ଗର୍ଭଗତ
ଭୃଗୁବେଦ ଘେନି ବ୍ରହ୍ମା ରଚିଲା ଜଗତ ।
ତେଣୁକରି ଅନିତ୍ୟ ଏ ହୋଇଲା ସଂସାର
ଅଳ୍ପ ଆୟୁ ହେଲା ତେଣୁ ଜନଜନ୍ତୁଙ୍କର ।
ରାଜା ବୋଲେ ବେଦରୁ ଯେସବୁ ହେଲା ଜାତ
ମନୁଷ୍ୟ ନାଗଲୋକ ଯେ ଦେବତା ସମସ୍ତ
ତାହାଙ୍କର ଅଙ୍ଗେ କିମ୍ପା ମୃତ୍ୟୁ ନ ପଶିଲା
ଜନଲୋକରେ ଏ ମୃତ୍ୟୁ କିମ୍ପା ବିଶ୍ରାମିଲା ।

ନାରଦ ବୋଇଲେ ତୁମ୍ଭେ ଇନ୍ଦ୍ରଦ୍ୟୁମ୍ନ ଶୁଣ
ଯେବଣ କାଳେ ଭିଆଇଲେ ସୃଷ୍ଟି ନାରାୟଣ
ଅନେକ କାଳ ପର୍ଯ୍ୟନ୍ତ ମୃତ୍ୟୁ ତାର ନାହିଁ
ମଧ୍ୟଭୁବନ ଲୋକେ ଯେ ଛନ୍ତି ସୁଖେ ରହି ।
କାଳ ବିଶ୍ରାମିଲେ ତହୁଁ ହୋଇଲେ ସଂସାରୀ
ବେଦର ବଚନ ଆନ କେହୁ କରି ପାରି ।
ସ୍ୱର୍ଗରେ ଅଛନ୍ତି ଜାଣ ଦେବତା ସକଳେ
ଅମୃତ ଖାଇ ଅମର ହେଲେ ସବୁକାଳେ ।
ମୃତ୍ୟୁପୁରର ଲୋକେ ଯେ ନୁହନ୍ତି ଅମର
ଏହିରୂପେ ଆତଯାତ ହେଉଛି ସଂସାର ।
ବେଦରୁ ଜନ୍ମିଲାକୁ କି ଅମର ହୁଅନ୍ତେ
ସେହି ବେଦ କହିଲା ଜନଙ୍କ ମୃତ୍ୟୁପଥେ ।
ଶୁଣିଣ ସେ ଇନ୍ଦ୍ରଦ୍ୟୁମ୍ନ ସନ୍ତୋଷ ହୋଇଲେ
ବେଦ ଯେ ଭଗ୍ନ ହୋଇଲା ତା କେମନ୍ତେକଲେ
କହନ୍ତି ମହାମୁନି ଯେ ଶୁଣ ନୃପବର
ପରାଶର କୁଳେ ଜାତ ବ୍ୟାସ ଅବତାର ।
ସତ୍ୟବତୀ ନାମ କନ୍ୟା ହେଲା ତାଙ୍କ ମାତ
ଜନମିଲେ ବେଦବ୍ୟାସ ନାମେ ତପୋବନ୍ତ ।
ଅନେକ କାଳ ପର୍ଯ୍ୟନ୍ତ ସେହି ବେଦ ଥିଲା
ଯେ ଯେଉଁ ଅନୁକ୍ରମରେ ବେଦବ୍ୟାସ କଲା ।
ପୂର୍ବେ ବେଦ ଯେଉଁରୂପେ ହୋଇଥିଲା ଜାତ
ସେହି ଅନୁକ୍ରମ ଭିଆଇଲେ ତପୋବନ୍ତ ।
ଶୁଣ ମହାରାଜା ତୋତେ କହିଲି ତକଳ
ମତ୍ସ୍ୟ ଅବତାର ଯେହ୍ନେ ହେଲେ ଆଦିମୂଳ
ଏହି ମତ୍ସ୍ୟପୁରାଣକୁ ପଢ଼ିଲେ ଶୁଣିଲେ
ବେଦାଧ୍ୟୟନ ଯଜ୍ଞାଦି ଫଳ ଲଭ ଭଲେ ।
ସକଳ ପାପରୁ ପ୍ରାଣୀ ତରିବ ପ୍ରମାଣ
ବୈକୁଣ୍ଠ ପୁରେ ବସିବ ବିଷ୍ଣୁର ସମାନ ।
ତୁ ଯେ ମହାରାଜା ଯେଣୁ ବିଷ୍ଣୁରେ ଭକତି
ବିଷ୍ଣୁ ମତ୍ସ୍ୟାବତାରତା ଶୁଣିଲା ତୋ ଶ୍ରୁତି ।
ସକଳ ପାପମାନ ଯେ ହେଲା ତୋର ହତ
ମତ୍ସ୍ୟପୁରାଣ ଶୁଣିଲୁ ହୋଇବୁ ମୁକତ ।
ଶୁଣିକରି ନରପତି ଆନନ୍ଦ ହୋଇଲେ
ମୁନିଙ୍କର ଶ୍ରୀଚରଣେ ପ୍ରଣାମ କରିଲେ ।
ପାଦଧୂଳି ଶିରେ ଘେନେ ବସି ନୃପବର
ଶ୍ରୀ ମତ୍ସ୍ୟନାରାୟଣଙ୍କ ପାଦେ ନମସ୍କାର ।

Digitized by srujanika@gmail.com

ନାରାୟଣଙ୍କ ଆଜ୍ଞାରେ ଦେଖିଲଇଁ ମୁହିଁ
ଦୁଷ୍ଟଜନ ଉପହାସେ ମୋର ଭୟ ନାହିଁ ।
ନିନ୍ଦାକଲେ ଏ ପୁରାଣ ନରକକୁ ଯିବ
ବ୍ରହ୍ମାରୁଦ୍ର କେ ଏହାକୁ ଅନ୍ୟଥା କରିବ ।
ପଣ୍ଡିତ ଜନମାନେ ହେ ନ ଧରିବ ଦୋଷ
ଶ୍ରୀବିଷ୍ଣୁ ଆଜ୍ଞାରେ ଏହା କରିଲି ପ୍ରକାଶ ।

ଶ୍ରୀମତ୍ସ୍ୟ ନାରାୟଣଙ୍କ ଚରଣଙ୍କ କମଳ
ସର୍ବଦା ପ୍ରଣମି ନେଲେ ବିପ୍ର କାମପାଳ ।
ଇତି ଶ୍ରୀ ମତ୍ସ୍ୟପୁରାଣ ପବିତ୍ର କାହାଣୀ
ପ୍ରତିଦିନ ପଢ଼ି ଶୁଣି ଭବୁ ତର ପ୍ରାଣୀ ।
ଏହା ଶୁଣିଲେ ପ୍ରମାଦ କେଭେ ନ ପଡ଼ିବ
ନବଗ୍ରହ ଦୋଷଶାନ୍ତି ଅଚିରେ ହୋଇବ ।

ଇତି ଶ୍ରୀ ମତ୍ସ୍ୟପୁରାଣେ ନାରଦ ଇନ୍ଦ୍ରଦ୍ୟୁମ୍ନ ସମ୍ବାଦେ ସତ୍ୟବ୍ରତ
ପରିଣୟୋ ନାମ ଏକାଦଶୋଽଧ୍ୟାୟଃ ।

—ସମ୍ପୂର୍ଣ୍ଣ—

ବିଜ୍ଞାପନ

ପଶୁରାମପୁରାଣ ୧ ସେଟ	ଟ୯୦.୦୦
ଏକ୍ରାମ ପୁରାଣ	ଟ୧୫.୦୦
ଶ୍ରୀକୃଷ୍ଣ ବିଳାସ	ଟ[illegible]
ଆନନ୍ଦ ରାମାୟଣ	ଟ୧[illegible]
ଦାମୋଦର ପୁରାଣ	ଟ୯[illegible].୦୦
ସପ୍ତଚଣ୍ଡୀ ଚଣ୍ଡୀପୁରାଣ	[illegible]୦୦
ନାରଦ ପଞ୍ଚରାତ୍ରମ୍	[illegible].୦୦
କାଳିକା ପୁରାଣ	[illegible]୦୦
ତ୍ରିନାଥ ପୁରାଣ	ଟ[illegible]୦.୦୦
ରଘୁନାଥ ପୁରାଣ	ଟ୫୦.୦୦
ଚନ୍ଦ୍ରମୋହନ ରାମାୟଣ	ଟ୩୭୦.୦୦
କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ	[illegible]୭୫.୦୦
ଗର୍ଗ ସଂହିତା	[illegible].୦୦
ଚରକ ସଂହିତା	ଟ୨[illegible].୦୦
ଚଉପଦୀ ରତ୍ନମାଳା	[illegible].୦୦
ରହସ୍ୟମୟ ଶ୍ରୀ ଜଗନ୍ନାଥ	ଟ[illegible].୦୦
ମଥୁରାମଙ୍ଗଳ ସମୀକ୍ଷା	[illegible].୦୦
ଗୃହସ୍ଥ ଯୋଗୀ	[illegible].୦୦
ମାନସ ରହସ୍ୟ	[illegible]
ଗୀତା ରହସ୍ୟ ସେଟ୍	ଟ୧[illegible].୦୦
ତତ୍ତ୍ୱ ବ୍ରହ୍ମ ଗୀତା ସେଟ୍	[illegible]
କୁମାର ସମ୍ଭବ	ଟ[illegible] ୦୦

ମୁଦ୍ରଣ—ବିଶ୍ୱବିଦ୍ୟା ପ୍ରେସ, ଅଲିଶାବଜାର କଟକ-୨

Digitized by srujanika@gmail.com

ନିମ୍ନଲିଖିତ ପୁସ୍ତକ ସବୁ ସରସ କାଗଜରେ ସୁନ୍ଦର ଛାପା ହୋଇ ବିକ୍ରୟ ନିମିତ୍ତ ଗଚ୍ଛିତ ଅଛି । କ୍ରୟ କରିବା ପାଇଁ ଆପଣଙ୍କ ନିକଟସ୍ଥ ପୁସ୍ତକ ବ୍ୟବସାୟୀଙ୍କ ସହିତ ଯୋଗାଯୋଗ କରନ୍ତୁ ।

୧. ବ୍ରହ୍ମ ପୁରାଣ ସେଟ୍
୨. ପଦ୍ମ ପୁରାଣ
୩. ମହାବିଷ୍ଣୁ ପୁରାଣ
୪. ଶିବ ପୁରାଣ ସେଟ୍ (୫ଖଣ୍ଡ)
୫. ନାରଦ ପୁରାଣ
୬. ମାର୍କଣ୍ଡ ପୁରାଣ
୭. ଅଗ୍ନି ପୁରାଣ
୮. ଭବିଷ୍ୟ ପୁରାଣ
୯. ବ୍ରହ୍ମବୈବର୍ତ୍ତ ପୁରାଣ
୧୦. ଲିଙ୍ଗ ପୁରାଣ
୧୧. ବରାହ ପୁରାଣ
୧୨. ସ୍କନ୍ଦ ପୁରାଣ ଉତ୍କଳଖଣ୍ଡ
୧୩. ବାମନ ପୁରାଣ
୧୪. କୂର୍ମ ପୁରାଣ
୧୫. ମତ୍ସ୍ୟ ପୁରାଣ
୧୬. ଗରୁଡ଼ ପୁରାଣ
୧୭. ବ୍ରହ୍ମାଣ୍ଡ ପୁରାଣ
୧୮. ଭାଗବତ ସମ୍ପୂର୍ଣ୍ଣ ସେଟ୍

ମୂଲ୍ୟ:
ତିରିଶି ଟଙ୍କା

ଧର୍ମଗ୍ରନ୍ଥ ଷ୍ଟୋର®
ଅଲିଶା ବଜାର, କଟକ - ୨ ଫୋନ୍ : (୦୬୭୧) ୨୫୦୮୨୯୬
website : www.dharmagranthastore.com

Digitized by srujanika@gmail.com